# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




ପୁଣି ଜେଲ ଯିବେ ଆଶାରାମ
ପୃଷ୍ଠା ୪



"ପବିତ୍ର ନୂଆଁଖାଇ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ


Vol. 33 | ISSUE 157 | ଭାଗ ୩୩ | ସଂଖ୍ୟା ୧୫୭ Thursday 28 August 2025 | Page 8 Rs. 5.00 ● ଭୁବନେଶ୍ୱର ଗୁରୁବାର ୨୮ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ଏନକାଉଣ୍ଟରରେ ଟଳିଲେ ୪ ନକ୍ସଲ

**ମୁମ୍ବାଇ,୨୭।୮:** ପୂର୍ବ ମହାରାଷ୍ଟ୍ରର ଗଡଚିରୋଲି ଜିଲ୍ଲାରେ ଆଜି ଏନକାଉଣ୍ଟରରେ ତିନି ମହିଳାଙ୍କ ସମେତ ମୋଟ ୪ ଜଣ ନକ୍ସଲ ଟଳିପଡ଼ିଛନ୍ତି। ଏନେଇ ପୁଲିସ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ଏନ୍‌କାଉଣ୍ଟର୍ ଛତିଶଗଡ଼ର ଗଡଚିରୋଲି ଓ ନାରାୟଣପୁର ଜିଲ୍ଲାର ସୀମା ନିକଟରେ ଘଟିଛି। ଗତ ୨୫ ତାରିଖରେ ସ୍ଥାନୀୟ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ ଗଟ୍ଟା ଦଲମ କମ୍ପାନୀ ନମ୍ବର ୧୦ ଓ ଗଡଚିରୋଲି ଡିଭିଜନର ଅନ୍ୟାନ୍ୟ ମାଓ ସଂଗଠନ କୋପାରଶି ଜଙ୍ଗଲ ଅଞ୍ଚଳରେ ଉପସ୍ଥିତ ଅଛନ୍ତି। ଏହି ସୂଚନା ଆଧାରରେ ସୁରକ୍ଷା ବାହିନୀ ସେଠାରେ ପହଞ୍ଚି ଉକ୍ତ ଅଞ୍ଚଳରେ ଘେରାବନ୍ଦୀ କରିଥିଲେ। ଏହାପରେ ଗଡ଼ଚିରୋଲି ପୁଲିସର ନକ୍ସଲ ବିରୋଧୀ କମାଣ୍ଡୋ ଫୋର୍ସ ସି-୬୦ର ୧୯ଟି ଦଳ ଓ ସିଆରପିଏଫ୍‌ର କ୍ୱିକ୍ ଆକ୍ସନ ଟିମ୍‌ର ଦୁଇଟି ➢ପୃଷ୍ଠା-୬

ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଭେଟି

# ୫୧ ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ୍ ସହାୟତା

**ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ):** ପବିତ୍ର ନୂଆଁଖାଇ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରବି ୨୦୨୫-୨୬ ପାଇଁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ ନେଇ ରାଜ୍ୟସ୍ତରୀୟ ଉତ୍ସବ ସ୍ଥାନୀୟ ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ ସହାୟତାର ତୃତୀୟ କିସ୍ତି ବାବଦରେ ରାଜ୍ୟର ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର, ଅନୁକୂଳ ଜନଜାତି ସମୂହ ଓ ସହରାଞ୍ଚଳର କୃଷକଙ୍କୁ ଡିବିଟି ମାଧ୍ୟମରେ ମୋଟ ୧୦୪୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିରେପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ କରିଛନ୍ତି। ଏଥିସହ କୃଷକ ପଞ୍ଜିକରଣ ଅବଧି ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଥିବା ବେଳେ ଖୁବଶୀଘ୍ର ଏ ସଂକ୍ରାନ୍ତରେ ଘୋଷଣା କରାଯିବ ବୋଲି ମଧ୍ୟ ଶ୍ରୀ ମାଝୀ କହିଛନ୍ତି।

ଅଭିଭାଷଣ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ପ୍ରାରମ୍ଭରୁ ଚାଷୀ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାରକୁ ନେଇଛି। ତେଣୁ ତୁରନ୍ତ ପ୍ରଥମ କ୍ୟାବିନେଟରେ ନିର୍ବାଚନ ପ୍ରତିଶ୍ରୁତି ମୁତାବକ ସମୃଦ୍ଧ କୃଷକ ଯୋଜନାକୁ ଅନୁମୋଦନ ଦେଇଛୁ। ଏଣୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରଯାଇଥିଲା ଓ ରେକର୍ଡ ୯୨ ଲକ୍ଷ ୬୩ ହଜାର ମେଟ୍ରିକ ଟନ ଧାନ ସଂଗୃହୀତ ହୋଇଥିଲା। ଆଜି ରାଜ୍ୟର ୫୧ ଲକ୍ଷରୁ ଅଧିକ କ୍ଷୁଦ୍ର-ନାମମାତ୍ର ଚାଷୀ ଏବଂ ୩୯,୨୩୯ ଭୂମିହୀନ କୃଷି ପରିବାରଙ୍କୁ ସିଏମ୍- କିଷାନ୍ ଯୋଜନାର ତୃତୀୟ କିସ୍ତି ବାବଦରେ ୧୦୪୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଗୋଟିଏ ପଦକ୍ଷେପରୁ ପଞ୍ଜୀକୃତ ଚାଷୀଙ୍କ ବାର୍ଷିକ ଆୟରେ ଅତି କମରେ ୩୮ ହଜାର ଟଙ୍କା ଯୋଡି ହୋଇଛି। ସୁଭଦ୍ରା ଯୋଜନା ଓ ପିଏମ ଓ ସିଏମ କିଷାନର ୧୦ ହଜାର ଟଙ୍କାକୁ ଯୋଡ଼ିଲେ, ସେମାନଙ୍କ ବାର୍ଷିକ ଆୟ ଅତି କମରେ ୫୮ ହଜାର ଟଙ୍କା ବଢ଼ିପାରିଛି। କାରଣ, ପ୍ରାୟ ପ୍ରତ୍ୟେକ ସୁଭଦ୍ରା ହିତାଧିକାରୀ ଚାଷୀ ପରିବାର ସହ ଜଡ଼ିତ। ➢ପୃଷ୍ଠା-୬



- ପ୍ରଗତି ପାଇଁ ଅନ୍ନଦାତାଙ୍କ ଉନ୍ନତି ଜରୁରୀ
- ଓୟୁଏଟିରେ 'କୃଷକ ଭବନ' ଓ କୃଷି ଶିକ୍ଷା ସଦନର 'ଅଭ୍ୟର୍ଥନା ଗୃହ' ଉଦ୍‌ଘାଟିତ
- ଚାଷୀଙ୍କ ବାର୍ଷିକ ଆୟରେ ୫୮ ହଜାର ଯୋଡ଼ି ହୋଇଛି
- ଖୁବଶୀଘ୍ର ଘୋଷଣା ହେବା ଚାଷୀ ପଞ୍ଜିକରଣ ବର୍ଦ୍ଧିତ ଅବଧି



କଣିହାଁରେ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

## ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସର୍ବୋଚ୍ଚ ପ୍ରାଥମିକତା

**କଣିହାଁ,୨୭।୮(ସଂଚାର ବ୍ୟୁରୋ):** ସମ୍ପ୍ରତି ଅନୁଗୋଳ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି 'ଶ୍ରୀଗଣେଶ ପୂଜା' ଅବସରରେ କଣିହାଁସ୍ଥିତ ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଅନେକ ସ୍ଥାନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଗସ୍ତକାଳରେ ଶ୍ରୀ ପ୍ରଧାନ ପ୍ରଥମେ ତାଳଚେର କଣିହାଁଠାରେ 'ପ୍ରଜାମଣ୍ଡଳ ଭବନ' ସ୍ଥାପନ ପାଇଁ ଭୂମିପୂଜନ କରିଥିଲେ। ପରେ ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରାୟ ୫ କୋଟି ୮ ଲକ୍ଷ ଟଙ୍କା ବ୍ୟୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ସହ ଏକାଠି ନବନିର୍ମିତ ଭୋଜନାଳୟରେ ବସି ମଧ୍ୟାହ୍ନଭୋଜନରେ ପ୍ରସାଦ ସେବନ କରିଥିଲେ ଶ୍ରୀ ପ୍ରଧାନ। ଶେଷରେ କଣିହାଁସ୍ଥିତ ➢ପୃଷ୍ଠା-୬

ଛାତ୍ରଛାତ୍ରୀଙ୍କ ସହ ପ୍ରସାଦ ସେବନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

## କଟକ ଷ୍ଟେସନରେ ଭୁଶୁଡ଼ିଲା ଛାତ



ଅଳ୍ପକେ ବର୍ତ୍ତିଲା ବନ୍ଦେ ଭାରତ

**କଟକ,୨୭।୮(ସଂଚାର ବ୍ୟୁରୋ) :** କଟକ ରେଳ ଷ୍ଟେସନରେ ଅଘଟଣ। ଭୁଶୁଡ଼ିଲା ପ୍ଲାଟଫର୍ମ-୧ ନମ୍ବରର ନିର୍ମାଣାଧୀନ ଅଂଶ। ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏକ ପୁରୁଣା କାଛ ପ୍ଲାଟଫର୍ମ ଉପରକୁ ଭୁଶୁଡ଼ିପଡ଼ିଛି। ସେଥିର କିଛି ଅଂଶ ଟ୍ରାକରେ ମଧ୍ୟ ପଡ଼ି ରହିଛି। ଯାହା ଫଳରେ ଟ୍ରେନ ଯାତାୟାତରେ ବାଧା ଉପୁଜିଛି। ଗ୍ୟାସ କଟର ସାହାଯ୍ୟରେ ପ୍ଲେଟ ଗୁଡିକ କଟାଯାଉଛି। ୧ ନମ୍ବର ପ୍ଲାଟଫର୍ମରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏପଟେ ଅଘଟଣର କିଛି ସମୟ ପୂର୍ବରୁ ୧ ନମ୍ବର ପ୍ଲାଟଫର୍ମ ଦେଇ ବନ୍ଦେ ଭାରତ ଏକ୍ସପ୍ରେସ ଯାଇଥିଲା। ତେବେ ➢ପୃଷ୍ଠା-୬



**କାନ ଡେରିଆ**

ଆରମ୍ଭ ହେଲାଣି ପାର୍ବଣ ଋତୁ ଯେ
ସବୁଠି ଚଳଚଞ୍ଚଳ
ଚୋରି ପାଇଁ ଚୋର ମୁଣ୍ଡିଆ ମାରିଛି
ନିଶ୍ଚୟ ମିଳିବ ଫଳ
ପୋଲିସଙ୍କ ପାଇଁ କାଳ...
ସଭିଏଁ ଯାତ୍ରାରେ ମସଗୁଲ ହେବେ
ଖାକି ହେବ ଝାଳନାଳ।

■ ଦେବାଶିଷ

# ଛାମୁଆ ସଂଗଠନ ନାଁରେ ବିଜେଡିର ଓବିସି କାର୍ଡ

**ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ):** ବିଜେଡି ତାହାର ଦୁଇ ଛାମୁଆ ସଂଗଠନ ଛାତ୍ର ଓ ଯୁବ ଶାଖାର ମୁଖିଆ ନିଯୁକ୍ତ କରିଛି। ଛାତ୍ର ବିଜେଡିର ମଙ୍ଗ ଈପ୍‌ସିତା ସାହୁଙ୍କ ହାତରେ ଦେଇଥିବା ବେଳେ ଯୁବ ବିଜେଡିର ମଙ୍ଗ ଧରିଛନ୍ତି ଚିନ୍ମୟ ସାହୁ। ଉଭୟ ଯୁବ ନେତା ହେଉଛନ୍ତି ଓବିସି ବର୍ଗର। ଏମାନଙ୍କୁ ଆଗକୁ ଆଣି ବିଜେଡି ଓବିସି କାର୍ଡ ଖେଳିଥିବା ବେଳେ ଗୋଟିଏ ଗୁଳିରେ ଦୁଇଟି ଶିକାର କରିଥିବା ଆଲୋଚନା ହେଉଛି। ତେବେ ନୂଆ ନିଯୁକ୍ତିକୁ ନେଇ ଦଳରେ ଦେଖାଇବା ଅସନ୍ତୋଷ ଏବେ ବରିଷ୍ଠ ନେତାଙ୍କ ପାଇଁ ଅକଳିଆ ପରିସ୍ଥିତି ସୃଷ୍ଟି କରିଛି।

ବିଜେଡିରେ ଦୀର୍ଘ ଦିନରୁ ଛାତ୍ର ବିଜେଡି ଓ ଯୁବ ବିଜେଡିର ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର ଧରିଥିଲା। ବିଭିନ୍ନ ସ୍ତରରେ ଲବି ବି ହେଉଥିଲା। ଦଳର ଯୁବ ନେତାମାନେ ନିଜ ନିଜ ସମର୍ଥକଙ୍କୁ ଏହି ପଦବୀରେ ବସାଇବାପାଇଁ ଜୋରଦାର ଲବି କରୁଥିଲେ। ବିଳମ୍ବରେ ହେଲେ ବି ବିଜେଡି ତାହାର ଦୁଇ ଶାଖାରେ ମୁଖିଆ ନିଯୁକ୍ତ କରିଛି। ତେବେ ଏହି ନିଯୁକ୍ତି ପଛରେ ଦଳର ଦୁଇଟି ଉଦ୍ଦେଶ୍ୟ ରହିଛି। ଦଳ ଖେଳିଛି ଓବିସି କାର୍ଡ। ଦୁଇ ଶାଖାର ନୂଆ ମୁଖିଆ ହେଉଛନ୍ତି ଓବିସି ବର୍ଗର। ତେଣୁ ଏମାନଙ୍କ ଜରିଆରେ ଓବିସି ବର୍ଗକୁ ସନ୍ତୁଷ୍ଟ କରାଯିବାକୁ ଦଳ ଲକ୍ଷ୍ୟ ରଖିଛି।

ସେହିଭଳି ଓବିସି କାର୍ଡରେ ଦ୍ୱିତୀୟ ଶିକାର ହେଉଛି ଦଳ ଭିତରେ ରହି ଦଳୀୟ ନେତୃତ୍ୱକୁ ତେରେଛା ବାଣ ମାରୁଥିବା ଦୁଇ ଓବିସି ନେତାଙ୍କୁ ଲଗାମ ଲଗାଇବା ପାଇଁ। ଓବିସି ବର୍ଗର ଏହି ଦୁଇ ପୂର୍ବତନ ମନ୍ତ୍ରୀ ବେଳ କାଳ ଉଣ୍ଡି ବିଜେଡିକୁ ଅକଳରେ ପକାଇଲା ଭଳି ବୟାନବାଜି କରୁଥିଲେ। ଏପରିକି ନବୀନ ଡାକ୍ତରଖାନାରେ ଚିକିତ୍ସିତ ହେଲାବେଳେ ଏମାନେ ମଧ୍ୟ ପାଟି ଚୁପ୍ କରିପାରିଲେ ନାହିଁ। ଏହି ଦୁଇ ନେତା ମଧ୍ୟ ଓବିସି ବର୍ଗ ପାଇଁ ଅଧିକାଂଶ ସମୟରେ ଯୁକ୍ତ ବାଢ଼ିଥାନ୍ତି। ବିଜେଡି ଏବେ ଓବିସି କାର୍ଡ ଖେଳି ଦୁଇ ନେତାଙ୍କ ମୁହଁରେ ତୁଣ୍ଡି ବାନ୍ଧିଥିବା ଆଲୋଚନା ହେଉଛି।

ତେବେ ବିଜେଡିର ଏହି ନୂଆ ନିଯୁକ୍ତି ଏବେ ଦଳ ଭିତରେ ହଇଚଇ ସୃଷ୍ଟି କରିଛି। ବିଶେଷକରି ରାଜ୍ୟର ବିଭିନ୍ନ ସ୍ଥାନରୁ ଛାତ୍ର ଓ ଯୁବନେତାମାନେ ଏହି ନିଯୁକ୍ତିକୁ ନେଇ ଆପତ୍ତି ଉଠାଇବାରେ ଲାଗିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କୁ ନେଇ ବିଭିନ୍ନ ସ୍ଥାନରୁ ଫୋନ୍ ଆସୁଥିବା ବେଳେ ସେ ନିଜର ଅସହାୟତା ପ୍ରକାଶ କରୁଛନ୍ତି। ଏଭଳି ନିଯୁକ୍ତି କେଉଁ ଆଧାରରେ ହେଲା ଓ ଅନ୍ୟ ଦକ୍ଷ ନେତାଙ୍କୁ କାହିଁକି ➢ପୃଷ୍ଠା-୬




- ଛାତ୍ର ଓ ଯୁବ ସଂଗଠନରେ ଅସନ୍ତୋଷ
- ଦୁଇ ଓବିସି ନେତାଙ୍କ ମୁହଁ ବନ୍ଦ

ହରଡ଼ଘଣାରେ ପୂର୍ବତନ ବିଜେଡି ସାଂସଦ

## ପିନାକୀଙ୍କ ବିରୋଧରେ ୨ଟି ମାମଲା



ତଦନ୍ତ ଆରମ୍ଭ କରିସାରିଛି ଇଡି

**ନୂଆଦିଲ୍ଲୀ,୨୭।୮(ସଂଚାର ବ୍ୟୁରୋ):** ବିଜେଡିର ପୂର୍ବତନ ପୁରୀ ସାଂସଦ ପିନାକୀ ମିଶ୍ରଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଆର୍ଥିକ ହେରଫେର, ମନି ଲଣ୍ଡରିଂ, ସଂସଦରେ ଦେଶ ସୁରକ୍ଷା ଓ ରୁଷ ବିରୋଧୀ ପ୍ରଶ୍ନ ପଚାରିବା ଭଳି ସଙ୍ଗୀନ ଅଭିଯୋଗ ଉଠିଥିବା ନେଇ ଦେଶର ପ୍ରମୁଖ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏଥିସହ ଶ୍ରୀ ମିଶ୍ରଙ୍କ ବିରୋଧରେ ସନ୍ଦେହଜନକ ସମ୍ପତ୍ତି କାରବାର, ଟ୍ରଷ୍ଟ ନାଁରେ ବିଦେଶରୁ ଟଙ୍କା ଆଣିବା, ବିମୁଦ୍ରାକରଣ ସମୟରେ ନଗଦ ଜମା, ଆଣବିକ ବୁଡ଼ା ଜାହାଜ, ମିସାଇଲ ସିଷ୍ଟମ ଭଳି ଜାତୀୟ ସୁରକ୍ଷା ସମ୍ପର୍କିତ ତଥ୍ୟ ନେଇ ସଂସଦରେ ସ୍ୱତନ୍ତ୍ର ଭାବେ ପ୍ରଶ୍ନ ପଚାରିବା ଭଳି ଅଭିଯୋଗ ବି ରହିଛି। ଏପରିକି ଦେଶରେ କେତୋଟି ଆଣବିକ ବୁଡ଼ା ଜାହାଜ କାର୍ଯ୍ୟ କରୁଛି, ଆଇଏନ୍‌ଏସ୍ ଅରିହନ୍ତ ଓ ଆଇଏନ୍‌ଏସ୍ ଚକ୍ର ସଂକ୍ରାନ୍ତ ଗୁପ୍ତ ତଥ୍ୟ ନେଇ ବି ସେ ସଂସଦରେ ପ୍ରଶ୍ନ ପଚାରିଥିବା ଅଭିଯୋଗ ଉପସ୍ଥାପିତ ହୋଇଛି। ଶ୍ରୀ ମିଶ୍ରଙ୍କ ଏପରି ପ୍ରଶ୍ନ ଜାତୀୟ ସୁରକ୍ଷା ପ୍ରତି ବିପଦ ବୋଲି ଦର୍ଶାଇ ଗୃହ ମନ୍ତ୍ରଣାଳୟ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ଦୁଇଟି ଅଭିଯୋଗ ଦାୟର ହୋଇଛି। ଗୋଟିଏ ଅଭିଯୋଗରେ ➢ପୃଷ୍ଠା-୬







॥ ନୂଆଁଖାଇ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ॥

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)




ନୂଆଁଖାଇ ଜୁହାର୍
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା "ନୂଆଁଖାଇ ତିହାର୍" ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍ ।

ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଲେ ଗୁହାରି କରୁଛେଁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଭିତରକନିକାରେ ଅଗଷ୍ଟ ୩୦ରୁ ଦେଶୀୟ ପକ୍ଷୀଙ୍କ ଗଣନା

**ରାଜନଗର,୨୭।୮ (ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଭିଡ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ଚଳିତ ମାସ ୩୦ ତାରିଖ ଠାରୁ ଆରମ୍ଭ ହେବ। ୩୦ ତାରିଖରୁ ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇ ଅଗଷ୍ଟ ୧ ତାରିଖ ଯାଏଁ ୩ ଧରି ଚାଲିବ। ଭିତରକନିକା ଜାତୀୟ ଉଦ୍ୟାନର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ରାଜନଗର ରେଞ୍ଜର ବାଲିଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ ବୋଲି ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁଙ୍କର ସୂଚନା ଦେଇଛନ୍ତି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରେ ଠାରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ ଜମିଛି। ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ ଓ ଲକ୍ଷ୍ମୀପ୍ରସାଦଡିଆ ସମେତ ବାଲିଡିଆ ଠାରେ ଦେଶୀୟ ପକ୍ଷୀ ଭିଡ ଜମାଇବା ସହ ବସାକରି ଅଣ୍ଡା ଦେଇଛନ୍ତି। ଗଣନାକାରୀ ଟିମ୍ କେତୋଟି ଗଛରେ, କେତୋଟି ବସାରେ ଓ କେତେ ବଡପକ୍ଷୀ ଓ କେତେ ପକ୍ଷୀ ଶାବକ ସେ ନେଇ ଟିକିନିକି ଭାବେ ଗଣନା କରିବେ। ଚଳିତ ବର୍ଷ ସଠିକ ସମୟରେ ମୌସୁମୀ ବାୟୁ ଆସିଥିବାରୁ ଭିତରକନିକରେ ଦେଶୀୟ ପକ୍ଷୀ ଅଧିକ ସଂଖ୍ୟାରେ ଭିଡ ଜମାଇଛନ୍ତି।

# ଅସହାୟ ପରିବାରକୁ ମହାକାଳପଡ଼ା ୟୁଥ୍ ଗ୍ରୁପର ସହାୟତା



**ମହାକାଳପଡ଼ା,୨୭।୮(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅଧୀନ ବାରଗାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡମଠ ଗ୍ରାମର ସନ୍ୟାସୀ ସେଠୀ ଙ୍କର ଚାଳ ଛପର ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସନ୍ୟାସୀ ଜଣେ ଅସହାୟ ବିଧବା ମହିଳା। ତାଙ୍କର ଦୁଇ ନାବାଳିକା ଝିଅଙ୍କ ସହିତ ସେ ସେହି ଘରେ ରହୁଛନ୍ତି। ଘର ଭାଙ୍ଗିଯିବା ପରେ ସେ ଏବେ ବେସାହାରା ହୋଇ ପଡିଛନ୍ତି। ପ୍ରଶାସନ ତରଫରୁ ଦୁଇଟି ପାଲ ମିଳିଥିବା ବେଳେ ଆଜି ପବିତ୍ର ଗଣେଶ ପୂଜା ଅବସରରେ ମହାକାଳପଡ଼ା ୟୁଥ୍ ଗ୍ରୁପ ପରିବାର ତରଫରୁ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ଗ୍ରୁପ୍ ତରଫରୁ ରାସନ ସାମଗ୍ରୀ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ ପାତ୍ର ଙ୍କ ସମେତ ସରୋଜ ଜେନା,ବୁଦ୍ଧିରାମ ସେଠୀ ଓ ସାଲୁଆ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିରେ ଯୋଗଦେଲେ ସାଲେପୁର ବ୍ଲକ ହେଡ୍‌କ୍ୱାର୍ଟର ପଞ୍ଚାୟତ ସରପଞ୍ଚ

**ସାଲେପୁର,୨୭।୮ (ସଂଚାର ବ୍ୟୁରୋ):** ଏବେ ବିଭିନ୍ନ ଦଳର ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ଓ ସକ୍ରିୟ କର୍ମୀମାନେ ନିଜ ଦଳ ଛାଡି ବିଜେପି ଦଳକୁ ଡେଉଁଥିବା ଦେଖିବାକୁ ମିଳିଛି। ଗତ ୫ଦିନ ତଳେ ସାଲେପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବେଣୁଧର ପ୍ରଧାନ ଓ ତାଙ୍କର ସମର୍ଥକ ଓ ତେନ୍ତୋଳ ସରପଞ୍ଚ ଅନିତା ମଲ୍ଲିକ ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱକୁ ସମର୍ଥନ କରି ବିଜେପି ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଥିବା ବେଳେ ଆଜି ପୁଣି ସାଲେପୁର ବ୍ଲକ ହେଡ୍‌କ୍ୱାର୍ଟର ପଞ୍ଚାୟତର ସରପଞ୍ଚ ରଶ୍ମିତା ଦାସ ବିଜେପି ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ବିଜେପି ନେତା ଅରିନ୍ଦମ ରାୟଙ୍କ ବାସଭବନରେ ପହଞ୍ଚି ରଶ୍ମିତା ଦାସ ଓ ମହେଶ୍ୱର ମଲ୍ଲିକ ଆଜି ବିଜେପିରେ ସାମିଲ ହେବା ସହ ଆଗାମୀ ଦିନରେ ଶ୍ରୀ ରାୟଙ୍କ ନେତୃତ୍ୱରେ ସାଲେପୁର ହେଡକ୍ୱାର୍ଟର ପଞ୍ଚାୟତ ଚନ୍ଦ୍ରାଦେଇପୁର ପଞ୍ଚାୟତରେ ବିଜେପି ସଂଗଠନକୁ ସୁଦୃଢ଼ କରିବା ପାଇଁ ଶପଥ ନେଇଥିଲେ।

# କୁକୁଡ଼ା ପରେ ଜାଗୁଲାଇପଡ଼ାରେ କାଉଙ୍କ ମୃତ୍ୟୁ



**ଚାନ୍ଦେଲ,୨୭।୮ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ବିଭିନ୍ନ କୁକୁଡ଼ା ଫାର୍ମରେ ହଜାର ହଜାର ସଂଖ୍ୟାରେ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ବ୍ୟାପିବା ପରେ ଡେରାବିଶ ବ୍ଲକ ଅଞ୍ଚଳରେ ବାର୍ଡ଼ଫ୍ଲୁ ତାର କାୟା ବିସ୍ତାର କରିଥିବା ନେଇ ସନ୍ଦେହ ଘନିଭୂତ ହୋଇଥିଲା। ଏହି ଖବର ପାଇବା ପରେ ଜିଲ୍ଲା ପ୍ରାଣୀଧନ ଅଧିକାରୀ ଓ ଡେରାବିଶ ପଶୁ ଚିକିତ୍ସା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଫାର୍ମକୁ ଯାଇ ମୃତ କୁକୁଡ଼ାମାନଙ୍କର ରକ୍ତନମୁନା ନେଇ ଫେରିଥିଲେ। ତେବେ ଆଜି ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଜାଗୁଲାଇପଡ଼ା ଗାଁରେ ୧୦ରୁ ଊର୍ଦ୍ଧ୍ୱ କାଉ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ କାଉମାନଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ସ୍ଥାନୀୟ ଲୋକମାନେ ବାର୍ଡ଼ ଫ୍ଲୁ କାରଣରୁ ଏହି କାଉ ମଡ଼କ ହୋଇଥିବା ସନ୍ଦେହ କରି ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦିଲ୍ଲିପ ସେଠୀଙ୍କୁ ଖବର ଦେଇଥିଲେ। ଏହି ଖବର ପାଇବା ପରେ ଡାକ୍ତର ସେଠୀ ଘଟଣା ସ୍ଥଳରେ ପହଞ୍ଚି ମୃତ କାଉର ରକ୍ତ ନମୁନା ନେଇ ଫେରିଥିବା ଜଣାଯାଇଛି।

# ଝିଅ ନିଖୋଜ ନେଇ ଥାନାରେ ଅଭିଯୋଗ

**ଚାନ୍ଦେଲ,୨୭।୮ (ସଂଚାର ବ୍ୟୁରୋ):** ଡେରାବିଶ ଥାନା ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ଗ୍ରାମର ଉତମ ଚରଣ ପଲେଇ ତାଙ୍କ ଝିଅ ବର୍ଷାରାଣୀ (୨୦) ଗତ ୨୪ ତାରିଖ ରାତି ୮ଟାରୁ କେଉଁ ଆଡ଼େ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଉତ୍ତମଙ୍କ ଅଭିଯୋଗ ପାଇବା ପରେ ଡେରାବିଶ ଥାନାରେ ୩୭/୨୦୨୫ରେ ଏକ ନିଖୋଜ ମାମଲା ରୁଜୁ ହେବା ସହିତ ବର୍ଷାରାଣୀଙ୍କୁ ଖୋଜିବା ପାଇଁ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଭାବେ ସାଇବର ଟିମ୍ ସହାୟତା ନିଆଯାଇ ଝିଅକୁ ଖୋଜିବା କାର୍ଯ୍ୟ ଜାରି ରହିଛି। ଉତ୍ତମଙ୍କ ଏତଲା ଅନୁଯାୟୀ ତାଙ୍କ ଝିଅ ବର୍ଷାରଣୀ ଗତ ୨୪ ତାରିଖ ଦିନ ରାତିରେ ଘର ନିକଟରେ ଜନୈକ ବ୍ୟକ୍ତିଙ୍କ ଘରେ ଭାଲୁକୁଣୀ ଓଷା କରିବାକୁ ଯିବ ବୋଲି ଘରୁ ଯାଇ ଆଉ ରାତିରେ ଫେରିନଥିଲା।

## ଭରତପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

# ୯୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ଦୁଇ ଶିକ୍ଷୟିତ୍ରୀ



**କେନ୍ଦ୍ରାପଡ଼ା,୨୭।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ଗୁରୁତର ବାଧା ସୃଷ୍ଟି ହୋଇଛି । ୧୯୧୫ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଏବେ ପ୍ରାୟ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯାଇପାରୁନାହିଁ । ପ୍ରଥମ ଶ୍ରେଣୀରୁ ପଞ୍ଚମ ପର୍ଯ୍ୟନ୍ତ ୫ଟି ଶ୍ରେଣୀର ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଅଛନ୍ତି।

ଅନ୍ୟପକ୍ଷରେ ସରକାରୀ ଅନୁଦାନପ୍ରାପ୍ତ ଭରତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(ମଧ ଇଂରାଜୀ) ର ଏକମାତ୍ର ଶିକ୍ଷକ ମାର୍ଚ୍ଚ ମାସ ୩୧ତାରିଖରେ ଅବସର ଗ୍ରହଣ କରିବା ପରେ ସେହି ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ଭରତପୁର ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କରିଦିଆଯାଇଛି । ଷଷ୍ଠ ଓ ସପ୍ତମ ୨ଟି ଶ୍ରେଣୀରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ରହିଛନ୍ତି । କିନ୍ତୁ ସେହି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ଶିକ୍ଷାବିଭାଗ ପକ୍ଷରୁ କୌଣସି ଶିକ୍ଷକଙ୍କୁ ଅଦ୍ୟାବଧି ନିଯୁକ୍ତି ପ୍ରଦାନ କରାଯାଇନାହିଁ। ଫଳରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସାତଟି ଶ୍ରେଣୀର ୯୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଅଛନ୍ତି । ତେଣୁ ସାତଟି ଶ୍ରେଣୀର ୯୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ୨ଜଣ ଶିକ୍ଷୟିତ୍ରୀ ଦୈନିକ ଶିକ୍ଷାଦାନ କରିବା ସମ୍ଭବ ହେଉନାହିଁ ।

ଏସମ୍ପର୍କରେ ଛାତ୍ରାଭିଭାବକ ଓ ଭରତପୁର ଗ୍ରାମର ଗ୍ରାମବାସୀମାନେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ଅଦ୍ୟାବଧି ଶିକ୍ଷା ବିଭାଗ ପକ୍ଷରୁ କୌଣସି ଶିକ୍ଷକଙ୍କୁ ଏହି ବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଯାଇନାହିଁ। ଛାତ୍ରଛାତ୍ରୀମାନଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରୁ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ବାକୁ ଛାତ୍ରାଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଯଦି ଶିକ୍ଷା ବିଭାଗ ପକ୍ଷରୁ ଏହି ବିଦ୍ୟାଳୟରେ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କୁ ନିଯୁକ୍ତି ଦିଆନଯାଏ ତେବେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ।

## ଚିକିତ୍ସା ନିମନ୍ତେ ଅର୍ଥ ସାଜିଛି ବାଧକ

# ଯୁବକଙ୍କ ଦୁଇ କିଡନୀ ନଷ୍ଟ , ସହାୟତା ଲୋଡ଼ିଲେ ପରିବାର



**ରାଜକନିକା,୨୭।୮ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡା ହାବଳୀଖଣ୍ଡ ପଞ୍ଚାୟତ ପାରିନୂଆପଡା ଗ୍ରାମର ମୋହନ ପରିଡାଙ୍କ ଏକମାତ୍ର ପୁଅ ପ୍ରକାଶ (୨୩)ଙ୍କର ଦୁଇଟି କିଡ଼ିନୀ ନଷ୍ଟ ହୋଇ ଯାଇଥିବାରୁ ତାଙ୍କ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ରହିଛି । ଏଥିପାଇ ପରିବାର ଲୋକେ ଭାଙ୍ଗି ପଡିଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ମଧ ଆକୁଳ ନିବେଦନ କରିଛନ୍ତି ।

ମିଳିଥିବା ସୂଚନା ଅନୁସାରେ ପ୍ରକାଶ ବାଙ୍ଗାଲୋରରେ ରହି ରୋଜଗାର କରୁଥିଲା। ହେଲେ ତାଙ୍କ ଦେହ ଅସୁସ୍ଥ ହେବାରୁ ଘରକୁ ଆସି ଡାକ୍ତରଙ୍କୁ ଦେଖାଇଲା ପରେ ତାଙ୍କର ଦୁଇଟି କିଡ଼ିନୀ ନଷ୍ଟ ହୋଇଛି ବୋଲି ଜଣାପଡିଛି। ଚିକିତ୍ସା ନିମନ୍ତେ ଦଶ ଲକ୍ଷ ଟଙ୍କା ଆବଶ୍ୟକତା ରହିଛି ବୋଲି ଡାକ୍ତର କହିଛନ୍ତି। ହେଲେ ପ୍ରକାଶଙ୍କ ବାପା ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି। ଏତେ ଟଙ୍କା ସଂଗ୍ରହ କରିବା ତାଙ୍କ ପାଖେ କଷ୍ଟ ହୋଇଥିବାରୁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରକାଶଙ୍କ ମାଆ ସଙ୍ଗୀତା ପୁଅ ପାଇଁ ନିଜର ଏକ କିଡ଼ିନୀ ଦେବାର ବ୍ୟବସ୍ଥା ମଧ ହୋଇଛି। ତେଣୁ କିଡ଼ିନୀ ପ୍ରତିରୋପଣ କରିବା ନିମନ୍ତେ ଅର୍ଥର ଆବଶ୍ୟକତା ପଡ଼ିଛି। ଏଥିପାଇଁ ଗ୍ରାମର କିଛି ସଚେତନ ବ୍ୟକ୍ତି ଙ୍କ ସମେତ ପରିବାର ସୋସିଆଲ୍ ମିଡିଆରେ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି । ଯଦି କୈଣସୀ ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ଚାହାନ୍ତି ତେବେ ନମ୍ବରରେ ୯୮୬୧୪୮୦୨୧୮ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ସିଏମ୍ କିଷାନ ଯୋଜନାରେ ଜିଲ୍ଲାରେ ଉପକୃତ ହେବେ ୨.୫ ଲକ୍ଷ ଚାଷୀ



**କେନ୍ଦ୍ରାପଡା,୨୭।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ସିଏମ୍ କିଷାନ ଯୋଜନାରେ ଉପକୃତ ହେବେ ପ୍ରାୟ ୨.୫ ଲକ୍ଷ ଚାଷୀ। ଏନେଇ ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ମଲିକଙ୍କ ଅଧକ୍ଷତା ରେ ଆୟୋଜିତ ଏକ ସଭାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡ଼ଃ ମନୋଜ ପଟ୍ଟନାୟକ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଏଡିଓ ମାର୍ଶାଘାଇ ହେମନ୍ତ ସାମଲ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗାୟତ୍ରୀ ସାହୁ, ଏଓ ନିରଞ୍ଜନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇ ଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ ।

ଜିଲ୍ଲାର କେନ୍ଦ୍ରାପଡା ବ୍ଲକରୁ ୧୮୭୫୫ ଜଣ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଏବଂ ଭୂମିହୀନ ୭୪୨୭, ଡେରାବିଶ ର ୧୮୦୬୭ ଥିବାବେଳେ ଭୂମିହୀନ ୮୩୭୦, ମାର୍ଶାଘାଇ ର ୧୬୭୬୪ ଜଣ ଓ ୫୯୪୯ ଜଣ ଭୂମିହୀନ, ମହାକାଳପଡା ରୁ ୩୧୭୦୧ ଜଣ ଓ ଭୂମିହୀନ ୭୭୩୧ଜଣ, ରଗଡପୁର ରୁ ୧୬୫୮୯ ଜଣ, ଭୂମିହୀନ-୪୪୯୦, ପଟ୍ଟାମୁଣ୍ଡାଇ ର ୧୮୦୯୯ ଜଣ, ଭୂମିହୀନ ୮୬୨୯, ଆଳିର ୧୯୭୩୯ ଜଣ, ଭୂମିହୀନ-୭୦୧୬ ଜଣ, ରାଜକନିକା ର ୨୦୫୪୭ ଜଣ, ଭୂମିହୀନ-୬୪୦୪, ରାଜନଗର ର ୨୦୨୬୨ ଜଣ, ଭୂମିହୀନ-୮୭୪୨ ଜଣ । ଏହିଭଳି ଜିଲ୍ଲାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୧ ଲକ୍ଷ ୮୦ ହଜାର ୫୨୩ ଜଣ ଥିବାବେଳେ କୃଷକ ପରିବାର ର ଭୂମିହୀନ- ୬୪୭୫୮ ଜଣ ଅଛନ୍ତି। ଏହି ଚାଷୀ ମାନଙ୍କ ବ୍ୟାଙ୍କ ଖାତାକୁ ସିଏମ୍ କିଷାନ ଯୋଜନାର ଅର୍ଥ ଅନଲାଇନ ମାଧମରେ ପହଁଚି ଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମ ରେ କୃଷକ ମୋର୍ଚ୍ଚାର ସଭାପତି ଶ୍ରୀଧର ପ୍ରଧାନ, ସଂପାଦକ ସତ୍ୟ ରଂଜନ ସାହୁ, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ୟା ପାଣି ଘେରରେ ରାଜନଗରର ୪ ପଞ୍ଚାୟତ



**ରାଜନଗର,୨୭।୮ (ସଂଚାର ବ୍ୟୁରୋ):** ବ୍ରାହ୍ମଣୀରେ ଦିତୀୟ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ରାଜନଗର ବ୍ଲକର ବନ୍ଧପଡା, ଓଡ଼ିଆ, ବେଲପାଳ, ରାଜପୁର ପଞ୍ଚାଯତ ପାଣି ଘେରରେ ରହିଛି। ଗତ ୪ ଦିନ ହେଲା ବନ୍ୟା ପାଣି ବଢ଼ୁଥିବାରୁ ବିପନ୍ନଙ୍କ ଦୁର୍ଦଶା ବଢ଼ିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଅଛି। ବିଶେଷ କରି ନଗଦ ଗାଁର ୩୦୦ ପରିବାର ୫ ଦିନ ହେଲା ପାଣି ଘେରରେ ଥିଲେ ମଧ ପ୍ରଶାସନ ଆଜି ଯାଏଁ ବିପନ୍ନଙ୍କ ନିକଟରେ ପହଞ୍ଚି ନାହିଁ। ଅନ୍ୟ ପକ୍ଷରେ ସଭପଡା ବାରିକ ସାହିରେ ୪ ପରିବାରଙ୍କ ଘର ଭିତରେ ୪ ଫୁଟର ବନ୍ୟା ପାଣି ପ୍ରବାହିତ ହେଉଛି। ରାଜନଗର ବ୍ଲକ ଏହି ୪ ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରାକୁ ୭ ଦିନ ହେଲା ବନ୍ୟା ପାଣି ବୁଡାଇ ରଖିଛି। ଅନ୍ୟ ପକ୍ଷରେ ବନ୍ୟା ଅଞ୍ଚଳର ନଗଡ଼ ଓ ଓଡ଼ିଆ ନିକଟରେ ବିପନ୍ନ କୁମ୍ଭୀର ଭାସୁଥିବା ଦେଖିଛନ୍ତି। ଏହା ପରେ ଲୋକଙ୍କ ମଧରେ ଆତଙ୍କ ଖେଳି ଯାଇଛି।

# ଜୀବେ ନିଷ୍ଠୁରତା ନିରୋଧ ସମିତିର ଜିଲ୍ଲାପାଳଙ୍କ ସହ ଆଲୋଚନା



**କେନ୍ଦ୍ରାପଡା,୨୭।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶେଷକରି ରାସ୍ତା ଘାଟରେ ଗୋରୁଗାଈ ମାନଙ୍କର ଅବାଧ ବିଚରଣ ଓ ରାସ୍ତା ଅବରୋଧ ଯୋଗୁଁ ଗାଡ଼ି ମୋଟର ଦୁର୍ଘଟଣାର ସମ୍ମୁଖୀନ ହେଲେ ଧନଜୀବନ କ୍ଷତି ହେବା ସହିତ ଗାଈ ଗୋରୁ ଷଣ୍ଢ ମାନେ ଖଣ୍ଡିଆ ଖାବରା ହେବା ଏପରିକି ମୃତ୍ୟୁବରଣ କରୁଛନ୍ତି । ଏଥି ସହିତ କୁକୁର ମାନଙ୍କର ସଂଖ୍ୟାବୃଦ୍ଧି ଯୋଗୁଁ ସେମାନଙ୍କର ପ୍ରାଦୁର୍ଭାବ ଯୋଗୁ ବିଶେଷ କରି ମୋଟର ସାଇକେଲ ଆରୋହୀମାନେ ଦୁର୍ଘଟଣାର ଶୀକାର ହେବା ସହ ଗାଁ ଗହଳିରେ କୁକୁର କାମୁଡ଼ାରେ ଜନ ସାଧାରଣ ମୃତ୍ୟୁବରଣ କରୁଛନ୍ତି। ଜୀବଜନ୍ତୁ ମାନଙ୍କୁ ନିଷ୍ଠୁରତାରୁ ରକ୍ଷା କରିବା ଓ ସୁପରିଚାଳନା ପାଇଁ ସରକାରୀ ସ୍ତରରେ ଗଠନ କରାଯାଇଥିବା ଜୀବେ ନିଷ୍ଠୁରତା ନିରୋଧ ସମିତି କାର୍ଯ୍ୟକାରୀ ହେଉନାହିଁ। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ଏହି ସମସ୍ୟାର ସମାଧାନ କରିବା ପଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି ଆଲୋଚନା ସମୟରେ ଉପାଧକ୍ଷ ତଥା ଗୋମଙ୍ଗଳ ସମିତିର ସଭାପତି ଫକୀର ଚରଣ ଖଟୁଆଙ୍କ ନେତୃତ୍ୱରେ ସୁଶିଲ କୁମାର ସାମଲ, ବିଧୁ ଭୂଷଣ ମହାପାତ୍ର, ସତିଶ କୁମାର ରାଉତରାୟ, ତରୁଣ ରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭୂମିହୀନ ଅସହାୟ ପରିବାରର ଅସୁମାରୀ ଦୁଃଖ

# ମିଳୁନି ଭତ୍ତା, ଭଙ୍ଗା କୁଡ଼ିଆରେ କଟୁଛି ଜୀବନ



**ମହାକାଳପଡ଼ା,୨୭।୮(ସଂଚାର ବ୍ୟୁରୋ):** ପରିବାରର ମୁଖ୍ୟ ଜଣେ ଦିବ୍ୟାଙ୍ଗ। ସାନ ପୁଅ ମଧ ମାନସିକ ଭାବେ ନ୍ୟୁନତା ସମ୍ପନ୍ନ ଦିବ୍ୟାଙ୍ଗ। ନା ଅଛି ନିଜର ଚାଷଜମି ନା ଅଛି ରହିବା ପାଇଁ ଜାଗା। ଏପରି ଅବସ୍ଥାରେ ଗୋଚର ଜମିରେ ଚାଳ ଛପର ଘର କରି ଦୀର୍ଘ ବର୍ଷ ଧରି ବସବାସ କରୁଛନ୍ତି ଅସହାୟ ପରିବାର। ରାସନ କାର୍ଡ ଓ ଭିନ୍ନକ୍ଷମ ଭତ୍ତା ହିଁ ଉକ୍ତ ପରିବାରର ବଞ୍ଚିବାର ଏକ ମାତ୍ର ସହାୟ ହୋଇଥିବା ବେଳେ ଉଭୟ ବାପା ଓ ପୁଅଙ୍କ ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ତାଙ୍କୁ ୫ ମାସ ହେବ ଭତ୍ତା ମିଳୁନି।

ଏମିତି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ ଅଳାଇଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓଳିହା ନୀଳକଣ୍ଠପୁର ଓ କୁମରୁଣୀପଡ଼ା ଗ୍ରାମର ମଧବର୍ତ୍ତିସ୍ଥଳରେ ଅବସ୍ଥିତ ଜୋରି ନାଳ କଡରେ ଅନାବାଦୀ ଜାଗାରେ କୁଡ଼ିଆ ଘର କରି ରହିଆସୁଥିବା ଏକ ଭିନ୍ନକ୍ଷମ ପରିବାରଙ୍କ କ୍ଷେତ୍ରରେ । ସୂଚନା ମୁତାବକ ପରିବାର ମୁଖ୍ୟ ରବୀନ୍ଦ୍ର ମଲିକଙ୍କ ସମେତ ତିନି ସଦସ୍ୟ ଜୋରି ନାଳ କଡରେ ଥିବା ଗୋଚର ଜମି ଉପରେ ଆଜକୁ ପ୍ରାୟ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ବସବାସ କରି ଆସୁଛନ୍ତି। ଉଭୟ ରବୀନ୍ଦ୍ର ଏବଂ ତାଙ୍କର ସାନପୁଅ ବିଜ୍ଞାନ ଦିବ୍ୟାଙ୍ଗ ଅଟନ୍ତି। ପରିବାରର କୌଣସି ଆର୍ଥିକ ଆୟ ପନ୍ଥା ନାହିଁ। ଅସୁସ୍ଥତା କାରଣରୁ ରବୀନ୍ଦ୍ର କୌଣସି କାମ ଧନ୍ଦା କରିପାରୁ ନାହାନ୍ତି। ଏକ ଝାଟିମାଟି ନଡା ଛପର ଘରେ ରହୁଥିବା ରବୀନ୍ଦ୍ରଙ୍କ ଘର ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଭାଙ୍ଗି ଦୁଟି ଗଲାଣି। ସେହିପରି ଜନବସତି ଠାରୁ ପ୍ରାୟ ୩୦୦ ମିଟର ଦୂରରେ ପରିବାର ରହିଥିବା ଯୋଗୁଁ ଦୀର୍ଘ ବାଟ ବିଲ ହୁଡ଼ା ଦେଇ ସେମାନଙ୍କୁ ଯିବାକୁ ପଡୁଛି।

ରବୀନ୍ଦ୍ରଙ୍କ କହିବା ଅନୁଯାୟୀ ଭୂମିହୀନ ଭାବରେ ସରକାରଙ୍କ ଯୋଜନାରେ ଜାଗା ଖଣ୍ଡେ ପାଇବା ପାଇଁ ସେ ଅନେକ ଥର ତହସିଲ ଅଫିସକୁ ଯାଇ ଗୁହାରି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କୁ ଭୂମିହୀନ ପଟ୍ଟା ଖଣ୍ଡେ ମିଳି ପାରିନାହିଁ। ଜାଗା ନଥିବାରୁ ରବୀନ୍ଦ୍ର ଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ଖଣ୍ଡେ ମିଳିନାହିଁ। ସଂପ୍ରତି ୫ ମାସ ଧରି ଭତ୍ତା ନମିଳିବାରୁ ଘୋର ଅଭାବ ଅନାଟନ ମଧରେ ଉକ୍ତ ପରିବାର ଅର୍ଦ୍ଧାହାରରେ କାଳାତିପାତ କରୁଛନ୍ତି।

ତେଣୁ ଉକ୍ତ ପରିବାରର ଦୁଇ ଦିବ୍ୟାଙ୍ଗ ସଦସ୍ୟଙ୍କୁ ବନ୍ଦ ହୋଇଥିବା ଭତ୍ତା ପ୍ରଦାନ କରାଯିବା ସହିତ ଭୂମିହୀନ ପଟ୍ଟା ଓ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ପାଇଁ ରବୀନ୍ଦ୍ର ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପ୍ରଶାସନକୁ ଗୁହାରି କରିଛନ୍ତି।

# ବିଜେଡି ଆନ୍ଦୋଳନରେ କଂଗ୍ରେସ ଅନୁସୂଚିତ ଜାତି ସାଧାରଣ ସମ୍ପାଦକ ସାମିଲ

## ଫଟୋ ଭାଇରାଲ ହେବା ପରେ ସାଲେପୁରରେ ରାଜନୀତି ସରଗରମ

**ସାଲେପୁର,୨୭।୮(ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳ ଏନ୍.ଏ.ସି. ଘୋଷଣାରୁ ବାଦ୍ ପଡ଼ିବା ନେଇ ବିଜେଡି ଓ କଂଗ୍ରେସ ଦଳ ପକ୍ଷରୁ ଏହାକୁ ଜୋରଦାର ବିରୋଧ କରାଯିବା ସହ ସାଲେପୁରକୁ ଏନ୍.ଏ.ସି. ମାନ୍ୟତା ପାଇଁ ସାଲେପୁର ବନ୍ଦ ଡାକରା ଓ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କିନ୍ତୁ ଏହା ଭିତରେ ସୋସିଆଲ୍ ମିଡିଆରେ ଏକ ଫଟୋ ଭାଇରାଲ ହେବା ନେଇ ଏବେ ସାଲେପୁର ରାଜନୀତି ସରଗରମ ହୋଇଉଠିଛି।

ଗତ ୧୯ତାରିଖ ଦିନ ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ରାଜ୍ୟ ସରକାର ସାଲେପୁରକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ ନକରିବା ପ୍ରତିବାଦରେ ସାଲେପୁର ବନ୍ଦ ଡାକରା ଦେଇଥିବାବେଳେ ଏହି ଆନ୍ଦୋଳନରେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ସହ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି କମିଟିର ସାଧାରଣ ସମ୍ପାଦକ ତଥା ବାରିଗୋଳ ସରପଞ୍ଚ ଶିବୁ ବେହେରା ସାମିଲ ହୋଇ ପ୍ରତିବାଦ କରିଥିଲେ। ଏହାର ଫଟୋ ଏବେ ସୋସିଆଲ୍ ମିଡିଆରେ ଘୁରି ବୁଲୁଥିବା ବେଳେ ଗତ ୨୫ତାରିଖ ଦିନ ସାଲେପୁର କଂଗ୍ରେସ କମିଟି ପକ୍ଷରୁ ଏନ୍.ଏ.ସି. ଘୋଷଣା କରାନଯିବା ପ୍ରତିବାଦରେ ଅନୁଷ୍ଠିତ ବିକ୍ଷୋଭରେ ସ୍ଥାନୀୟ କଂଗ୍ରେସ ନେତା ଆକ୍ୟୁବ୍ ଖାଁ ଓ କଟକ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ ଦାଶଙ୍କ ସମେତ ଶତାଧିକ କଂଗ୍ରେସ କମିଟି ଉପସ୍ଥିତ ଥିବାବେଳେ ଏହି ଆନ୍ଦୋଳନରେ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତିର ସାଧାରଣ ସମ୍ପାଦକ ଶିବୁ ବେହେରାଙ୍କ ଅନୁପସ୍ଥିତିକୁ ନେଇ ଏବେ ସାଲେପୁରରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଶ୍ରୀ ବେହେରା ନିଜକୁ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ବୋଲି କହି ବୁଲୁଥିବାବେଳେ କିନ୍ତୁ କଂଗ୍ରେସ କାର୍ଯ୍ୟକ୍ରମରେ ଯୋଗନଦେଇ ବିଜେଡି କାର୍ଯ୍ୟକ୍ରମରେ ଯୋଗଦେବା ନେଇ ତାଙ୍କ ଭୂମିକା ପ୍ରତି କଂଗ୍ରେସ କର୍ମୀଙ୍କ ମଧରେ ପ୍ରଶ୍ନବାଚୀସୃଷ୍ଟି କରିଛି।




# ଟେକ ହୋମ ରାସନ ଉତ୍ପାଦକ ୟୁନିଟ ଯାଞ୍ଚ କଲେ ସ୍ୱତନ୍ତ୍ର ଟିମ

**କେନ୍ଦ୍ରାପଡ଼ା,୨୭।୮(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମ୍ପୃକ୍ତ ଅଞ୍ଚଳର ତହସିଲଦାର, ସିଡିପିଓ ଏବଂ ସୁପରଭାଇଜ ମିଳିତ ଭାବେ ଜିଲ୍ଲାର ୧୨ ଗୋଟି ଟେକ ହୋମ ରାସନ ଉତ୍ପାଦକ ୟୁନିଟର ନିରୀକ୍ଷଣ କରିଛନ୍ତି । ଉତ୍ପାଦକ ୟୁନିଟର ପ୍ରସ୍ତୁତି ପର୍ଯ୍ୟାୟ, ସାମଗ୍ରୀର ଗୁଣବତ୍ତା ଓ ପରିମାଣ ସମ୍ପୂର୍ଣ୍ଣଭାବେ ଯାଞ୍ଚ କରାଯାଇଛି । ଏହା ସହିତ ଉତ୍ପାଦକ ୟୁନିଟର ଦସ୍ତାବିଜ ମଧ ଯାଞ୍ଚ କରାଯାଇଥିଲା। ନିରୀକ୍ଷଣ ଟିମ ଉତ୍ପାଦକ ୟୁନିଟର ଉଚ୍ଚ ମାନଦଣ୍ଡ ସହ ନିୟମାବଳୀ ପାଳନ ଉପରେ ସନ୍ତୁଷ୍ଟ ବ୍ୟକ୍ତ କରିଛନ୍ତି ।



# ଡ୍ରେନ ଅଭାବରୁ ୨ ୱାର୍ଡ ଉବୁଟୁବୁ

## ରାସ୍ତା ବଦଳରେ ଡ୍ରେନ ନିର୍ମାଣ ଦାବି

**ପଟ୍ଟାମୁଣ୍ଡାଇ,୨୭।୮(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସହର ଜଳନିଷ୍କାସନ ସମସ୍ୟା ବର୍ଷ ବର୍ଷ ଧରି ରହିଆସିଛି । ସରକାର ପରେ ସରକାର ବଦଳିଲେ ମଧ ଜଳନିଷ୍କାସନ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଜଳନିଷ୍କାସନ ସମସ୍ୟା ସମାଧାନ କେବଳ କାଗଜକଲମରେ ଚାଲିଛି । ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ଉବୁଟୁବୁ ହେବା ସହିତ ବିଭିନ୍ନ ୱାର୍ଡରେ ଲୋକମାନଙ୍କ ଘରେ ପାଣି ପଶି ଯାଉଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୩ନଂ ଓ ୧୪ନଂ ୱାର୍ଡରେ ସ୍ଥିତି ଗମ୍ଭୀର ରହିଛି । ଡ୍ରେନ ନଥିବାରୁ ସାମାନ୍ୟ ବର୍ଷା ହେଲେ ୧୩ନଂ ଓ ୧୪ନଂ ୱାର୍ଡ ଉବୁଟୁବୁ ହେଉଛି। ବହୁ ଲୋକଙ୍କ ଘରେ ପାଣି ପଶି ଘର ଦ୍ୱାର ନଷ୍ଟ ହେଉଛି । ମାତ୍ର ଏଥି ପ୍ରତି ସରକାର ଓ ପ୍ରଶାସନ କାହାରି ନିଘା ନାହିଁ । ସମ୍ପ୍ରତି ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ଠାରୁ ପଟ୍ଟାମୁଣ୍ଡାଇ-କାଠିଆପଡା ରାସ୍ତା (୧୨୫୦)ମିଟର ପର୍ଯ୍ୟନ୍ତ ନିର୍ମାଣ କରିବା ପାଇଁ ସରକାରୀ ପ୍ରସ୍ତାବ ରହିଛି । ଏହି ରାସ୍ତା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୩ନଂ ୱାର୍ଡ(ପୋଖରୀଆପଡା )ଦେଇ ଯିବାକୁ ଥିବାବେଳେ ଡ୍ରେନ ନଥିବାରୁ ବର୍ଷା ଦିନେ ହନ୍ତସନ୍ତ ହେଉଥିବା ୱାର୍ଡ ଲୋକମାନେ ରାସ୍ତା ନିର୍ମାଣକୁ ବିରୋଧ କରୁଛନ୍ତି । ଏହି ଢ଼ଳେଇ ରାସ୍ତା ଭଲ ଥିବାରୁ ରାସ୍ତା ବାବଦ ସରକାରୀ ଅନୁଦାନରେ ଅବିଳମ୍ବେ ଡ୍ରେନ ନିର୍ମାଣ କରିବାକୁ ୧୩ନଂ ୱାର୍ଡ ବାସିନ୍ଦା ଦାବି କରିଛନ୍ତି ।ବାରମ୍ବାର ଦାବି ସତ୍ତ୍ୱେ ସରକାର ଓ ପ୍ରଶାସନ ଡ୍ରେନ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ୱାର୍ଡ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି ।
















୧,୨,୫-: ଗଣପତିଙ୍କ ଆବାହନ କରୁଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।
୩: ବିଜେଡି ବିଧାୟକ ଅରୁଣ ସାହୁ ବି ପୂଜାରେ ବ୍ୟସ୍ତ।
୪: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱତନ୍ତ୍ର ଶୈଳୀରେ ଗଣପତିଙ୍କ ପୂଜା କରୁଛନ୍ତି ଛାତ୍ରଛାତ୍ରୀ।

ଫଟୋ-ଚନ୍ଦ୍ରଶେଖର ସାହୁ

# ଆଜି ରାୟପୁରରେ ମହାନଦୀ ରାଉଣ୍ଡ ଟେବୁଲ

● ୨୯ରେ ଛତିଶଗଡ଼ ପଦାଧିକାରୀଙ୍କ ସହ ଆଲୋଚନା

**ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ):** ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ରାୟପୁର ଗସ୍ତ କରିଥିବା ବେଳେ ଆସନ୍ତାକାଲି ସେଠାରେ ମହାନଦୀ ରାଉଣ୍ଡ୍ ଟେବୁଲ୍ ବୈଠକ ଅନୁଷ୍ଠିତ ହେବ। ଏଥିରେ ବାସୁଦେବ ଭଟ୍ଟ, ବିଜୟ ପ୍ରଧାନ, ସଚ୍ଚି ପ୍ରଧାନ, ଅଶୋକ ପ୍ରଧାନ, ଅର୍ଜୁନ ଚରଣ ସାମନ୍ତରାୟ ପ୍ରମୁଖ ଯୋଗଦେବାକୁ ଥିବା ବେଳେ ଏଥିରେ ଅଧ୍ୟକ୍ଷତା କରିବେ ଜଳ ପୁରୁଷ ରାଜେନ୍ଦ୍ର ସିଂ। ମହାନଦୀ ବଞ୍ଚାଅ ଆନ୍ଦୋଳନ, ଛତିଶଗଡ ନଦୀ ଘାଟି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଜଳ ବିରାଦରୀ ଆଦି ନଦୀ ଓ ଜଳକୁ ନେଇ ଜାତୀୟ ଓ ରାଜ୍ୟସ୍ତରରେ କାର୍ଯ୍ୟ କରୁଥିବା ସଂଗଠନଗୁଡ଼ିକ ପକ୍ଷରୁ ଏହି ବୈଠକ ଆୟୋଜିତ ହେଉଥିବା ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି। ମହାନଦୀ ଉଭୟ ଓଡ଼ିଶା ଓ ଛତିଶଗଡ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ମହାନାଦୀ ଅବବାହିକା ଏବେ ସଙ୍କଟର ସମ୍ମୁଖୀନ ହୋଇଛି। ବିଶେଷକରି ଅଣ ମୌସୁମୀ ସମୟରେ ଜଳ ଉପଲବ୍ଧତା ଉଦ୍‌ବେଗଜନକ ଭାବେ ହ୍ରାସ ପାଉଛି। ବ୍ୟାପକ ଶିଳ୍ପ ନଦୀର ଇକୋସିଷ୍ଟମକୁ ନଷ୍ଟ କରିବା ସହ ଜଳ ସଙ୍କଟକୁ ଉତ୍କଟ କରିଛି। ବର୍ଷ ବର୍ଷ ଧରି ଓଡ଼ିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳକୁ ନେଇ ବିବାଦରେ ରହିଆସିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଉଭୟ ରାଜ୍ୟର ସରକାରଙ୍କୁ ସହାୟତା କରିବା ପାଇଁ ନଦୀ ବିଶେଷଜ୍ଞଙ୍କ ହସ୍ତକ୍ଷେପ ଜରୁରୀ ରହିଛି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ନିକଟରେ ଉଭୟ ରାଜ୍ୟ ସହ କଥାବାର୍ତ୍ତା ଆରମ୍ଭ କରିଛି ଓ ଜଳ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶନାରେ ସରକାର ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ଚଳାଇଛନ୍ତି। ଏହି ପ୍ରକ୍ରିୟାକୁ ଆଗକୁ ନେବାରେ ଆସନ୍ତାକାଲିର ବୈଠକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଚର୍ଚ୍ଚା ହେଉଛି। ଆସନ୍ତାକାଲିର ବୈଠକ ପରେ ଆସନ୍ତା ୨୯ ତାରିଖରେ ଆନ୍ଦୋଳନର ସଦସ୍ୟମାନେ ଛତିଶଗଡ଼ ସରକାରଙ୍କ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି।

## ଶ୍ରୀଲଙ୍କା ଅଧିକାରୀଙ୍କ ଓଡ଼ିଶା ଗସ୍ତ

# ତୃତୀୟ ଦିନରେ ବୁଲିଲେ କୋଣାର୍କ ଓ ଧଉଳି



**ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ):** ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀଲଙ୍କାର ଲୋକସମ୍ପର୍କ ଅଧିକାରୀମାନେ ଆଜି ଗସ୍ତର ତୃତୀୟ ଦିନରେ ଓଡ଼ିଶାର ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ପରେ ସମ୍ରାଟ ଅଶୋକଙ୍କ ଶିଳାଲେଖ ସହ ଧଉଳି ଶାନ୍ତିସ୍ତୂପ ପରିଦର୍ଶନ କରିଛନ୍ତି। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଏବଂ ଇତିହାସ ବିଷୟରେ ସେମାନେ ପର୍ଯ୍ୟାପ୍ତ ଜ୍ଞାନ ଆହରଣ କରିଛନ୍ତି। ଓଡ଼ିଶାର ପରିବେଶ, ଖାଦ୍ୟପେୟ ଓ ବୌଦ୍ଧ କୀର୍ତ୍ତିରାଜି, ଧର୍ମ ପରମ୍ପରା ସହ ଶ୍ରୀଲଙ୍କାର ସାମଞ୍ଜସ୍ୟ ଦେଖି ସେମାନେ ଖୁସି ପ୍ରକଟ କରିଛନ୍ତି। ଆଜିର ଗସ୍ତ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ନିକଟତର କରିବ ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଅଧିକାରୀ, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ, ଟୁର୍ ଗାଇଡ୍‌ମାନେ ଉପସ୍ଥିତ ରହି ସେମାନଙ୍କୁ ସମ୍ପୃକ୍ତ ସ୍ଥାନଗୁଡ଼ିକର ବିଶେଷତ୍ୱ ନେଇ ଅବଗତ କରାଇଥିଲେ।

## ପୁଣି ଶ୍ରୀମନ୍ଦିର ସୁରକ୍ଷା ଢିଲା

# ପଶିଲା ହିଡେନ୍ କ୍ୟାମେରା, ଉଡ଼ିଲା ଡ୍ରୋନ୍





**ପୁରୀ,୨୭।୮(ସଂଚାର ବ୍ୟୁରୋ):** ପୁଣି ଥରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ଢିଲାପଣ ପରିଲକ୍ଷିତ ହୋଇଛି। ଶ୍ରୀମନ୍ଦିର ଭିତରକୁ କୌଣସି ମୋବାଇଲ୍ ଓ କ୍ୟାମେରା ଯିବା ଉପରେ କଟକଣା ଥିଲେ ମଧ୍ୟ ନିକଟ ଅତୀତରେ ଏହାକୁ ବାରମ୍ବାର ଉଲ୍ଲଙ୍ଘନ କରାଯାଇଥିବା ପରିଲକ୍ଷିତ ହୋଇଛି। ଏହି କ୍ରମରେ ଆଜି ଦୁଇ ଦୁଇଟି ଅନିୟମିତତା ସାମ୍ନାକୁ ଆସିଛି। ଗୋଟିଏ ପଟେ ଶ୍ରୀମନ୍ଦିର ଭିତରୁ ହିଡେନ୍ କ୍ୟାମେରା ଜବତ ହୋଇଥିବା ବେଳେ ମନ୍ଦିର ଉପରେ ସୁରକ୍ଷା ବ୍ୟବସ୍ଥାକୁ ଆଖିଠାର ସଦୃଶ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଛି। ଆଜି ପୂର୍ବାହ୍ନରେ ଶ୍ରୀମନ୍ଦିର ଭିତରେ ଚଷମା ସହିତ ସଂଯୁକ୍ତ ହିଡେନ୍ କ୍ୟାମେରା ନେଇ ଜଣେ ବ୍ୟକ୍ତି ଭିଜୁଆଲ ଶୁଟିଂ କରୁଥିବା ସମୟରେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖି ପୁଲିସ ପକ୍ଷରୁ ପଚରାଉଚରା କରାଯାଉଛି। ଅଟକ ଥିବା ବ୍ୟକ୍ତି ଜଣକ ପଶ୍ଚିମବଙ୍ଗ ଚବିଶ ପ୍ରଗଣା ଅଞ୍ଚଳର ଅରୂପ ରାୟ। ଆଜି ସକାଳେ ଅରୂପ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିଲେ। ଦର୍ଶନ ପାଇଁ ଯିବା ବେଳେ ଚଷମା ସଂଯୁକ୍ତ ହିଡେନ୍ କ୍ୟାମେରା ଶ୍ରୀମନ୍ଦିରକୁ ନେଇ ପ୍ରବେଶ କରିଥିଲେ। ହିଡେନ୍ କ୍ୟାମେରାରେ ଶ୍ରୀମନ୍ଦିର ଭିତରେ ସୁଟିଂ କରୁଥିବା ବେଳେ ସୁରକ୍ଷା କର୍ମୀ ସନ୍ଦେହ କରିଥିଲେ। ତେବେ ଯାଞ୍ଚ ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ହିଡେନ୍ କ୍ୟାମେରାରେ ଶ୍ରୀମନ୍ଦିର ଭିତରର ଭିଜୁଆଲ ନେଉଥିବା ଜଣାପଡିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଥମେ ଗାରଦ ଓ ପରେ ସିଂହଦ୍ୱାର ଥାନାକୁ ନେଇଥିଲେ ସୁରକ୍ଷା କର୍ମୀ। ସେପଟେ ପୁରୀ ଏସପି କହିଛନ୍ତି ଶ୍ରୀମନ୍ଦିର ଭିତରେ ହିଡେନ କ୍ୟାମେରା ନେଇ ଯାଇଥିବା ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। କେଉଁ ପରିସ୍ଥିତିରେ ଏବଂ କଣ ଉଦ୍ଦେଶ୍ୟ ନେଇ ସେ ଶ୍ରୀମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ଯାଇଥିଲେ ତା'ର ତଦନ୍ତ ଚାଲିଛି। ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ପୋଲିସ ମୋବାଇଲ ଫୋନ୍ ସହ ହିଡେନ କ୍ୟାମେରା ସଂଯୁକ୍ତ ଚଷମା ମଧ୍ୟ ଜବତ କରିଛି। ସେହିପରି ସନ୍ଧ୍ୟାରେ ନୋ ଫ୍ଲାଇଙ୍ଗ ଜୋନ୍‌ରେ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ମାର୍କେଟ ଛକରୁ ଶ୍ରୀମନ୍ଦିର ନିକଟ, ପୁଣି ଶ୍ରୀମନ୍ଦିର ନିକଟରୁ ଡ୍ରୋନ୍‌ଟି ଦୋଳମଣ୍ଡପ ସାହି ପର୍ଯ୍ୟନ୍ତ ଚକ୍କର ମାରିଥିଲା। ମାର୍କେଟ ଛକଠାରୁ ଡ୍ରୋନ୍‌ଟି ଅପରେଟ୍ କରାଯାଇଥିବା ଅନୁମାନ କରାଯାଉଛି।

# ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ରେକର୍ଡ

## ୧୪୮ ଦିନରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣ




**ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ (ଇକୋର) ଚଳିତ ଆର୍ଥିକ ବର୍ଷର ମାତ୍ର ୧୪୮ ଦିନ ମଧ୍ୟରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣର ମାଇଲଖୁଣ୍ଟ ଅତିକ୍ରମ କରି ପଣ୍ୟ ପରିବହନରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଚଳିତ ଆର୍ଥିକ ବର୍ଷର ଗତ ୨୬ ତାରିଖ ସୁଦ୍ଧା ପୂର୍ବତଟ ରେଳପଥ ସଫଳତାର ସହ ୧୦୦.୫୫ ନିୟୁତ ଟନ୍ ପଣ୍ୟ ଅପସାରଣ କରିଛି। ଏହା ଗତ ବର୍ଷର ସମାନ ସମୟ ତୁଳନାରେ ୮ ପ୍ରତିଶତ ଅଧିକ ହୋଇଥିବା ବେଳେ ଚଳିତ ବର୍ଷ ମୋଟ ୭.୪୩ ନିୟୁତ ଟନ୍ ଅଧିକ ପଣ୍ୟ ଅପସାରଣ କରାଯାଇପାରିଛି। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ପକ୍ଷରୁ ୫୮.୧ ନିୟୁତ ଟନ୍, ୱାଲଟିୟର ରେଳ ମଣ୍ଡଳ ପକ୍ଷରୁ ୨୫.୪୬ ନିୟୁତ ଟନ୍ ଓ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ୧୭ ନିୟୁତ ଟନ୍ ପଣ୍ୟ ଅପସାରିତ ହୋଇଛି।

ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ପ୍ରମୁଖ ଶିଳ୍ପ ଓ ବନ୍ଦରଗୁଡିକର ଲଜିଷ୍ଟିକ୍ ଆବଶ୍ୟକତା ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ରେଳପଥ ପାରାଦୀପ, ବିଶାଖାପାଟଣା (ଭାଇଜାଗ୍), ଗଙ୍ଗାଭରମ, ଗୋପାଳପୁର ଓ ଧାମରା ଭଳି ପ୍ରମୁଖ ବନ୍ଦରକୁ ସେବା ଯୋଗାଇ ଦେଉଛି। ଏହାଛଡ଼ା ଇସ୍ପାତ, ଶକ୍ତି, ଆଲୁମିନିୟମ୍, ସାର, ସିମେଣ୍ଟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡିକର ପରିବହନ ଚାହିଦା ମଧ୍ୟ ଏହି ରେଳପଥ ପୂରଣ କରିଆସିଛି। ପୂର୍ବତଟ ରେଳପଥ ଦ୍ୱାରା ପରିବହନ ହେଉଥିବା ପ୍ରମୁଖ ଦ୍ରବ୍ୟ ମଧ୍ୟରେ କୋଇଲା, ଲୁହାପଥର, ଆଲୁମିନିୟମ୍, ମାଙ୍ଗାନିଜ୍ ଓ ବକ୍ସାଇଟ୍ ରହିଛି। ଏହି ମାଇଲଖୁଣ୍ଟ କେବଳ ପୂର୍ବତଟ ରେଳପଥର କାର୍ଯ୍ୟକ୍ଷମ ଦକ୍ଷତାକୁ ନୁହେଁ, ଭାରତର ଶିଳ୍ପ ଚାହିଦା ପୂରଣ ପାଇଁ ଏହାର ବର୍ଦ୍ଧିତ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି। ଉଲ୍ଲେଖନୀୟ ଯେ ଏହି ସଫଳତା ଆର୍ଥିକ ବର୍ଷ ୨୦୨୪-୨୫ (୧୬୦ ଦିନ) ତୁଳନାରେ ୧୨ ଦିନ ପୂର୍ବରୁ ଏବଂ ଆର୍ଥିକ ବର୍ଷ ୨୦୨୩-୨୪ (୧୭୧ ଦିନ) ତୁଳନାରେ ୨୩ ଦିନ ପୂର୍ବରୁ ହାସଲ କରାଯାଇପାରିଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ରାଜରାସ୍ତାରେ ହାତୀପଲ, ଦୁଇ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ

**ଅନୁଗୋଳ,୨୭।୮(ସଂଚାର ବ୍ୟୁରୋ):** ୧୭ ଟିକିଆ ହାତୀ ପଲ ହେଉଛନ୍ତି ରାସ୍ତା ପାର୍। ଅନୁଗୋଳ ବନଖଣ୍ଡର ଶାବଳ ଭଙ୍ଗା ଗାଁରେ ଆଜି ୧୭ ଟିକିଆ ହାତୀ ପଲ ରାସ୍ତା ପାର୍ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ୧୭ ହାତୀ ଶାବଳଭଙ୍ଗା ଶିବ ମନ୍ଦିର ନିକଟରେ ଥିବା କିଛି ଧାନ ବିଲରେ ଧାନ ତଳି ଖାଇ ମନ୍ଦରଗିରୀ ଜଙ୍ଗଲ ଆଡ଼କୁ ଯାଉଥିଲେ। ଅନୁଗୁଳରୁ ବନ୍ତଲାକୁ ସଂଯୋଗ କରୁଥିବା ରାସ୍ତାକୁ ପାର ହେଉଥିଲେ। ରାସ୍ତାରେ ଦିଆଯାଇଥିବା ସୋଲାର ତାର କାରଣରୁ ସେମାନେ ରାସ୍ତାର ଆର ପାର୍ଶ୍ୱକୁ ଯାଇପାରିନଥିଲେ। ଫଳରେ ପ୍ରାୟ ଦୁଇଘଣ୍ଟା ଧରି ସେମାନେ ରାସ୍ତାରେ ଛିଡା ହୋଇ ରହିଥିଲେ। ହାତୀପଲଙ୍କୁ ଦେଖି ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସମୟ ଧରି ବିଭିନ୍ନ ପ୍ରକାର ଗାଡିମୋଟର ଛିଡା ହୋଇ ରହିଥିଲା। ବହୁ ଲୋକଙ୍କ ଭିଡ ଜମିଥିଲା। କିଛି ଦିନ ହେଲା ହାତୀପଲ ପାଚିଲା ତାଳ ଖାଇବା ଉଦ୍ଦେଶ୍ୟରେ ଜଙ୍ଗଲ ଛାଡି ଗାଁ ପାଖାପାଖି ଚାଲି ଆସିଥିବା ଜଣାପଡ଼ିଛି। ଧାନ ଫସଲକୁ ମଧ୍ୟ ନଷ୍ଟ କରୁଛନ୍ତି। ହାତୀ ପଲଙ୍କୁ ଅଞ୍ଚଳରୁ ଘଉଡାଇବାକୁ ସ୍ଥାନୀୟ ଚାଷୀଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ଦାବି ହେଉଛି। ବନବିଭାଗ ତଥା ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବା ଅଭିଯୋଗ ହୋଇଛି।



# କାର୍ଯ୍ୟକାରୀ ହେଉନି ମାମଲା ନୀତି, ବୋଝ ବଢୁଛି

**ଭୁବନେଶ୍ୱର,୨୭।୮:** ଓଡିଶାରେ ଆଇନ୍ ଅଦାଲତଗୁଡିକ ଉପରେ ମାମଲାର ବୋଝ ବଢି ଚାଲୁଥିବାବେଳେ ତ୍ୱରିତ ଫଏସଲା ପାଇଁ ରାଜ୍ୟ ମାମଲାନୀତିରେ ଥିବା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାନଯିବା ଫଳରେ ଲକ୍ଷ ଲକ୍ଷ ମାମଲା ୧୦ ରୁ ୩୦ବର୍ଷ ଧରି ଗଡୁଛି। ଫଳରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଲୋକେ ନ୍ୟାୟ ପାଇବାରୁ ଅଧିକାଂଶ କ୍ଷେତ୍ରରେ ବଞ୍ଚିତ ହେଉଛନ୍ତି। ନ୍ୟାସନାଲ୍ ଜୁଡିସିଆଲ ଡାଟା ଗ୍ରିଡ୍‌ର ତଥ୍ୟ ମୁତାବକ ରାଜ୍ୟର ଆଇନ୍ ଅଦାଲତଗୁଡିକରେ ୧୦ବର୍ଷରୁ ପୁରୁଣା ୨,୧୬,୧୫୧ଟି ଅପରାଧିକ ମାମଲା ଗଡୁଥିବାବେଳେ ଏ କ୍ଷେତ୍ରରେ ପୁରୁଣା ଦେୱାନି ମାମଲା ସଂଖ୍ୟା ୨୭,୮୨୬। ମୋଟାମୋଟି ଭାବେ ଯେତେସଂଖ୍ୟକ ମାମଲା ବିଚାରାଧିନ ରହିଛି ତାହାର ଅନ୍ୟୁନ ୧୪ ପ୍ରତିଶତ ୧୦ବର୍ଷରୁ ପୁରୁଣା। ଏମିତିକ ସ୍ଥଳ ବିଶେଷରେ ଜମିଜମା ମାମଲା ପୁରୁଷ ପୁରୁଷ ଧରି ଗଡୁଥିବାବେଳେ ଅପରାଧିକ ମାମଲା ବି ୨୦/୩୦ବର୍ଷ ଧରି ଗଡୁଛି। ଏନଜେଡିଜିର ତଥ୍ୟ ମୁତାବକ ଆମ ରାଜ୍ୟରେ ବର୍ଷକରୁ ଅଧିକ ପୁରୁଣା ମାମଲା ସଂଖ୍ୟା ୧୭ଲକ୍ଷରୁ ଅଧିକ। ଏଥି ମଧ୍ୟରୁ ୧୪ଲକ୍ଷ ୪୦ହଜାରରୁ ଅଧିକ ଅପରାଧିକ ମାମଲା ହୋଇଥିବାବେଳେ ଦେୱାନି ମାମଲା ହେଉଛି ୨ଲକ୍ଷ ୬୫ହଜାରରୁ ଅଧିକ। ବର୍ଷକରୁ କମ୍ ଅବଧିର ମାମଲା ସଂଖ୍ୟା ଆମ ରାଜ୍ୟରେ ପ୍ରାୟ ୩ଲକ୍ଷ ୭୫ହଜାର। ଏଥି ମଧ୍ୟରୁ ୩ଲକ୍ଷ ୬୭ ହଜାରରୁ ଅଧିକ ହେଉଛି ଅପରାଧିକ ମାମଲା। ମୋଟାମୋଟି ଭାବେ ମୋଟ୍ ବିଚାରାଧୀନ ମାମଲାର ପ୍ରାୟ ୨୬ ପ୍ରତିଶତ ବର୍ଷକରୁ କମ୍ ଅବଧିର ହୋଇଥିବା ବେଳେ ବର୍ଷେରୁ ତିନି ବର୍ଷ ଧରି ଗଡୁଥିବା ମାମଲା ସଂଖ୍ୟା ହେଉଛି ୨୨ ପ୍ରତିଶତ। ବର୍ଷେରୁ ତିନି ବର୍ଷର ପୁରୁଣା ମାମଲା ସଂଖ୍ୟା ୩ଲକ୍ଷ ୭୧ ହଜାରରୁ ଅଧିକ ହୋଇଥିବାବେଳେ ଏଥିରୁ ଅପରାଧିକ ମାମଲା ସଂଖ୍ୟା ପ୍ରାୟ ୩ଲକ୍ଷ ୮ହଜାର। ସେହିପରି ମୋଟ୍ ମାମଲାର ୧୪ ପ୍ରତିଶତ ହେଉଛି ୩ ରୁ ୫ବର୍ଷର ପୁରୁଣା। ଏହାର ସଂଖ୍ୟା ବି ୨ଲକ୍ଷ ୩୭ହଜାରରୁ ଅଧିକ। ଏଥିରୁ ପ୍ରାୟ ୨ଲକ୍ଷ ୫ହଜାର ହେଉଛି ଅପରାଧିକ ମାମଲା। ଏହି ତଥ୍ୟ ମୁତାବକ ଓଡିଶାରେ ଯେତେ ବିଚାରାଧିନ ମାମଲା ରହିଛି ସେଥିରୁ ୨୪ପ୍ରତିଶତ ହେଉଛି ୫ରୁ ୧୦ବର୍ଷର ପୁରୁଣା। ଏହି ଅବଧିର ମାମଲା ସଂଖ୍ୟା ୪ଲକ୍ଷରୁ ଅଧିକ ଥିବାବେଳେ ସେଥିରୁ ଅପରାଧିକ ମାମଲା ସଂଖ୍ୟା ପାଖାପାଖି ୩ଲକ୍ଷ ୪୫ହଜାର। ବିଳମ୍ବିତ ନ୍ୟାୟକୁ ବିଡମ୍ବିତ ନ୍ୟାୟ ବୋଲି କୁହାଯାଏ। ମାମଲା ଫଏସଲାରେ ବିଳମ୍ବ ଯୋଗୁଁ ମାମଲାରେ ଛନ୍ଦି ହେଉଥିବା ନ୍ୟାୟ ପ୍ରତ୍ୟଶିମାନଙ୍କ ଦୁଃଖ ମା' ମରିବା ଦୁଃଖ ଠାରୁ ବଳି ପଡୁଛି ବୋଲି ଅଭିଜ୍ଞ ଆଇନ୍‌ଜୀବୀମାନେ ମତବ୍ୟକ୍ତ କରୁଛନ୍ତି। ସାଧାରଣ ଲୋକଙ୍କ ଅଭିଯୋଗର ସମାଧାନ ପାଇଁ ସରକାରୀକଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିପାରୁନଥିବାରୁ ଜମିଜମା ସମେତ ଅନ୍ୟ ଦେୱାନି ମାମଲା ସଂଖ୍ୟା ବଢୁଛି। ଆଇନ୍ ବ୍ୟବସ୍ଥାରେ ନ୍ୟାୟ ପାଇବାଲାଗି ପୁରୁଷ ପୁରୁଷ ବିତିଯାଉଥିବାବେଳେ ଅନେକ କ୍ଷେତ୍ରରେ କ୍ଷତିଗ୍ରସ୍ତ ଲୋକେ ନିଜ ହାତକୁ ଆଇନକୁ ନେବା ଫଳରେ ଅପରାଧିକ ମାମଲା ମଧ୍ୟ ବୃଦ୍ଧି ପାଉଛି। ଆଇନ୍‌ଜୀବୀ, ଅବସରପ୍ରାପ୍ତ ବିଚାରପତି ଓ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀମାନେ ସ୍ୱୀକାର କରୁଛନ୍ତି ଯେ ନିଶାର ପ୍ରସାର ସମେତ ସାଂସ୍କୃତି ଓ ନୈତିକ ବ୍ୟବସ୍ଥାର ଅବକ୍ଷୟ, ମାମଲା ତଦନ୍ତରେ ତ୍ରୁଟି ବିଚ୍ୟୁତି, ଠିକଣା ଭାବେ ମାମଲା ପରିଚାଳନା କରାନଯିବା, ବିଳମ୍ବିତ ବ୍ୟବସ୍ଥା ଯୋଗୁଁ ସାକ୍ଷ୍ୟ ପ୍ରମାଣ ନଷ୍ଟହେବା ଏବଂ ସର୍ବୋପରି ରାଜନୀତିର ଅପରାଧିକରଣ ସହିତ ଅପରାଧର ରାଜନୀତିକରଣ ଯୋଗୁଁ ମାମଲା ସଂଖ୍ୟା ବଢୁଛି। (ତଥ୍ୟ)

# ଭତ୍ତା ଟଙ୍କା ଆଣିବାକୁ ଟ୍ରଲିରେ ବୁହାହେଲେ ବୃଦ୍ଧା

**କୁଆଁପାଳ,୨୭।୮(ସଂଚାର ବ୍ୟୁରୋ):** ସରକାର ସମ୍ବେଦନଶୀଳ ହୋଇ ବୃଦ୍ଧବୃଦ୍ଧାଙ୍କ ଦୁଆରେ ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏଠାରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଆନ୍ତରିକତାହୀନ ଆଚରଣ ଯୋଗୁଁ ଜଣେ ୯୧ ବର୍ଷୀୟା ମହିଳା ବ୍ୟାଙ୍କ୍ ଦୁଆରକୁ ଆସିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ର ବିଷୟ ହୋଇଛି। ଉକ୍ତ ବୃଦ୍ଧା ଜଣଙ୍କ ଉଠିବସି ପାରୁନଥିବାରୁ ଟ୍ରଲିରେ ବୁହା ହୋଇ ଆସିବା ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ଅମାନବୀୟ ଆଚରଣକୁ ପଦାରେ ପକାଇଦେଇଛି।



ମିଳିଥିବା ସୂଚନାନୁସାରେ, ମାହାଙ୍ଗା ବ୍ଲକ୍ ଚାହାପଡ଼ା ପଞ୍ଚାୟତ ଭଁରାଜ ଗ୍ରାମର ଶ୍ରୀମତୀ ସାହୁ (୯୧) ଜଣେ ଭତ୍ତା ହିତାଧିକାରୀ ହୋଇଥିବା ବେଳେ ତାଙ୍କର ଭତ୍ତା ଟଙ୍କା ଛତ୍ରତୋଟାସ୍ଥିତ କାନାରା ବ୍ୟାଙ୍କରେ ଥିବା ଆକାଉଣ୍ଟକୁ ଆସିଥାଏ। ତେବେ ନିକଟରେ ସେ ବ୍ୟାଙ୍କକୁ ଆସିବା ପାଇଁ ଅକ୍ଷମ ଥିବାରୁ ଭତ୍ତା ଟଙ୍କା ଗଣ୍ଡାକ ତାଙ୍କୁ ଦେବା ସକାଶେ ପୁଅ ମଧୁସୂଦନ ଶାଖା ପରିଚାଳକଙ୍କୁ କହିଥିଲେ। କିନ୍ତୁ ଏଥିପ୍ରତି ପରିଚାଳକ ଜଣଙ୍କ କର୍ଣ୍ଣପାତ ବି କରି ନଥିଲେ। ଶେଷରେ ବନ୍ଧୁସୂଦନ ବାଧ୍ୟ ହୋଇ ମା' ଶ୍ରୀମତୀଙ୍କୁ ଏକ ଟ୍ରଲିରେ ଶୁଆଇ ଅତି ଦୟନୀୟ ଅବସ୍ଥାରେ ବ୍ୟାଙ୍କକୁ ଆଣିଥିଲେ। କିନ୍ତୁ ଏହା ସତ୍ତ୍ୱେ ବି ବ୍ୟାଙ୍କ୍ କର୍ତ୍ତୃପକ୍ଷ ମାନବିକତା ଦେଖାଇ ନଥିଲେ। ବ୍ୟାଙ୍କରୁ ଭତ୍ତା ଟଙ୍କା ଉଠାଇବା ପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶ୍ରୀମତୀ ଟ୍ରଲି ଉପରେ ଶୋଇ ରହିଥିଲେ। ତେଣୁ ଉଠାଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଶୀଘ୍ର ଟଙ୍କା ଦେବା ପାଇଁ ବନ୍ଧୁସୂଦନ ନିବେଦନ କରିଥିଲେ ମଧ୍ୟ ସେ ଶୁଣିବା ତ ଦୂରର କଥା, ବରଂ ତାଙ୍କ ଉପରେ ବିରକ୍ତ ହୋଇ ତହସିଲଦାର୍ ଓ ବିଡିଓଙ୍କଠାରୁ ଲେଖା ଆଣ ବୋଲି କହିବା ସହ ବ୍ୟାଙ୍କ୍ ଖାତା ଚିରି ଦେବାକୁ ଧମକ ଦେଇଥିଲେ। ତେବେ ଏପରି ଏକ ଘଟଣାକୁ ସାଧାରଣରେ କଡ଼ା ସମାଲୋଚନା କରାଯିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରାଯାଇଛି। ବରିଷ୍ଠ, ଅସହାୟ ଏବଂ ଶଯ୍ୟାଶାୟୀ ଭତ୍ତା ହିତାଧିକାରୀଙ୍କୁ ଆବଶ୍ୟକ ସ୍ଥଳେ ବ୍ୟାଙ୍କ୍ ମିତ୍ରମାନେ ଭତ୍ତା ଅର୍ଥ ତାଙ୍କ ଘରେ ଦେବାର ନିୟମ ଥିଲେ ହେଁ ମାହାଙ୍ଗା ବ୍ଲକ୍‌ରେ ଏଥିପ୍ରତି ବ୍ୟାଙ୍କ୍‌ଗୁଡ଼ିକ ଧ୍ୟାନ ଦେଉନାହାନ୍ତି। ଏ ସମ୍ପର୍କରେ ଛତ୍ରତୋଟା କାନାରା ବ୍ୟାଙ୍କ୍ ଶାଖା ପରିଚାଳକ ପ୍ରେମାନନ୍ଦ ମହାପାତ୍ରଙ୍କୁ ଯୋଗାଯୋଗ କରାଯିବା ପରେ ସେ ଏହାକୁ ସ୍ୱୀକାର କରିବାକୁ ରାଜି ହୋଇନଥିଲେ। ବରଂ କୌଣସି ଅଧିକାରୀ ଭତ୍ତା ଅର୍ଥ ଉଠାଣ ନେଇ କାହାରିକୁ ଦୁର୍ବ୍ୟବହାର କରିନାହାନ୍ତି ବୋଲି କହିଛନ୍ତି। ଏଥିସହ ଶ୍ରୀମତୀଙ୍କ ପୁଅଙ୍କୁ ତହସିଲ୍‌ଦାର, ବିଡିଓ କିମ୍ବା ସରପଞ୍ଚଙ୍କଠାରୁ ଲିଖିତ ପତ୍ର ଆଣିବାକୁ କୁହାଯାଇଥିଲେ ବି ସେ ତାହା ଦେଇନାହାନ୍ତି। ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କ ବୃଦ୍ଧବୃଦ୍ଧାଙ୍କ ଆଙ୍ଗୁଳି ଛାପ ଅନେକ ସମୟରେ ମେସିନ୍‌ରେ ଆସୁନଥିବାରୁ ବ୍ୟାଙ୍କ୍ ମିତ୍ରମାନେ ଏ ଦିଗରେ ସେମାନଙ୍କୁ ସହାୟତା ଦେଇପାରୁନାହାନ୍ତି। ତେଣୁ ବାଧ୍ୟ ହୋଇ ବୃଦ୍ଧବୃଦ୍ଧା ବ୍ୟାଙ୍କକୁ ଆସି ଟଙ୍କା ଉଠାଉଛନ୍ତି। ଏଥିସହ ବ୍ୟାଙ୍କ୍ କର୍ମଚାରୀମାନେ ବିଭିନ୍ନ ସମୟରେ ବ୍ୟକ୍ତିଗତ ଭାବେ ବୃଦ୍ଧବୃଦ୍ଧା ହିତାଧିକାରୀଙ୍କ ଘରେ ପହଞ୍ଚି ଭତ୍ତା ଅର୍ଥ ପ୍ରଦାନ କରୁଥିବା ଶ୍ରୀ ମହାପାତ୍ର କହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ଗୁରୁବାର ୨୮ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Thursday 28 August 2025, Bhubaneswar

# ବିଶ୍ୱାସଘାତକ ବନ୍ଧୁ



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟରେ ଥିବା ବନ୍ଧୁତ୍ୱ ଏକଦା ବିଶ୍ୱରେ ଚର୍ଚ୍ଚାର ବିଷୟ ଥିଲା। ମୋଦୀଙ୍କର 'ହାଉଡି ମୋଦୀ' ଏବଂ ଟ୍ରମ୍ପଙ୍କର 'ନମସ୍ତେ ଟ୍ରମ୍ପ୍' ଭଳି କାର୍ଯ୍ୟକ୍ରମରେ ଉଭୟଙ୍କର ଉଷ୍ମ ସମ୍ପର୍କ ପ୍ରତିଫଳିତ ହୋଇଥିଲା। କିନ୍ତୁ ୨୦୨୫ରେ ଏହି ବନ୍ଧୁତ୍ୱ ଏକ ବଡ଼ ଧୋକାର ଶିକାର ହୋଇଛି। ଟ୍ରମ୍ପ୍ ତାଙ୍କର 'ଆମେରିକା ଫାର୍ଷ୍ଟ' ନୀତିର ନାଁରେ ଭାରତକୁ ଅର୍ଥନୈତିକ ଏବଂ କୂଟନୀତିକ ରୂପରେ କ୍ଷତିଗ୍ରସ୍ତ କରିଛନ୍ତି, ଯାହା ମୋଦୀଙ୍କର ବ୍ୟକ୍ତିଗତ ଏବଂ ରାଷ୍ଟ୍ରୀୟ ପ୍ରତିଷ୍ଠାକୁ ହାନି ପହଞ୍ଚାଇଛି। ଏହି ଘଟଣାକ୍ରମ ଦର୍ଶାଉଛି ଯେ ଟ୍ରମ୍ପ୍ କିପରି ତାଙ୍କର ବନ୍ଧୁକୁ ସାବୋଟେଜ୍ କରିଛନ୍ତି।

ପ୍ରଥମେ, ଟ୍ରମ୍ପ୍ ଭାରତର ରୁଷିଆନ୍ ତୈଳ କ୍ରୟକୁ ନେଇ ଆରୋପ ଲଗାଇଛନ୍ତି ଯେ ଏହା ରୁଷିଆର ଯୁଦ୍ଧକୁ ଅର୍ଥନୈତିକ ସହାୟତା ପ୍ରଦାନ କରୁଛି। ଫଳସ୍ୱରୂପ, ସେ ଭାରତୀୟ ଉତ୍ପାଦଗୁଡ଼ିକ ଉପରେ ୨୫% ଟ୍ୟାରିଫ୍ ଲଗାଇଛନ୍ତି, ଯାହାକୁ ପରେ ୫୦ ପ୍ରତିଶତକୁ ବଢ଼ାଇ ଦେଇଛନ୍ତି। ଏହା ଭାରତର ଅର୍ଥନୀତିକୁ ବଡ଼ ଧକ୍କା ଦେଇଛି, ବିଶେଷକରି କୃଷି ଏବଂ ଉଦ୍ୟୋଗ କ୍ଷେତ୍ରରେ। ଟ୍ରମ୍ପ୍ ଭାରତକୁ 'ମୃତ ଅର୍ଥନୀତି' ବୋଲି ଅପମାନ କରିଛନ୍ତି ଏବଂ ତାଙ୍କର ଏହି ପଦକ୍ଷେପ ମୋଦୀଙ୍କର ଅର୍ଥନୈତିକ ସଫଳତାକୁ ଚ୍ୟାଲେଞ୍ଜ୍ କରିଛି। ଏହା କେବଳ ବ୍ୟବସାୟକୁ ପ୍ରଭାବିତ କରିନାହିଁ, ବରଂ ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ହାନି ପହଞ୍ଚାଇଛି। ଭାରତ ରୁଷିଆରୁ ଶସ୍ତା ତୈଳ କିଣି ନିଜର ଶକ୍ତି ଆବଶ୍ୟକତା ପୂରଣ କରୁଥିଲା, କିନ୍ତୁ ଟ୍ରମ୍ପଙ୍କର ଚାପ ଏହାକୁ ବାଧା ଦେଇଛି।

ଦ୍ୱିତୀୟତଃ, ଟ୍ରମ୍ପ୍ ଭାରତ-ପାକିସ୍ତାନ ସମ୍ପର୍କରେ ହସ୍ତକ୍ଷେପ କରି ମୋଦୀଙ୍କୁ ଅପମାନିତ କରିଛନ୍ତି। ସେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତିର ଶ୍ରେୟ ନେଇଛନ୍ତି, ଯାହାକୁ ମୋଦୀ ସରକାର ନକାରି ଦେଇଛନ୍ତି। ଟ୍ରମ୍ପ୍ ପାକିସ୍ତାନର ସେନାପତିଙ୍କୁ ହ୍ୱାଇଟ୍ ହାଉସ୍‌ରେ ଆମନ୍ତ୍ରଣ କରିଛନ୍ତି, ଯାହା ଭାରତ-ପାକିସ୍ତାନକୁ ପୁଣି ଏକତ୍ର କରିବାର ସଙ୍କେତ ଦେଉଛି। ଏହା ମୋଦୀଙ୍କର ପାକିସ୍ତାନ ବିରୋଧୀ ନୀତିକୁ ଦୁର୍ବଳ କରିଛି ଏବଂ ଭାରତର କୂଟନୀତିକ ସ୍ଥିତିକୁ ହାନି ପହଞ୍ଚାଇଛି। ଟ୍ରମ୍ପଙ୍କର ଏହି ପଦକ୍ଷେପ ଭାରତକୁ ଅନ୍ତର୍ଜାତୀୟ ମଞ୍ଚରେ ଏକାକୀ କରିଦେଇଛି, କାରଣ କୌଣସି ମିତ୍ରରାଷ୍ଟ୍ର ଭାରତର ପାକିସ୍ତାନ ବିରୋଧୀ କାର୍ଯ୍ୟକୁ ସମର୍ଥନ କରିନାହାନ୍ତି।

ତୃତୀୟତଃ, ବାଣିଜ୍ୟ ଚୁକ୍ତିର ବିଫଳତା ମୋଦୀଙ୍କର ବ୍ୟକ୍ତିଗତ କୂଟନୀତିର ବିଫଳତାକୁ ଦର୍ଶାଉଛି। ଟ୍ରମ୍ପ୍ ଭାରତକୁ ଅନ୍ୟାୟ ବାଣିଜ୍ୟ ନୀତିର ଅଭିଯୋଗ ଲଗାଇ ଟ୍ୟାରିଫ୍ ଲଗାଇଛନ୍ତି, ଯାହା ଭାରତର ଅର୍ଥନୈତିକ ବୃଦ୍ଧିକୁ ବାଧା ଦେଉଛି। ମୋଦୀ ଟ୍ରମ୍ପଙ୍କର ଫୋନ୍ କଲ୍ ଉପେକ୍ଷା କରିଛନ୍ତି, ଯାହା ଉଭୟଙ୍କ ମଧ୍ୟରେ ବଢୁଥିବା ବିରୋଧକୁ ଦର୍ଶାଉଛି। ଏହା ମୋଦୀଙ୍କୁ ଦେଶରେ ରାଜନୈତିକ ଚାପର ସମ୍ମୁଖୀନ କରିଛି, ଯେଉଁଠାରେ ବିରୋଧୀ ତାଙ୍କୁ ଟ୍ରମ୍ପଙ୍କର ସମ୍ମୁଖରେ ଦୁର୍ବଳ ବୋଲି ଅଭିଯୋଗ କରୁଛନ୍ତି। ଟ୍ରମ୍ପଙ୍କର ଏହି କାର୍ଯ୍ୟକଳାପ ଭାରତକୁ ଚୀନ୍ ଏବଂ ରୁଷିଆ ଭଳି ରାଷ୍ଟ୍ରମାନଙ୍କ ନିକଟତର କରିଛି, ଯାହା ଆମେରିକାର ରଣନୀତିକ ଲକ୍ଷ୍ୟକୁ ବିଫଳ କରିଛି।

ଏହି ଘଟଣାକ୍ରମ ମୋଦୀଙ୍କର ଟ୍ରମ୍ପ୍ ପ୍ରତି ଅନ୍ଧ ବିଶ୍ୱାସର ଭୁଲ୍‌କୁ ଉଜାଗର କରୁଛି। ଟ୍ରମ୍ପଙ୍କର 'ଅହଂକାର' ଏବଂ 'ବୁଲିଂ' ନୀତି ଭାରତର ସ୍ୱାର୍ଥକୁ ହାନି ପହଞ୍ଚାଇଛି। ମୋଦୀଙ୍କୁ ଏବେ ନିଜର ବୈଦେଶିକ ନୀତିକୁ ପୁନର୍ବିଚାର କରିବାକୁ ପଡ଼ିବ, ଯାହା ଦ୍ୱାରା ଭାରତ ସ୍ୱାଧୀନତାର ସହ ବିକାଶ କରିପାରିବ। ଟ୍ରମ୍ପଙ୍କର ଏହି ଧୋକା ଭାରତୀୟ କୂଟନୀତିର ଏକ ଶିକ୍ଷା: ବନ୍ଧୁତ୍ୱ ସର୍ବଦା ସ୍ଥାୟୀ ନୁହେଁ, ରାଷ୍ଟ୍ରୀୟ ସ୍ୱାର୍ଥ ହିଁ ପ୍ରଥମ। ଏହା ଭାରତକୁ ଆତ୍ମନିର୍ଭରତା ଏବଂ ବହୁମୁଖୀ ସମ୍ପର୍କ ଆଡ଼କୁ ଧାଇଁବାକୁ ପ୍ରେରଣା ଦେବ।

# ମ, ଟ ଯୋଡ଼ିରେ ବିସ୍ଫୋରିତ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଜ୍ୟୋତିଷରେ ବର୍ଣ୍ଣମାଳାକୁ ନେଇ ରାଶି ଚିହ୍ନଟ ଓ ନକ୍ଷତ୍ର ଚିହ୍ନଟର ଏକ ସୂତ୍ର ଅଛି। ବର୍ଣ୍ଣମାଳରେ ସ୍ୱର ବର୍ଣ୍ଣ ଅରୁଔ ଔ ବ୍ୟଞ୍ଜନ ବର୍ଣ୍ଣର କ ଠାରୁ ହ ଏହାକୁ ଏକ ନିର୍ଦ୍ଦିଷ୍ଟ ନିମୟରେ ୧୨ରାଶି ପାଇଁ ମୌଳିକ ଅକ୍ଷର ଧାର୍ଯ୍ୟ ଓ ୨୭ ନକ୍ଷତ୍ର + ୧ ନକ୍ଷତ୍ର ଅଭିଜିତ ପାଇଁ ୧ ନକ୍ଷତ୍ରର ୪ ପାଦ ଦୃଷ୍ଟେ ୧୦୮+୪ = ୧୧୨ ପାଦକୁ ୧୧୨ଟି ସ୍ୱରବ୍ୟଞ୍ଜନ ମିଶାଣରେ ଏହା ଧାର୍ଯ୍ୟ। ମ ଓ ଟ ଅକ୍ଷର ସିଂହ ରାଶି ଅଧିନରେ ୨ ଅକ୍ଷରକୁ ପୂର୍ବ ଜ୍ଞାନୀ ଜ୍ୟୋତିଷୀମାନେ ଧାର୍ଯ୍ୟ କରିଛନ୍ତି। ଯେତବେଳେ ରାହୁ ସିଂହ ରାଶିରେ ଗତି କରୁଥିଲେ ସେତେବେଳେ ଏଇ 'ମ' 'ଟ' ଅକ୍ଷରରେ ନାମ କାମିକା ନରେନ୍ଦ୍ର ମୋଦି, ଡୋନାଲଡ ଟ୍ରମ୍ପ ସଂସାରରେ ନାମଯାଦା ହୋଇ ଲୋକେ ଲୋଚନକୁ ଆସିଲେ ଅନେକ ଲୋକଙ୍କୁ ଭେଟ ହେଉ ଅସ୍ତ୍ର ହେଉରେ ନକାଟିଲେ କେହି ପଦବୀ ଆସିନପାରେ। ଡିଭାଇଡ ଆଣ୍ଡ ରୁଲ ଏ କାର୍ଯ୍ୟ ପାଇଁ ରାହୁଙ୍କର କାରବତ୍ୱ। ଭାରତ ପାକିସ୍ଥାନ ଏଇ ରାହୁ ସ୍ଥିର ରାଶିର ଉଚ୍ଚ ସ୍ଥାନରେ ବୃଷରେ ଥିବାବେଳେ ହିଁ ଅଖଣ୍ଡ ଭାରତ ଖଣ୍ଡ ଖଣ୍ଡ ହୋଇ ହୋଇଛି। ଭାରତର ହିଁ ରାହୁ ଲଗ୍ନର ବୃଷ ରାଶି ସ୍ଥିତିରେ ରହିଛି। ବହୁବର୍ଷ ଧରି ଭାରତରେ ବିଦେଶୀ ପ୍ରଶାସନକ ଚାଲିଲେ ବି ଏମିତି ଗ୍ରହ ସ୍ଥିତି କେବଳ ୧୯୪୭ ମସିହାରେ ହିଁ ଆସିଲା। ରାହୁବୃଷରେ ଥିଲାବେଳେ ବୃଷସ୍ଥ ସ୍ଥିତି ସମସ୍ତ ସ୍ୱରବର୍ଣ୍ଣର ଉତ୍ସ ଉଜ୍ଜିବିତ ମଧ୍ୟରୁ ଅଇ ଉଓଔବ ଅକ୍ଷର ଗୁଡ଼ିକରୁ ଇଂଲଣ୍ଡ ବ୍ରିଟିଶ ରାଜ ୟୁନାଇଟେଡ କିଡଙ୍ଗ ରୁ ଇଣ୍ଡିଆ ଅଲଗା ହୋଇଗଲା। ଇଣ୍ଡିଆ ସ୍ୱାଧୀନ ହେଲା, ଭାରତ ଭାରତୀ ବିଳାସ ଭୂମି ବିଖଣ୍ଡିତ ହୋଇଗଲା ତେବେ ଇଣ୍ଡିଆର ନାମ ବିଦେଶରେ ପରିପ୍ରକଟ ରହିଲା। ସ୍ୱର ଜ୍ୟାତିଷକର ଭାରତ ପାକିସ୍ଥାନ କାଶ୍ମୀର ଜାମ୍ମୁ ଆଦି ମୂଳ ଅକ୍ଷରରେ 'ଆ' ସଂଯୋଗ ରହିଲା। ଏହା ଦୀର୍ଘସ୍ୱର ଯୋଗୁଁ ସମସ୍ୟା ଅହଙ୍କାର ଯୋଗୁଁ ନିର୍ବାପିତ ହେଉ ନାହିଁ ଏପରିକି ପୂର୍ବବଙ୍ଗ, ପରେ ବାଙ୍ଗଲାଦେଶ ଏଥିରେବି ଦୀର୍ଘ ସ୍ୱର ପ୍ରଥମ ଅକ୍ଷରରେ ସଂଯୋଗ ରହିଛି। ଦୀର୍ଘ ସ୍ୱର ନିଜକୁ ପରିପ୍ରକାଶ ଦୃଢ଼ ଭାବରେ କରିବାକୁ ଜିଦଧରେ। ସିଂହ ରାଶିରେ ଏମତି ଅଛି ମ ଓ ଟ ଅକ୍ଷର। ଭାରତରେ ମୋଦିଜୀ ଓ ଆମେରିକାରେ ଟ୍ରମ୍ପଜୀ ପରିପ୍ରକାଶ ହେଲେ ରାହୁଙ୍କର ସିଂହରାଶିରେ ପ୍ରବେଶରୁ ପ୍ରସ୍ଥାନ କଳ ମଧ୍ୟରେ ବିଶ୍ୱ ଝଲକକୁ ଆସିଲେ।

ସିଂହରାଶି ରାଶିଚକ୍ରର ୧୨୦ ଅଂଶ ପରେ ଓ ୧୫୦ ଅଂଶ ମଧ୍ୟରେ ଆସେ। ରାହୁ ଓଲଟା ଗତିରେ ବିଗତ ୩୦.୧.୨୦୧୬ ଚର ରାହୁ ସିଂହରେ ପ୍ରବେଶ କରି ତା୧୮.୮.୨୦୧୭ ଯାଏ ରହିଥିଲେ। ଏଇ ସମୟରେ 'ମ' 'ଟ' ଅକ୍ଷରର ଲୋକ ପ୍ରସିଦ୍ଧିରେ ମୋଦି ଓ ଟ୍ରମ୍ପ ଆସିଯାଇଥିଲେ। ସିଂହ ରାଶିରୁ ଠିକ ୭ମ ରାଶି କୁମ୍ଭରାଶି ଯାହା ରାଶିଚକ୍ରର ୧୧ଶ ରାଶି ଯାହା ୩୦୦ ଅଂଶରୁ ୩୩୦ ଅଂଶ ରାଶିଚକ୍ର ବୃତ୍ତର ଅଂଶ। ୩୩୦ରୁ ୩୦୦ ଆଡ଼କୁ ରାହୁ ମାଡ଼ି ଆସନ୍ତି। ତା୧୮.୫.୨୦୨୫ ରୁ ୫.୧୨.୨୦୨୬ ଯାଏ ରହିବେ ରାହୁ ଛାୟା ଗ୍ରହ ଏହାର ଲେଉଟାଣି ଅଛି। ସିଂହର ବିପରୀତ କୁମ୍ଭ ଅର୍ଥ ସିଂହରୁ ଲେଉଟାଣି। ଏଠାରେ ସିଂହ କପଟ ରାଶି ନୁହଁ ଅଗ୍ନି କ୍ଷତ୍ରୀୟ ରାଶି, ଏହି ଦୁଇ ପୁରୁଷ ପୁରୁଷ ସିଂହ ରୂପେ ପୃଥିବୀକୁ ବନ୍ଧୁ ବନ୍ଧନରେ ଚମକାଇ ଦେଇଥିଲେ। ରାହୁର ମୂଳ ତ୍ରିକୋଣ ବା ଶକ୍ତିଶାଳୀ ଯାଗା ହେଉଛି କୁମ୍ଭରାଶି। ଏହା ବାୟୁ ଓ ଶୁକ୍ର ରାଶି ଶୁଦ୍ର ବୃତ୍ତିରେ ଅଛି ଚରଣ ଚୁଟିଆନିତି। ଶୁଦ୍ର ଅର୍ଥ ସେବକ, ସବକ ଗଣରେ ଯେଉଁମାନେ ମୁକରିର ସେ ନିଜର ଫାଏଦା ଦୃଷ୍ଟେ ସମୟକୁ ବଣ୍ଟନ କରି ଆଗପଛ ସେବା ବେଳେ ବେଳେ କରନ୍ତି। ଫଳରେ ତାକୁ ଅପେକ୍ଷା ରତ ଖାମିଦ ବିରକ୍ତ ହୋଇଥାନ୍ତି। ସେ କ୍ଷେତ୍ରରେ ଚରଣ ଧରନ୍ତି। କ୍ଷତ୍ରୀୟ ରାଜର ଘୋର ବିରୁଦ୍ଧ ହେଉଛନ୍ତି ଶୁଦ୍ରରାଜା ସଂସାରରେ କ୍ଷତ୍ରୀୟ କମ ଶୁଦ୍ର ବେଶୀ। ଶୁଦ୍ରରେ ଶ୍ରେଣୀ ସଂଗ୍ରାମ ଠିଆ ହେଲେ ସବୁ ମଣିଷଙ୍କ ଜୀବନ ଦାରା ଠପ୍ ହୋଇଯାଏ। ଛୋଟ ଛୋଟ ଦେଶୀୟ ରାଜାମାନେ ବାଘ ପରି ପ୍ରତାପୀ ଥିଲେ ବି ପୂବେର୍ପ ଜାତି ପାଟକର ବିପ୍ଲବ ସେ ଦେଶୀୟ ରାଜାମାନେ ବାଘ ପରି ପ୍ରତାପୀ ଥିଲେ ବି ପୂର୍ବେ ଜାତି ପାଟକର ବିପ୍ଳବ ସେ ଦେଶୀୟ ରାଜା ଓ ତାଙ୍କ ପାରିଷଦ ବିବ୍ରତ ହୋଇ ପଡ଼ୁଥିଲେ। ପ୍ରତି ପାଟକ ଜାତିର ପ୍ରତିନିଧି ମହାପାତ୍ର, ମହାନାୟକ, ଓ ନାୟକ ଦଳ ବେହେରା ବେହେରା ଥିଲେ। ଏଇ ମାନଙ୍କୁ ରାଜା ତୋଷ କରାଇବା ପରେ ବିପ୍ଳବ ଶାନ୍ତ ହେଉଥିଲା। ଏହି ସବୁ ପର୍ଯ୍ୟାୟ ଏବେ ୱାର୍ଡ଼ ସାହିର ମୁରବୀ ମାନେ ନିର୍ବାହ କରୁଛନ୍ତି। ଏଇମାନେ ତୋଷ ନହେଲେ କେହି ଭେଟ ପାଇବା ସମ୍ଭବ ହୋଇପାରୁନାହିଁ। ପାଣ୍ଡବ ଯେଉଁ ଆଡ଼େ ଯାଇନାହାଁନ୍ତି ତାକୁ କହନ୍ତି ଅପାଣ୍ଡବ ରାଜ୍ୟ। ପାଣ୍ଡବ ମାନେ ୧୨/୧୩ ବର୍ଷ ବନବାସ ଭୋକ୍ତା ଥିଲେ। ପାଣ୍ଡବମାନେ ସଂଖ୍ୟାରେ ପାଞ୍ଚ। ହେଲେ ସେ ଏକ ଶତସଂଖ୍ୟା ବିରୁଦ୍ଧରେ ମୁକାବିଲା କରି ଜିତାପଟ ହୋଇଥିଲେ। ଭାରତ ବର୍ଷ ପାଣ୍ଡବଙ୍କର ଉତ୍ତରାଧିକାରୀର ରାଜ୍ୟ ଆଉ ଏଇ ଏକ ଶତ ଗୋଷ୍ଠୀ ଯେତେ ବଳୁଆ ଦେଖାଯାଆନ୍ତୁ ନା ଏମାନେ ମୁହଁ ତୋଡ଼ ଜବାବ ପାଇବେ।

ବାୟୁରାଶିରେ ବ୍ୟୋମଯାନର ବିଚାର କରାଯାଏ। ଗୁପ୍ତରାଶି ବି କୁମ୍ଭ ରାଶି। ଏଥିରେ ଅଛି ବରୁଣ ଅଧିକାର ନକ୍ଷତ୍ର ଯାହା ସମୁଦ୍ରର ଭୂମି ଜଳର ଯୁଦ୍ଧଯାନ, ଆକାଶ ଯୁଦ୍ଧ ଯାନ ଏଥିରୁ ବିଚାର୍ଯ୍ୟ। ରାହୁ ଅର୍ଥ ଓଲଟ ଲେଖକ ଗୋଷ୍ଠୀ କାରଣ ରାଶିଚକ୍ରରେ ରାହୁ ଓଲଟଗତି କରନ୍ତି। ଆମର ଅନ୍ତ ଆମେ ଦେବୁ ତମେ ଧମକାଅ ଚମକାଅ ଆମେ ଠିକ ପଛରେ ଅଛୁ। ଏଇ ପ୍ରକାର ରାଶିରେ ରାହୁ ଅମାନବୀୟ ଗୁଣ ବଞ୍ଚିବା ପଥରେ ରହି ବିଶ୍ୱ ତ୍ରାସ ସୃଷ୍ଟିକାରୀ ହେଉଛନ୍ତି। କୁମ୍ଭ ରାଶିରେ ଅଛି ଗ, ଶ ଅକ୍ଷର। ଶେହବାଜ ସରିଫ ପରି ବ୍ୟକ୍ତିଙ୍କୁ ରାହୁ ଟାଣି ଫିଗର କରୁଛନ୍ତି। ସିନ୍ଧୁଜଳ ସମସ୍ୟା ସୃଷ୍ଟି ହୋଇଛି। ଟ୍ରମ୍ପ ବାବୁ ଟାରିଫ ଲଗାଇଲେ, ବୁଝା ପଡ଼ୁଛି ଶେହବାଜ ସରିଫଙ୍କ ପାଇଁ ମୋଦିଙ୍କ ମ ବଦଳରେ ମୁନିର ସେନାପତିଙ୍କୁ ଭୋଜନରେ ବସାଇ ନାନା ଅନ୍ନ ବ୍ୟଞ୍ଜନ ଖୁଆଇ କପଟ ବନ୍ଧୁତ୍ୱ ଧାରା କରାଉଛନ୍ତି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**



# ଭାଇଚାରାର ପର୍ବ ପବିତ୍ର ଗଣପର୍ବ-ନୂଆଁଖାଇ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା







ଓଡିଶାର ଚାଲିଚଳଣି, ପର୍ବ ପର୍ବାଣୀ , ସଂସ୍କୃତି ଓ ପରମ୍ପରା ନିଆରା ଓ ଦେଶର ଅନ୍ୟାନ ଅଂଚଳ ଠାରୁ ଭିନ୍ନ ଓ ସ୍ଵତନ୍ତ୍ରା କଥାରେ ଅଛି, ଓଡିଶାରେ ବାର ମାସରେ ତେର ପରବ। ଦୁଃଖ, କଷ୍ଟ ଓ ଯନ୍ତ୍ରଣାରେ ପରିପୂର୍ଣ୍ଣ ମଣିଷ ଜୀବନକୁ ସରସ ଓ ସୁନ୍ଦର କରିଥାଏ ବିଭିନ୍ନ ପର୍ବପର୍ବାଣୀ। ଓଡିଶାରେ ପାଳିତ ହେଉଥିବା ବିଭିନ୍ନ ପର୍ବ ପର୍ବାଣି ମଧ୍ୟରେ ପଶ୍ଚିମ ଓଡିଶାର ନୂଆଖାଇ ପର୍ବ ସ୍ଵତନ୍ତ୍ରା ବିଶେଷ କରି ପଶ୍ଚିମ ଓଡିଶାରେ ଏହି ପର୍ବକୁ ଆନନ୍ଦ ଓ ଉଦ୍ଦୀପନାର ସହ ପାଳନ କରାଯାଇଥାଏ। ଦେଶର ବିଭିନ୍ନ ଅଞ୍ଚଳରେ ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକ ନୂଆଖାଇ ଦିନ ଘରେ ଉପସ୍ଥିତ ହେବାକୁ ଚେଷ୍ଟା କରିଥାନ୍ତି, ଯେଉଁମାନେ ନିଜ ଭିଟାମାଟିକୁ ଆସି ନ ପାରନ୍ତି, ସେମାନେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରିଥାନ୍ତି। ନୂଆଖାଇ ପର୍ବ ଧାନ ଅମଳର ଖୁସିରେ ପାଳନ କରାଯାଇଥାଏ। ପାଞ୍ଜି ଅନୁସାରେ ଏହା ଭାଦ୍ରବ ମାସର ଶୁକ୍ଳ ପଞ୍ଚମୀ ତିଥିରେ ଅର୍ଥାତ୍ ଗଣେଶ ଚତୁର୍ଥୀର ପରଦିନ ପାଳିତ ହୋଇଥାଏ। ଧାନ ଅମଳର ଖୁସିରେ ଚାଷୀମାନେ ଏହାକୁ ପାଳନ କରିଥାନ୍ତି। ବର୍ଷା ଶେଷ ହେବାପରେ ଅର୍ଥାତ୍ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରିବା ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ ପରେ ସହଳ ଆମଲକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାର କାର୍ଯ୍ୟ କରିଥାଏ। ଚାଷୀ ପ୍ରଥମକରି ଆମଲକ୍ଷମ ଧାନକୁ ଇଷ୍ଟଦେବୀଙ୍କଠାରେ ସମର୍ପଣ କରିବା ହିଁ ନବାନ୍ନ ଭକ୍ଷଣ ବା ନୂଆଖାଇ କୁହଯାଏ। ଜ୍ୟୋତିଷ ମାନଙ୍କ ଦ୍ଵାରା ନିର୍ଣ୍ଣୟ କରାଯାଇ ନୂଆ ଭାବରେ ଅମଳ କରାଯାଇଥିବା ଷଠିଆ ଧାନରୁ ପ୍ରସ୍ତୁତ ଅନ୍ନକୁ ରାନ୍ଧି ଏହି ଦିନରେ ଭକ୍ଷଣ କରିଥାନ୍ତି। ନୂଆ ଧାନରୁ ପ୍ରସ୍ତୁତ ଚୁଡ଼ା, ଭାତ, କ୍ଷୀରି, ମଣ୍ଡାପିଠା ନିଜ ନିଜ ଘରେ ପ୍ରସ୍ତୁତ କରି ନିଜ ନିଜର ଇଷ୍ଟଦେବୀ, ଗ୍ରାମଦେବୀ , ଦେବତା, ଆରାଧ ପାଖରେ ପ୍ରଥମେ ଅର୍ପଣ କରି ସମସ୍ତେ ଏକାଠି ବସି ଖାଇଥାନ୍ତି। ଖାଇସାରିବା ପରେ ଭେଟଘାଟ ପର୍ବ ଆରମ୍ଭ ହୁଏ। ପ୍ରଥମେ ଗ୍ରାମଦେବତୀଙ୍କ ପୀଠ ବା ଭାଗବତ ଟୁଙ୍ଗୀରେ ଏକାଠି ହୋଇ ପ୍ରଣାମ ମାରିସାରିବା ପରେ ସାନମାନେ ବଡ଼ମାନଙ୍କୁ ପ୍ରଣାମ ଜଣାଇ ଆଶୀର୍ବାଦ କାମନା କରିଥାନ୍ତି। ଭେଟଘାଟ ଶେଷ ହେବାପରେ ଗାଁରେ ଖେଳକୁଦ ପ୍ରତିଯୋଗିତା ହୋଇଥାଏ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହାକୁ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଭାଷାରେ ନୂଆଁଖାଇ କୁହାଯାଏ। ଏହି ପର୍ବରେ ଆରିସା ମୁଖ୍ୟ ପିଠା। ଏହି ପର୍ବରେ ଗ୍ରାମର ଲୋକମାନେ ମିଳି ନାଚି ଗୀତ ଗାଇଥାନ୍ତି। ସେହି ଗୀତ ମଧ୍ୟରୁ ଗୋଟେ ଗୀତ ହେଲା ହଳଧର ନାଗଙ୍କ ରଚିତ...

**ଜିଇଁଛୁ ବେଲକେ ଆସି ଭାଏ ବନ୍ଧୁ**
**ହେମା ନୂଆଖାଇ ଭେଟ୍**
**ସଂସାର ଡୋର୍ ଥି ବନ୍ଧା ହୋଇଥିମା**
**ଗାଁ ଯାକର ହେଇ ମେଟ୍।**

ପଶ୍ଚିମ ଓଡିଶାରେ ରଜ ପର୍ବ ଭଳି ଏହି ନୂଆଖାଇ ଏକ ଗଣପର୍ବ ତଥା ବଡ଼ ପର୍ବ। ଏଥିପାଇଁ ପଲ୍ଲୀଠୁ ଆରମ୍ଭ କରି ସହର ଯାଏଁ ସବୁଠି ଚଳଚଞ୍ଚଳ ହୋଇ ଉଠେ। ଆବାଳ ବୃଦ୍ଧ ବନିତା ସମସ୍ତେ ନିଜ ନିଜ ଘରେ ନୂଆଖାଇ ପ୍ରସ୍ତୁତିରେ ବ୍ୟସ୍ତ ରୁହନ୍ତି। ମାଟି କାନ୍ଥ ଲିପିବା ସହ ଘରଦ୍ଵାର ପରିଷ୍କାର କରାଯାଏ। ବଜାରରେ ନୂଆଖାଇ ଲାଗି ବିଭିନ୍ନ ରକମର ମାଟି ହାଣ୍ଡି, ଡାଲା ଆଦି ବିକ୍ରି ହୋଇଥାଏ। ନୂଆଖାଇ ପୂର୍ବରୁ ମଣ୍ଡା ଓ ଆରିସା ପିଠା କରିବା ପାଇଁ ଘରର ମହିଳାମାନେ ଚାଉଳକୁ ଢେଙ୍କି ମାଧ୍ୟମରେ କୁଟି ଚୁନା ପ୍ରସ୍ତୁତି କରିଥାନ୍ତି। ପରିବାର ସମସ୍ତ ସଦସ୍ୟଙ୍କ ପାଇଁ ନୂଆ କପଡା କରାଯାଏ। ଗ୍ରାମ ବା ସହରରେ ନୂଆଖାଇ ଦିନ ନବାନ୍ନ ଦେଇ ପୂଜା ବିଧି ସମାପ୍ତ ହେବା ପରେ ପରିବାରର ମୁଖ୍ୟଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରନ୍ତି। ଏହି ପର୍ବରେ ଗ୍ରାମର ଲୋକ ମାନେ ନିଜ ଭିତରେ ପୂର୍ବରୁ ଥିବା ଭେଦ ଭାବ ଭୁଲି ଯାଆନ୍ତି। ପରିବାର ମଧ୍ୟରେ ଥିବା ମତଭେଦ ମଧ୍ୟ ଏହି ସମୟରେ ସମାଧାନ ହୋଇଥାଏ।ସମସ୍ତେ ପୁଣି ଏକଜୁଟ ହୋଇ ରହନ୍ତି। ଏହା ନୂଆଖାଇ ପର୍ବର ଏକ ବିଶେଷତା। ବିଶେଷ ଭାବରେ କହିବାକୁ ଗଲେ ନୂଆଖାଇ ପର୍ବ ଏକ ଭାଇଚାରା ପର୍ବ ଯାହା ଲୋକ ଲୋକ ମଧ୍ୟରେ ସମନ୍ଵୟ ରଖେ। ନୂଆଖାଇ ପରଦିନକୁ ନୂଆଖାଇ ବାସି ବୋଲି କୁହାଯାଏ। ଏହି ଦିନଟିକୁ ମଉଜ ମଜଲିସର ଦିନ ଭାବେ ପାଳନ କରାଯାଏ। ନୂଆଖାଇ ଦିନ ନିଜର ଇଷ୍ଟଦେବୀଙ୍କୁ ଭୋଗଲାଗି କରୁଥିବାରୁ ସେଦିନ ପ୍ରାୟତଃ କେହି ଆଇଁଷ ଖାଆନ୍ତି ନାହିଁ। ସେଥିପାଇଁ ଏହି ଦିନ ଆଇଁଷ ଖାଇଥାନ୍ତି। କେହି କେହି ଏହି ନୂଆଖାଇ ପର୍ବର ପରଦିନ ଅର୍ଥାତ୍ ବାସି ଦିନକୁ ଛାଡଖାଇ ମଧ୍ୟ କୁହନ୍ତି।

ଆଗକାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆ ଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ। ରାଜା ରାଜୁଡ଼ା ଶାସନ ପରେ ମଧ ରାଜାଙ୍କ ଇଷ୍ଟଦେବୀଙ୍କ ନାମ ଅନୁସାରେ ପଣ୍ଡିତମାନେ ନବାନ୍ନ ଖାଇବା ତିଥି ବାହାର କରୁଥିଲେ, ତେଣୁ ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ପାଳିତ ନ ହୋଇ ଭାଦ୍ରବ ଶୁକ୍ଳପକ୍ଷର ଯେକୌଣସି ଏକ ତିଥିରେ ପାଳିତ ହେଉଥିଲା। ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରି ସାରା ଓଡ଼ିଶା ସରକାରୀ ଛୁଟି କରିବା ପାଇଁ ମଧ ଘୋଷଣା କରିଥିଲେ। ଏହି ପଦକ୍ଷେପକୁ ପଶ୍ଚିମ ଓଡ଼ିଶାର ସବୁ ମହଲରେ ଚିନ୍ତା କରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ ଋଷି ପଞ୍ଚମୀ ଦିନଟି ସ୍ଥିର କରାଗଲା। ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ପଶ୍ଚିମାଞ୍ଚଳରେ ଗୋଟିଏ ଦିନରେ ନୂଆଖାଇ ପର୍ବ ତିଥି ଅନୁସାରେ ପାଳିତ ହୋଇ ଆସୁଛି। ନୂଆଖାଇ ଏକ ସାମାଜିକ କୃଷି ଭିତ୍ତିକ ପର୍ବ।ଏହି ପର୍ବ କୃଷକ ମନରେ ନୂଆ ଫସଲ ଅମଳ କରିବା ପାଇଁ ଉତ୍ସାହ ବଢାଏ।ନୂଆଖାଇ ପର୍ବ ସାମାଜିକ ବନ୍ଧନର ଗୁରୁତ୍ଵ ଶିଖାଇବା ସହ ଲୋକଙ୍କ ମଧ୍ୟରେ ମାନବିକତା ଓ ଭାତୃତ୍ଵ ଭାବନା ସୃଷ୍ଟି କରିଥାଏ।ଏଥିରେ ଜାତି-ଅଜାତି , ଉଚ୍ଚନିଚ ଭେଦଭାବ ନଥାଏ।ସମସ୍ତେ ଏହି ପର୍ବରେ ବାଦ-ବିବାଦ, ମାନ-ଅଭିମାନ , ରାଗ-ରୁଷା ଭୁଲି ଯାଇ ଏକାଠି ହୁଅନ୍ତି।ସମସ୍ତଙ୍କ ବ୍ୟକ୍ତିଗତ ଜୀବନ ସଦ୍ଭାବନରେ ପୂରି ଉଠେ। ଆମର ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଏହି ପର୍ବ ଠିକ ବାଟରେ ପରିଚାଳିତ କରେ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଆର୍ଯ୍ୟ ମାନବ ଜୀବନାଦର୍ଶ ଓ ଜୀବନଚର୍ଯ୍ୟା

ଦେବଦ୍ୟୁତି ସ୍ୱାଇଁ

ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ। ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି। ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସମ୍ପନ୍ନ। ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର। ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ। ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଞ୍ଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି। ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧାତ୍ମିକ ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଞ୍ଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଞ୍ଚାର ହୁଏ। ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ। ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି। କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ।

ଆମ ମାତୃଭୂମି ଭାରତ ହେଉଛି ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ପବିତ୍ର ଭୂମି। ଆମ୍ଭେ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାବୃନ୍ଦ ମାନବ ଜୀବନର ପରମ ଉଦ୍ଧାତା ଯୁଗାବତାର ଯୁଗପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ଉଦବୃଦ୍ଧ ହୋଇ ଭଗବତ ପ୍ରେରଣାବଳରେ ଅତୀତ ଆର୍ଯ୍ୟାବତାର ଜୀବନ ଧାରାକୁ ଅନୁଭବ କରି ତଦନୁରୂପ ଭାବରେ ତାହାର ସମ୍ୟକ ରୂପରେଖକୁ ଅଧୁନାତନ ଯୁବ ସମାଜ ଓ ବ୍ୟକ୍ତିବିଶେଷଙ୍କର ଜୀବନରେ ପ୍ରତିଫଳିତ କରିବାର ବଳିଷ୍ଠ ଆଶା ରଖି ଅନୁରୂପ ଭାବଧାରା ପରିବେଷଣ କରିଆସୁଛୁ ଏବଂ ଆଶା କରୁକି ଉଦଭ୍ରାନ୍ତ ଯୁବ ସମାଜ ଏହି ଭାବ ଧାରାକୁ ଅନୁସରଣ କରି ଅତୀତ ଗୌରବ ଆର୍ଯ୍ୟାବ୍ରତ ପ୍ରତି ଆକର୍ଷିତ ହୋଇ ବର୍ତ୍ତମାନର ପୁରୁଷୋତ୍ତମଙ୍କୁ ଆଦର୍ଶ ବୋଲି ମାନିନିଅନ୍ତୁ ଯାହାଫଳରେ ସେମାନଙ୍କର ଜୀବନ ଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆସିବାର ନିଶ୍ଚିନ୍ତ ସୁଯୋଗ ମିଳିବ। ସାଧୁହେଲେ ସାଧୁ ଚିନ୍ତା ମନକୁ ଆସେ, ସାଧୁ ସାଜିଲେ ବ୍ୟର୍ଥ ଯୋଜନା ମନକୁ ଆସେ। ସ୍ୱାର୍ଥ ସାଧନ ପାଇଁ ସାଧୁମାନେ କେବଳ ସାବଧାନ ହୋଇ ଅଗ୍ରଗତି କରନ୍ତି। ଉଚ୍ଚ ଆଦର୍ଶକୁ ଆଦରି ନିଅନ୍ତି। ଗୁରୁ ମନ୍ତ୍ରରେ ଶକ୍ତି ଅନୁଭବ କରି ସାରା ପରିବାରର ଉନ୍ନତି ସାଧନ କରିପାରନ୍ତି। ପରିବାର ମଧ୍ୟରେ ଭଗବାନ ଏବଂ ଭଗବତୀ ପରି ପିତାମାତା ପୂଜା ପାଇବାକଥା। ଯାହା ଆର୍ଯ୍ୟାବର୍ତ୍ତର ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥିଲେ। ସେହିପରି ପୂଜ୍ୟ ପୂଜାର କାର୍ଯ୍ୟକ୍ରମକୁ ଜୀବନ୍ତ କରିବାକୁ ଆମ୍ଭେ ପୁରୁଷୋତ୍ତମ ସ୍ୱସ୍ତିସେବା ସତସଙ୍ଗ ଆଶ୍ରମର ସଭ୍ୟ ସଭ୍ୟା ବୃନ୍ଦ ପୂଜ୍ୟ ପୂଜାର ପ୍ରକରଣ ଧାରାକୁ ଧାରା ବାହିତ ଭାବରେ ଗତ ଚବିଶ ବର୍ଷ ହେବ ମହାସମରରେ ପରିବେଷଣ କରି ଆସୁଥିବାବେଳେ କାର୍ଯ୍ୟକ୍ରମର ରୌପ୍ୟ ଜୟନ୍ତୀକୁ ଶୁଭଶ୍ରୀ ପ୍ରଦାନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛୁ। ଆସନ୍ତା ଅଗଷ୍ଟ ଅଠେଇଶ ତାରିଖ ଗୁରୁବାର ଦିନ କଟକର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ସୁନାମଧନ୍ୟ ଚିକିତ୍ସକ ପ୍ରଫେସର ଡାକ୍ତର ଅକ୍ଷୟ କୁମାର ମିଶ୍ରଙ୍କୁ ଆର୍ଯ୍ୟଶ୍ରୀ ସମ୍ମାନରେ ପଚିଶତମ ସ୍ୱସ୍ତିସେବା ସମ୍ମାନ ପ୍ରଦାନ କରାଯିବ ଓ ଶ୍ରୀ ଶ୍ରୀ ଠାକୁରଙ୍କ ଆଦର୍ଶ ଭାବଧାରାରେ ଆର୍ଯ୍ୟ ମାନବ ଜୀବନଦର୍ଶ ଓ ଜୀବନଚର୍ଯ୍ୟା ଉପରେ ଆଧାରିତ ପ୍ରତିଯୋଗୀତାମୂଳକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହିତ ପୂଜ୍ୟପୂଜା ଧାରାରେ ସାଧୁସନ୍ଥ, ଶିକ୍ଷାବିତ, ଆଧାତ୍ମବାଦୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ।



ଭଗବାନଙ୍କୁ ଜାଣିବାରେ ବ୍ୟକ୍ତି ଜୀବନ ସାର୍ଥକତା ଲାଭ କରେ। ଜୀବନର ଉଦ୍ଦେଶ୍ୟ ଯେହେତୁ ଭଗବାନଙ୍କୁ ଜାଣିବା ତେଣୁ ପ୍ରଥମ ପର୍ଯ୍ୟାୟରେ ସେ ଭଗବାନଙ୍କୁ ଜାଣିପାରିବାର ସୁଯୋଗ ପାଇଲେ ପରବର୍ତ୍ତୀ ଜୀବନଟି ଶୃଙ୍ଖଳିତ ହୁଏ। ଏହା ନିଶ୍ଚିନ୍ତ ସତ୍ୟ ପ୍ରତ୍ୟେକ ପ୍ରାଣୀ ଅନ୍ତରରେ ଭଗବାନ ଅଛନ୍ତି ଏବଂ ସୁପ୍ତ ଭାବରେ ଅଛନ୍ତି। ଭଗବତବିଚ୍ଛେଦ ହିଁ ସକଳ ମାନବୀୟ ଦୁଃଖ-ଦୁର୍ଦ୍ଦଶାର ମୂଳକାରଣ, ସମସ୍ତ ମାନୁଷୀ ସମସ୍ୟାର ହେତୁ। ସେହି ବିଚ୍ଛେଦ ବା ବିଭାଗ ହିଁ ବନ୍ଧନ ଆଣିଦିଏ। ଯୋଗଦ୍ୱାରା, ଭକ୍ତି ଦ୍ୱାରା, ଜ୍ଞାନଦ୍ୱାରା, ବିଚାରଦ୍ୱାରା, ବିବେକଦ୍ୱାରା, ସାଧନାଦ୍ୱାରା, ସେହି ବିଚ୍ଛେଦର, ସେହି ତୁଟା-ସମ୍ପର୍କର ଅବସାନ ଘଟାନ୍ତୁ। ଭଗବତ ଅନନ୍ୟତାର, ଭଗବତ ସାନିଧ୍ୟର, ସେହି ପରମସୁଖଦାୟୀ ଅବସ୍ଥାକୁ ସର୍ବଦା ଅତୁଟ କରି ରଖିବାକୁ ନିଷ୍ଠାର ସହିତ, ଐକାନ୍ତିକତାର ସହିତ ଉଦ୍ୟମ କରି କରି ସଂସାରଦୁଃଖକୁ ଅତିକ୍ରମ କରିଯାଆନ୍ତୁ; ଅଜ୍ଞାନ ଅନ୍ଧକାରକୁ ବିନାଶ କରି, ବନ୍ଧନରୁ ମୁକ୍ତ ହୋଇ ପରମଦିବ୍ୟଜ୍ଞାନର ଆଲୋକ ନିକଟକୁ ଚାଲି ଆସନ୍ତୁ। ତାହା ହିଁ ବିଜ୍ଞତା। ଆଜି ଏହି ଶୁଭକ୍ଷଣରୁ ସେହି ବିଜ୍ଞତାର ପଥ ଧରିନିଅନ୍ତୁ। ଆପଣ ପରମାନନ୍ଦ ପାଇବେ। ପରମେଶ୍ୱର ଆପଣଙ୍କର ସାଧନାକୁ ସାଫଲ୍ୟମଣ୍ଡିତ କରନ୍ତୁ। ଗୁରୁଦେବଙ୍କ ଆଶୀର୍ବାଦରେ ଆପଣଙ୍କର ଅଭିଳାଷ, ଆପଣଙ୍କର ସତକାମନା ପରିପୂର୍ଣ୍ଣ ହେଉ। ଯାହା ଜୀବନକୁ ସୁଖ ଏବଂ ନୀତିନିଷ୍ଠ କରିଥାଏ ତାହା ହିଁ ଧର୍ମ। ମଣିଷ ନିଜ ଧର୍ମ ପ୍ରତି ନିଷ୍ଠାବାନ ରହିବା ଉଚିତ ବୋଲି ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି। କର୍ତ୍ତବ୍ୟ ନିର୍ବାହରେ ଯଦି ପ୍ରାଣ ତ୍ୟାଗ କରିବାକୁ ହେଲା, ତେବେ ମଧ ପଶ୍ଚାତ୍‌ପଦ ହେବାର ନାହିଁ। ଅନ୍ୟର କର୍ତ୍ତବ୍ୟ ନିର୍ବାହରେ ବିଘ୍ନ ଘଟାଇବା ବି ଅନୁଚିତ। ମଣିଷ ନୈତିକ କର୍ତ୍ତବ୍ୟ ପାଳନ କରିବା ହିଁ ଧର୍ମ। ଭଗବତ୍ ଗୀତାରେ ଯେଉଁଠାରେ ମଧ ଧର୍ମ ଶବ୍ଦର ଉଲ୍ଲେଖ କରାଯାଇଛି - ତାହାର ଅର୍ଥ ରହିଛି କର୍ତ୍ତବ୍ୟ ନିର୍ବାହ କରିବା। ତେଣୁ କର୍ତ୍ତବ୍ୟ ହିଁ ଧର୍ମ ଏବଂ କର୍ତ୍ତବ୍ୟ ପାଳନ କରୁଥିବା ବ୍ୟକ୍ତି ଧାର୍ମିକଂ।

**ସାଧାରଣ ସମ୍ପାଦକ, ପୁରୁଷୋତ୍ତମ ସ୍ୱସ୍ତିସେବା ସତସଙ୍ଗ ଆଶ୍ରମ, ମେରିଆ ବଜାର, କଟକ, ମୋବାଇଲ୍: ୯୩୪୮୮୨୨୫୧୨**

### ରୁଷର ହାଇଟେକ ଅସ୍ତ୍ର ଅଫର
## ଭାରତ ଆଣିପାରେ ଏସ୍-୫୦୦



**ନୂଆଦିଲ୍ଲୀ, ୨୭।୮:** ଏସ୍-୪୦୦ ର ଶକ୍ତି କେତେ ତାହା ଅପରେସନ୍ ସିନ୍ଦୂର ସମୟରେ ସାରା ବିଶ୍ୱ ଦେଖିଛି। ପାକିସ୍ତାନର ସବୁ ମିସାଇଲ୍ ଏବଂ ଡ୍ରୋନକୁ କେମିତି ଆକାଶ ମାର୍ଗରେ ହିଁ ଧ୍ୱଂଶ କରିଦେଇଥିଲା, ତାହାର ଦୃଶ୍ୟ ଏବେ ବି ଆଖିରୁ ଲିଭିନି। ରୁଷରୁ ଆସିଥିବା ଏସ୍-୪୦୦ ଭାରତର ସୁଦର୍ଶନ ଚକ୍ର ପାଲଟିଥିବା ବେଳେ ଏବେ ଆଉ ଏକ ହାଇଟେକ୍ ଅସ୍ତ୍ରର ଅଫର ଦେଇଛି ରୁଷ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ହୋଇଥିବା ଭାରତ-ପାକ୍ ବିବାଦରେ, ରୁଷଠାରୁ କିଣାଯାଇଥିବା ଅସ୍ତ୍ରଶସ୍ତ୍ର ଭଲ ପ୍ରଦର୍ଶନ କରିଥିଲା। ବିଶେଷକରି ରୁଷର ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ୨୫୦ କିଲୋମିଟରରୁ ଅଧିକ ଦୂରତାରେ ଉଡୁଥିବା ଏକ ପାକିସ୍ତାନୀ ବିମାନକୁ ଖସାଇ ଦେଇଥିଲା। ଏହା ବ୍ୟତୀତ, ଏହି ଆଣ୍ଟି ମିସାଇଲ୍ ସିଷ୍ଟମ୍ ପାକିସ୍ତାନୀ ଡ୍ରୋନ୍, କ୍ଷେପଣାସ୍ତ୍ର ଏବଂ ଯୁଦ୍ଧ ବିମାନର ସଠିକ୍ ଲୋକେସନ୍ ପ୍ରଦାନ କରିଥିଲା। ଏପରି ପରିସ୍ଥିତିରେ, ରୁଷ ଚାହୁଁଛି ଯେ, ଭାରତ ତା'ର ଆବଶ୍ୟକତା ଅନୁସାରେ ଅଧିକ ଅସ୍ତ୍ରଶସ୍ତ୍ର କିଣୁ। ରୁଷ ଭାରତକୁ ସୁଖୋଇ ସୁ-୫୭ ଲଢୁଆ ବିମାନ, ସୁଖୋଇ ସୁ-୩୫ ଜେଟ୍, ଆକାଶରୁ ଆକାଶକୁ ନିକ୍ଷେପ କରାଯାଉଥିବା ଆର-୩୭ କ୍ଷେପଣାସ୍ତ୍ର ଏବଂ ଏସ୍-୫୦୦ ଆଣ୍ଟି ମିସାଇଲ୍ ସିଷ୍ଟମ୍ କିଣିବା ପାଇଁ ଅଫର ଦେଇଛି। ଭାରତକୁ ଏହି ଅସ୍ତ୍ରଶସ୍ତ୍ରର ଅତ୍ୟନ୍ତ ଆବଶ୍ୟକତା ଅଛି, କିନ୍ତୁ ଅନେକ କାରଣ ଯୋଗୁଁ ଭାରତ ଏପର୍ଯ୍ୟନ୍ତ ରୁଷଠାରୁ କୌଣସି ନୂତନ ଅସ୍ତ୍ରଶସ୍ତ୍ର କିଣିବାକୁ ସହମତି ପ୍ରକାଶ କରିନାହିଁ, ଏହା ଉପରେ ଏବେବି ବିଚାର ଚାଲିଛି। ରୁଷ ଦାବି କରିଛି ଯେ ଏସ୍-୫୦୦ ହାଇପରସୋନିକ୍ ଅସ୍ତ୍ରଶସ୍ତ୍ରକୁ ମଧ୍ୟ ଅଟକାଇବାରେ ସକ୍ଷମ ଏବଂ ଏହାର ସଫଳ ପରୀକ୍ଷଣ ହୋଇସାରିଛି।

### ପୁଣି ପୁଟିନଙ୍କୁ ଟ୍ରମ୍ପଙ୍କ ଧମକ
# ୟୁକ୍ରେନ ସହ ଯୁଦ୍ଧ ବନ୍ଦ ନକଲେ ଅର୍ଥନୀତିକ ଯୁଦ୍ଧ




**ୱାଶିଂଟନ, ୨୭।୮:** ଅଗଷ୍ଟ ୧୫ ତାରିଖରେ ଆଲାସ୍କାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଐତିହାସିକ ବୈଠକ ହୋଇଥିଲା। ଏହାପରେ ସାଢ଼େ ୩ ବର୍ଷ ହେଲା ଚାଲିଥିବା ରୁଷ ଓ ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ବୈଠକ ପୂର୍ବରୁ ଟ୍ରମ୍ପ ଶହୁଙ୍କାର ଦେଇଥିଲେ। ଆଲୋଚନା ଖରାପ ଦିଗକୁ ଗଲେ ସେ ଚାଲି ଆସିବେ ବୋଲି କହିଥିଲେ। ହେଲେ ପୁଟିନଙ୍କୁ ଦେଖି ଟ୍ରମ୍ପଙ୍କ ସବୁ ଦମ୍ ଯେମିତି ସତେ ଯେମିତି ଭାଙ୍ଗି ଯାଇଥିଲା। ସେ ତାଙ୍କୁ ବେଶ ନମ୍ର ଭାବେ ସ୍ୱାଗତ କରିଥିଲେ। ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ପାଇଁ ପୁଟିନ ଯଦି ବୁଝାମଣା କରିବେ ନାହିଁ, ତା'ହେଲେ ଏହାର ପରିଣାମ ବେଶ ଭୟଙ୍କର ହେବ। ସେ ଅନେକ କଟକଣା ଲଗାଇବେ ବୋଲି ଟ୍ରମ୍ପ କହୁଥିଲେ। କିନ୍ତୁ ଯେତେବେଳେ ଦୁଇ ନେତା ପରସ୍ପରକୁ ଆଲାସ୍କାରେ ଭେଟିଥିଲେ ସେତେବେଳେ ଟ୍ରମ୍ପଙ୍କ ସବୁ ଦମ୍ଭୋକ୍ତି ଫୁସକି ଯାଇଥିଲା।

ହେଲେ ଏବେ ପୁଣି ରୁଷ ଓ ପୁଟିନଙ୍କୁ ଖୋଲା ଧମକ ଦେଇଛନ୍ତି ଟ୍ରମ୍ପ। ଯଦି ରୁଷ ରାଷ୍ଟ୍ରପତି ପୁଟିନ ଓ ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି ସେମାନଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବାରେ ବିଫଳ ହେବେ, ତା'ହେଲେ ଅର୍ଥନୀତିକ ଯୁଦ୍ଧ ଆରମ୍ଭ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି।

ବ୍ଲୁମବର୍ଗ ରିପୋର୍ଟ ଅନୁସାରେ, ଟ୍ରମ୍ପ କହିଛନ୍ତି ଯେ "ଅର୍ଥନୀତିକ ଯୁଦ୍ଧ ରୁଷ ପାଇଁ ଅତ୍ୟନ୍ତ ଖରାପ ହେବ। ଏହା ଗୋଟିଏ ବିଶ୍ୱ ଯୁଦ୍ଧ ହୋଇ ନପାରେ। କିନ୍ତୁ ଏହା ଅର୍ଥନୀତିକ ଯୁଦ୍ଧର ରୂପ ନେବ ଓ ଏହି ଅର୍ଥନୀତିକ ଯୁଦ୍ଧ ବେଶ ଖରାପ ହେବ। ବିଶେଷ କରି ରୁଷ ପାଇଁ ଅର୍ଥନୀତିକ ଯୁଦ୍ଧ ଭୟଙ୍କର ହେବ। ମୁଁ ଏହା ଚାହୁଁ ନାହିଁ।" ହ୍ୱାଇଟ ହାଉସ କ୍ୟାବିନେଟ ମିଟିଂ ବେଳେ ଟ୍ରମ୍ପ ରୁଷକୁ ଏପରି ଚେତାବନୀ ଦେଇଥିବା ବ୍ଲୁମବର୍ଗରେ ରିପୋର୍ଟ ପ୍ରକାଶ ପାଇଛି। ରାଷ୍ଟ୍ରପତି ହେବାର ୨୪ ଘଣ୍ଟା ମଧ୍ୟରେ ରୁଷ ଓ ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଟ୍ରମ୍ପ ଦମ୍ଭୋକ୍ତି କରୁଥିଲେ ହେଁ ଏଯାଏ ଏଥିରେ ସଫଳତା ହାସଲ କରିନାହାନ୍ତି। ଅଗଷ୍ଟ ୧୫ ବୈଠକ ପରେ ଯୁଦ୍ଧ ସମାପ୍ତିର ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ଏଥିରେ କୌଣସି ସୁଧାର ଦେଖିବାକୁ ମିଳୁନାହିଁ। ଦୁଇ ଦେଶ ପରସ୍ପର ଉପରେ ଆକ୍ରମଣ କରିବା ଜାରି ରଖିଛନ୍ତି। ସେହିପରି ଅଗଷ୍ଟ ୧୫ ବୈଠକରେ ପରେ ଟ୍ରମ୍ପ ରୁଷ-ୟୁକ୍ରେନ ଓ ଆମେରିକର ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହେବ ବୋଲି କହିଥିଲେ। ହେଲେ ସେଦିଗରେ କୌଣସି ପଦକ୍ଷେପ ଏଯାଏ ଗ୍ରହଣ କରାଯାଇ ନାହିଁ। ଏବେ ଟ୍ରମ୍ପ ରୁଷକୁ ଅର୍ଥନୀତିକ ଯୁଦ୍ଧର ଧମକ ଦେବା ସ୍ଥିତିକୁ ଆହୁରି ଜଟିଳ କରିଛି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ପ୍ରସ୍ତାବକୁ କ୍ୟାବିନେଟର ମଞ୍ଜୁରି

**ନୂଆଦିଲ୍ଲୀ,୨୭।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜକ ହେବା ପ୍ରସ୍ତାବକୁ ମଞ୍ଜୁରି ଦେଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଅହମ୍ମଦାବାଦ ସହର ଉପରେ ମୋହର ବାଜିଛି। ବିଶ୍ୱସ୍ତରୀୟ ଷ୍ଟାଡିୟମ, ଅତ୍ୟାଧୁନିକ ପ୍ରାକ୍ଟିସ୍ ସୁବିଧା ଓ ଖେଳ ସଂସ୍କୃତି କାରଣରୁ ଅହମ୍ମଦାବାଦକୁ ଚୟନ କରାଯାଇଛି। ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓସି)ର ସହମତିର କିଛିଦିନ ପରେ କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ଆୟୋଜକ ହେବା ପାଇଁ ଇଚ୍ଛା ପତ୍ର ଦାଖଲ କରିଛି। ପିଆଇବି ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ୟାବିନେଟ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜକ ହେବା ନେଇ ଯୁବ ବ୍ୟାପାର ଓ ଖେଳ ମନ୍ତ୍ରଣାଳୟ ପ୍ରସ୍ତାବକୁ ମଞ୍ଜୁରି ଦେଇଛି। ଏହାସହ ଆବଶ୍ୟକୀୟ ଗ୍ୟାରେଣ୍ଟି ସହ ଆୟୋଜକ ସହଯୋଗ ବୁଝାମଣା ଅନୁସାରେ ଗୁଜରାଟ ସରକାରଙ୍କୁ ଅନୁଦାନ ପାଇଁ ମଞ୍ଜୁରି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆୟୋଜକ ହେବା ପାଇଁ ଆବେଦନ ଦାଖଲର ଶେଷ ତାରିଖ ଅଗଷ୍ଟ ୩୧। ଭାରତ ଶେଷ ଥର ପାଇଁ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜକ ଥିଲା। ସେହି ସମୟରେ ଦିଲ୍ଲୀରେ ଏହି କ୍ରୀଡ଼ା ମହାକୁମ୍ଭର ଆୟୋଜନ କରାଯାଇଥିଲା। ୭୨ ଦେଶର ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଭାରତ ଯଦି ଆୟୋଜକ ହେବା ପାଇଁ ସଫଳ ହୁଏ, ତେବେ ସ୍ଥାନୀୟ ବ୍ୟବସାୟୀଙ୍କୁ ଲାଭ ଓ ରାଜସ୍ୱ ମଧ୍ୟ ମିଳିବ। ଭାରତୀୟ ଅଲିମ୍ପିକ ସଂଘ ଅଗଷ୍ଟ ୧୩ରେ ସ୍ୱତନ୍ତ୍ର ସାଧାରଣ ବୈଠକରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପ୍ରସ୍ତାବକୁ ମଞ୍ଜୁରି ଦେଇଥିଲା। ଆଇଓଏ ଅଧ୍ୟକ୍ଷ ପିଟି ଉଷା ସେହି ସମୟରେ କହିଥିଲେ ଯେ, ଅହମ୍ମଦାବାଦ ସହ ଦିଲ୍ଲୀ ଓ ଭୁବନେଶ୍ୱରରେ ଆୟୋଜନ ପାଇଁ ବିଚାର କରାଯିବ। କିନ୍ତୁ ପରେ ଅହମ୍ମଦାବାଦରେ ଆୟୋଜନ ପାଇଁ ସ୍ଥିର କରାଯାଇଛି।

# ବୈଷ୍ଣୋଦେବୀରେ ପାହାଡ଼ ଧସି ୩୪ ମୃତ



**ଶ୍ରୀନଗର,୨୭।୮:** ଜମ୍ମୁ-କାଶ୍ମୀରରେ ବାଦଲ ଫଟା ବର୍ଷାର ତାଣ୍ଡବ। ବୈଷ୍ଣୋଦେବୀ ମାର୍ଗରେ ଭୂସ୍ଖଳନ। ପାହାଡ଼ ଧସିବା ଫଳରେ ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଅନେକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଜମ୍ମୁକଶ୍ମୀରର କଟରା ଜିଲ୍ଲାର ଅର୍ଦ୍ଧକୁଆରୀ ପାଖରେ ହୋଇଛି ଭୂସ୍ଖଳନ। ଏହି ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ବୈଷ୍ଣୋଦେବୀଙ୍କ ମନ୍ଦିରକୁ ଯାଇଥାନ୍ତି। ହଠାତ ଭୂସ୍ଖଳନ ହୋଇ ପାହାଡ଼ରୁ ମାଟି ଓ ବିଶାଳ ପଥର ତଳକୁ ଧସିଥିଲା। ଏହା ଫଳରେ ରାସ୍ତାରେ ଯାଉଥିବା ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛନ୍ତି। ଗୁରୁତରଙ୍କୁ କଟରାସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ଓ ଏନଡିଆରଏଫକୁ ନିୟୋଜିତ କରାଯାଇଛି। ଶ୍ରଦ୍ଧାଳୁଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହା ପରେ ବୈଷ୍ଣୋଦେବୀ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଦୁଇଦିନ ଜମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ଫଳରେ ବିଭିନ୍ନ ନଦୀ ଜଳସ୍ତର ମଧ୍ୟ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ, ଉତ୍ତର ରେଳବାଇ ଜାମ୍ମୁ ଅଭିମୁଖେ ଯାଉଥିବା ୨୨ଟି ଟ୍ରେନକୁ ବାତିଲ କରିଥିବା ବେଳେ ୨୭ଟି ଟ୍ରେନକୁ ବନ୍ଦ କରିଦିଆଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ଶୋକ

**ନୂଆଦିଲ୍ଲୀ:** ଶ୍ରୀ ମା' ବୈଷ୍ଣୋଦେବୀ ମନ୍ଦିରକୁ ଯିବା ରାସ୍ତାରେ ଭୂସ୍ଖଳନ ଯୋଗୁଁ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଛନ୍ତି। ସେ ସୋସିଆଲ୍ ମିଡିଆ 'ଏକ୍ସ' ହ୍ୟାଣ୍ଡଲରେ ଏକ ବାର୍ତ୍ତାରେ କହିଛନ୍ତି ଯେ ମା' ବୈଷ୍ଣୋଦେବୀ ମନ୍ଦିରକୁ ଯାଉଥିବା ରାସ୍ତାରେ ଭୂସ୍ଖଳନ ଯୋଗୁଁ ଜୀବନହାନି ଅତ୍ୟନ୍ତ ଦୁଃଖଦାୟକ। ମୋର ସମବେଦନା ଶୋକସନ୍ତପ୍ତ ପରିବାର ସହ ରହିଛି। ଆହତମାନେ ଯଥାଶୀଘ୍ର ସୁସ୍ଥ ହୁଅନ୍ତୁ। ପ୍ରଶାସନ ସମସ୍ତ ପ୍ରଭାବିତଙ୍କୁ ସାହାଯ୍ୟ କରୁଛି। ସମସ୍ତଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଁ ପ୍ରାର୍ଥନା କରୁଛି ବୋଲି ମୋଦି ଉଲ୍ଲେଖ କରିଛନ୍ତି।

## ପୁଣି ଜେଲ ଯିବେ ଆଶାରାମ



**ଜୟପୁର,୨୮।୮ :** ରାଜସ୍ଥାନର ଯୋଧପୁର ହାଇକୋର୍ଟ ଆସାରାମଙ୍କୁ ଅନ୍ତରୀଣ ଜାମିନ ବଢ଼ାଇବା ମାମଲାରେ ଦେଇଛନ୍ତି ବଡ଼ ଝଟକା। କୋର୍ଟ ସ୍ପଷ୍ଟ ରାୟ ଦେଇଛନ୍ତି ଯେ, ଆଶାରାମଙ୍କୁ ପୁଣି ଜେଲ ଯିବାକୁ ପଡ଼ିବ। ତାଙ୍କର ଅନ୍ତରୀଣ ଜାମିନ ଅବଧି ବଢ଼ାଇବା ଆବେଦନକୁ ଖାରଜ କରିଛନ୍ତି କୋର୍ଟ। ଅହମ୍ମଦାବାଦର ସିଭିଲ ହସ୍ପିଟାଲ ରିପୋର୍ଟ ଆଧାରରେ କୋର୍ଟ ଏହି ରାୟ ଦେଇଛନ୍ତି। ବର୍ତ୍ତମାନ ଆସାରାମଙ୍କୁ ଅଗଷ୍ଟ ୩୦ରେ ସେଣ୍ଟ୍ରାଲ ଜେଲରେ ଆତ୍ମସମର୍ପଣ କରିବାକୁ ପଡ଼ିବ। ତେବେ, ଆବଶ୍ୟକ ପଡ଼ିଲେ ଆସାରାମ ପୁନର୍ବାର ଆବେଦନ କରିପାରିବେ। ଏହି ନିର୍ଦ୍ଦେଶ ଜଷ୍ଟିସ୍ ଦିନେଶ ମେହେତା ଏବଂ ଜଷ୍ଟିସ୍ ବିନୀତ କୁମାର ମାଥୁରଙ୍କ ଡବଲ ବେଞ୍ଚ ଦ୍ୱାରା ଆସିଛି । ହାଇକୋର୍ଟର ଯୋଧପୁର ପୀଠ ଜେଲରେ ଥିବା ସ୍ୱୟଂଭୁ ସନ୍ଥ ଆଶାରାମଙ୍କ ଅନ୍ତରୀଣ ଜାମିନ ଗତକାଲି ଅଗଷ୍ଟ ୨୯ ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ। ଆସାରାମ ନିଜ ଗୁରୁକୁଳର ନାବାଳିକା ଶିଷ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ଆଶାରାମଙ୍କ ଜାମିନ ଅବଧି ଅଗଷ୍ଟ ୧୨ ରେ ଶେଷ ହେବାକୁ ଥିଲା। ଜଷ୍ଟିସ୍ ଦିନେଶ ମେହେତା ଏବଂ ଜଷ୍ଟିସ୍ ବିନୀତ କୁମାର ମାଥୁରଙ୍କ ଖଣ୍ଡପୀଠ ତାଙ୍କ ମେଡିକାଲ ରିପୋର୍ଟ ଦେଖିବା ପରେ ଜାମିନ ଅବଧି ବଢ଼ାଇବାକୁ ଅନୁମତି ଦେଇଥିଲେ। ନିକଟରେ ଗୁଜରାଟ ହାଇକୋର୍ଟ ସମାନ ଏକ ମାମଲାରେ ଆଶାରାମଙ୍କ ଅନ୍ତରୀଣ ଜାମିନ ଅବଧି ଅଗଷ୍ଟ ୨୧ ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ। ସେତେବେଳେ ଇନ୍ଦୋରର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆଶାରାମଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଇଥିଲା। ଆସାରାମଙ୍କ ମେଡିକାଲ ରିପୋର୍ଟ ଅନୁଧ୍ୟାନ କରି ହାଇକୋର୍ଟ ତାଙ୍କ ସ୍ୱାସ୍ଥ୍ୟର ବିସ୍ତୃତ ଯାଞ୍ଚ ପାଇଁ ଅହମ୍ମଦାବାଦର ଏକ ସରକାରୀ ହସ୍ପିଟାଲର ଚିକିତ୍ସକଙ୍କୁ ନେଇ ଗୋଟିଏ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ କୋର୍ଟ କହିଥିଲେ ଯେ, ଏହି କମିଟିରେ ଜଣେ ହୃଦରୋଗ ବିଶେଷଜ୍ଞ ଏବଂ ଜଣେ ସ୍ନାୟୁରୋଗ ବିଶେଷଜ୍ଞ ସାମିଲ ହେବା ଉଚିତ୍। କୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ, ଜାମିନ ଅବଧି ଶେଷ ହେବାର ଦୁଇ ଦିନ ପୂର୍ବରୁ ଅଗଷ୍ଟ ୨୭ ସୁଦ୍ଧା ରିପୋର୍ଟ କୋର୍ଟରେ ଦାଖଲ କରାଯାଉ।

## ସ୍କୁଲରେ ପଶିଲା ପାଣି, ୪୦୦ ଛାତ୍ରଛାତ୍ରୀ ଜଳବନ୍ଦୀ



**ଚଣ୍ଡିଗଡ଼, ୨୭।୮ :** କିଛିଦିନ ହେଲାଣି ଲଗାତାର ବର୍ଷାରେ ସମଗ୍ର ଉତ୍ତର ଭାରତ ଛାରଖାର ହୋଇପଡିଛି। ଜମ୍ମୁ କଶ୍ମୀର, ହିମାଚଳ ପ୍ରଦେଶ ଦେଇ ଆସୁଥିବା ନଦୀଗୁଡିକରେ ବନ୍ୟା ପାଣି ଯୋଗୁଁ ପଞ୍ଜାବର ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ଦେଖାଦେଇଛି । ଗୁରଦାସପୁର ଜିଲ୍ଲାରେ ଏକ ସ୍କୁଲରେ ବନ୍ୟାପାଣି ପଶିଯିବାରୁ ପିଲାମାନେ ଏବଂ ସ୍କୁଲ କର୍ତ୍ତୃପକ୍ଷ ଫସି ରହିଛନ୍ତି। ସ୍କୁଲ ପରିସରରେ ପାଣି ଭରିଥିବା ବେଳେ ଗ୍ରାଉଣ୍ଡ ଫ୍ଲୋରରେ ଥିବା କ୍ଲାସରୁମ ପାଣିରେ ଭରି ରହିଛି।

ଖବର ମୁତାବକ, ପଞ୍ଜାବର ଗୁରୁଦାସପୁର ଠାରୁ ୧୨ କିମି ଦୂର ଡାବୁରୀ ଗାଁରେ ଥିବା ନବୋଦୟ ବିଦ୍ୟାଳୟରେ ହଠାତ୍ ବନ୍ୟା ପାଣି ପଶିଯାଇଥିଲା। ଫଳରେ କେହି କିଛି ବୁଝିବା ଆଗରୁ ସ୍କୁଲରେ ପାଣି ପଶିଯାଇଥିଲା। ତେଣୁ ପିଲାମାନେ ସ୍କୁଲରେ ଫସିଯାଇଥିଲେ। ସ୍କୁଲରେ କେବଳ ଛାତ୍ରଛାତ୍ରୀଙ୍କ ସହିତ ସ୍କୁଲ କର୍ମଚାରୀ ମଧ୍ୟ ରହିଛନ୍ତି। ସ୍କୁଲରେ ୪୦୦ରୁ ଅଧିକ ପିଲାଙ୍କ ସହିତ ପାଖାପାଖି ୪୦ ସ୍କୁଲ କର୍ମଚାରୀ ଫସିଥିବା ଖବର ମିଳିଥିଲା। ଏହାସହିତ ସ୍ଥାନୀୟ ଅଞ୍ଚଳରେ ବନ୍ୟ ପରିସ୍ଥିତି ଦେଖାଦେଇଛି । ରାସ୍ତା କ୍ଷତିଗ୍ରସ୍ତ ହୋଇଛି । ଗୁରୁଦାସପୁର ରାସ୍ତା ଖରାପ ଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଛି । ତେବେ ସ୍କୁଲରେ ପିଲାମାନେ ରହି ପାଠ ପଢୁଥିଲେ । ଆଉ ସ୍କୁଲ ନିକଟରେ ଏକ ନାଳ ରହିଛି। ଯାହାକୁ ଦୀର୍ଘବର୍ଷରୁ ସଫା କରାଯାଇନାହିଁ। ତେଣୁ ପାଣି ମାଡ଼ିଆସିବାରୁ ନାଳ ଦେଇ ନ ଯାଇ ସ୍କୁଲ ଭିତରେ ପଶିଯାଇଥିବା କୁହାଯାଉଛି।

## ଜଷ୍ଟିସ୍ ଅରାଧେ ଓ ଜଷ୍ଟିସ୍ ପଞ୍ଚୋଲୀ ହେଲେ ସୁପ୍ରିମକୋର୍ଟ ବିଚାରପତି



**ନୂଆଦିଲ୍ଲୀ ୨୭।୮:** ଭାରତ ସରକାର ବୁଧବାର ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିପୁଲ ପଞ୍ଚୋଲୀ ଓ ବମ୍ବେ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ଜଷ୍ଟିସ୍ ଆଲୋକ ଅରାଧେଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟର ସମସ୍ତ ୩୪ଟି ବିଚାରପତି ପଦବୀ ପୂରଣ ହୋଇଛି। ଏଣୁ ୩୪ ବିଚାରପତିଙ୍କ ସହ ସୁପ୍ରିମକୋର୍ଟ ଏବେ ପୁରା କ୍ଷମତାର ସହ କାମ କରିବ।

ତେବେ ଏହି ପଦୋନ୍ନତୀ ପୂର୍ବରୁ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ବିପୁଲ ପଞ୍ଚୋଲୀଙ୍କ ନାମକୁ ନେଇ ଅସହମତି ବ୍ୟକ୍ତ କରିଥିଲେ। ଜଣେ ମହିଳା ବିଚାରପତି ପଞ୍ଚୋଲୀଙ୍କ ପଦୋନ୍ନତିକୁ ନେଇ କଡ଼ା ଅସହମତି ପ୍ରକାଶ କରିଥିଲେ। ତେବେ ସୁପ୍ରିମକୋର୍ଟ ବିଚାରପତିଙ୍କ ନିଯୁକ୍ତି ନେଇ ଆଇନ ମନ୍ତ୍ରୀ ଅର୍ଜୁନ ମେଘବାଲ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଏହି ପଦୋନ୍ନତି ପୁଷ୍ଟି କରିଛନ୍ତି। ଏଥିରେ ଜଷ୍ଟିସ୍ ବିପୁଲ ପଞ୍ଚୋଲୀ ଓ ଜଷ୍ଟିସ୍ ଆଲୋକ ଅରାଧେଙ୍କୁ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ କରାଯାଇଥିବା ପୁଷ୍ଟି କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ବି.ଆର.ଗଭଇଙ୍କ ପାଞ୍ଚ ସଦସ୍ୟୀୟ କଲେଜିୟମ ସୋମବାର ଦୁଇ ବିଚାରପତିଙ୍କ ପଦୋନ୍ନତୀ ନିମନ୍ତେ ତାଙ୍କ ସୁପାରିଶ ଘୋଷଣା କରିଥିଲେ।

## ଆଫଗାନିସ୍ତାନରେ ବସ୍ ଓଲଟି ୨୫ ମୃତ



**କାବୁଲ, ୨୭।୮ :** ଆଫଗାନିସ୍ତାନର କାବୁଲରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଓଲଟିବା ଯୋଗୁଁ ଅତିକମରେ ୨୫ ଜଣଙ୍କର ଜୀବନ ଚାଲିଯାଇଛି। ତାଲିବାନର ଜଣେ ଅଧିକାରୀ ଏହି ଦୁର୍ଘଟଣା ବିଷୟରେ ସୂଚନା ଦେଇଛନ୍ତି। ଖବର ମୁତାବକ, ସକାଳେ ଆଫଗାନିସ୍ତାନ କାବୁଲର ଅରଘଣ୍ଡି ଅଞ୍ଚଳରେ ହେଲମନ୍ଦ ଏବଂ କାନ୍ଧାରର ଯାତ୍ରୀଙ୍କୁ ନେଇ ଏକ ବସ୍ ଅସାବଧାନତା ଯୋଗୁଁ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୨୫ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ୨୭ରୁ ଅଧିକ ଆହତ ହୋଇଛନ୍ତି। ଆଫଗାନିସ୍ତାନରେ ସବୁବେଳେ ରାସ୍ତା ଖରାପ ଯୋଗୁଁ ଦୁର୍ଘଟଣା ବାରମ୍ବାର ହୋଇଥାଏ। ଏଠାରେ ଚାଲୁଥିବା ବସ୍ ପୁରୁଣା ଏବଂ ଯାନ୍ତ୍ରିକ ତ୍ରୁଟି ରହିଥାଏ। ତେଣୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟିଥାଏ। ସୂଚନାଯୋଗ୍ୟ, ୨୦୧୬ରେ ଆଫଗାନିସ୍ତାନରେ ଜାବୁଲରେ କାନ୍ଧାର ଏବଂ ହାଇୱେରେ ୨ଟି ଯାତ୍ରୀବାହୀ ବସ୍ ଏବଂ ଟ୍ରକ ଧକ୍କା ହେବା ଯୋଗୁଁ ବସ୍ ରେ ନିଆଁ ଲାଗିଯାଇଥିଲା। ଫଳରେ ୭୩ ଜଣ ଲୋକଙ୍କ ଜୀବନ ଚାଲିଯାଇଥିଲା।

## ବିହାରରେ ମନ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ
### ଅଙ୍ଗରକ୍ଷୀ ଓ ପୁଲିସ କର୍ମୀ ଆହତ



**ପାଟନା,୨୭।୮ :** ବିହାର ନାଳନ୍ଦା ଜିଲ୍ଲାରେ ନୀତୀଶ ସରକାରଙ୍କ ମନ୍ତ୍ରୀ ତଥା ଜେଡିୟୁ ନେତା ଶ୍ରବଣ କୁମାରଙ୍କ ଉପରକୁ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ତାଙ୍କର ଅଙ୍ଗରକ୍ଷୀ ଆହତ ହୋଇଛନ୍ତି। ଗ୍ରାମବାସୀଙ୍କ କ୍ରୋଧରୁ ରକ୍ଷା ପାଇବା ପାଇଁ ମନ୍ତ୍ରୀ ଦୀର୍ଘ ୧ କିମି ବାଟ ଦୌଡିଥିଲେ। ଗ୍ରାମବାସୀଙ୍କ ଆକ୍ରମଣରେ ପୋଲିସ କର୍ମୀ ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି ହିଲସା ଥାନା ଅନ୍ତର୍ଗତ ମାଲାବନ ଗାଁରେ। ଖବର ମୁତାବକ, ହିଲସା ଥାନା ଅନ୍ତର୍ଗତ ମାଲାବନ ଗାଁରେ ଗ୍ରାମୀଣ ବିକାଶ ମନ୍ତ୍ରୀ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୯ ଜଣଙ୍କ ପରିବାରକୁ ଭେଟିବାକୁ ଆସିଥିଲେ। ଏହି ସମୟରେ ଗାଁ ଲୋକେ ମନ୍ତ୍ରୀଙ୍କ ଗାଡ଼ି ଉପରକୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ପିଛା କରିବା ଫଳରେ ମନ୍ତ୍ରୀ ଦୌଡିଥିଲେ। ଗତ ଦୁଇଦିନ ପୂର୍ବେ ଏହି ଗାଁର ୯ ଜଣ ଲୋକ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସ୍ଥାନୀୟ ବିଧାୟକ ପ୍ରେମ ମୁଖିଆ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରବଣ କୁମାର ପୀଡିତ ପରିବାରଙ୍କୁ ସାନ୍ତ୍ୱନା ଦେବା ପାଇଁ ମାଲାବନ ଗାଁରେ ପହଞ୍ଚିଥିଲେ। ଏହି ସମୟରେ ଗ୍ରାମବାସୀ ରାଗିଯାଇ ହଠାତ୍ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବଡିଗାର୍ଡ ଆହତ ହୋଇଛନ୍ତି। ତେବେ ସଡ଼କ ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। କିନ୍ତୁ ବିଧାୟକଙ୍କ କହିବା ପରେ ଲୋକମାନେ ରାସ୍ତା ଅବରୋଧରୁ ହଟିଥିଲେ। ହେଲେ ସେମାନଙ୍କୁ କ୍ଷତିପୂରଣ ନ ମିଳିଥିବାରୁ ଏଭଳି ଆଚରଣ କରିଥିଲେ।

### ଜଜ୍ ହେବେ ୧୪ ଆଇନଜୀବୀ
## ତାଲିକାରେ ପ୍ରଧାନ ବିଚାରପତିଙ୍କ ପୁତୁରା

**ନୂଆଦିଲ୍ଲୀ,୨୭।୮:** ସୁପ୍ରିମକୋର୍ଟ କଲେଜିୟମ ୧୪ ଜଣ ଆଇନଜୀବୀଙ୍କୁ ବମ୍ବେ ହାଇକୋର୍ଟର ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଛନ୍ତି। ପଦୋନ୍ନତି ପାଇବା ସମ୍ଭାବନା ଥିବା ୧୪ ଜଣ ଆଇନଜୀବୀଙ୍କ ମଧ୍ୟରେ ରାଜ ଦାମଦୋର ୱାକୋଡେଙ୍କ ନାଁ ରହିଛି। ରାଜ ଦାମଦୋର ହେଉଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବିଆଇ ଗବାଇଙ୍କ ପୁତୁରା।ଜଷ୍ଟିସ ଗବାଇଙ୍କ ଜଣେ ସମ୍ପର୍କୀୟ ଭାଇଙ୍କ ପୁଅ ହେଉଛନ୍ତି ରାଜ। ସିଜେଆଇଙ୍କ ଭାଇ ଡକ୍ଟର ରାଜେନ୍ଦ୍ର ଗବାଇଙ୍କ କହିବା କଥା ଯେ, ୪୫ ବର୍ଷୀୟ ରାଜ ଦାମଦୋରଙ୍କୁ ଜଣେ ଦୂର ସମ୍ପର୍କୀୟ ଭାବେ ବିଚାର କରିବା ଦରକାର।

## ୪ ମହଲା କୋଠା ଭୁଶୁଡ଼ି ୩ ମୃତ



**ମୁମ୍ବାଇ,୨୭।୮ :** ପାଲଘର ଜିଲ୍ଲା ଭିରାରରେ ଘଟିଛି ବଡ଼ ଅଘଟଣ। ଚାରି ମହଲା କୋଠାର ପଛରୁ କିଛି ଅଂଶ ଭୁଶୁଡି ପଡିଛି। ଏଥିରେ ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୮ରୁ୯ ଜଣଙ୍କର ଆହତ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନାନୁଯାୟୀ, ଭିରାରର ନାରାଙ୍ଗୀ ଫାଟାରେ ଥିବା ରାମୁ କମ୍ପାଉଣ୍ଡର ସ୍ୱାମୀ ସମର୍ଥନ ନଗରରେ ରାମବାଇ ଆପାର୍ଟମେଣ୍ଟ ଚାରି ମହଲା କୋଠାର ପଛ ଭାଗର ଚତୁର୍ଥ ମହଲାର ଏକ ଅଂଶ ଭୁଶୁଡି ପଡିଛି। ଏପର୍ଯ୍ୟନ୍ତ ଉଦ୍ଧାରକାରୀ ଟିମ୍ ଛଅ ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଛି। ଏନଡିଆରଏଫ୍ ଦଳ ଘଟଣାସ୍ଥଳରେ ପହଞ୍ଚି ଭଗ୍ନାବଶେଷ ସନ୍ଧାନ ଅଭିଯାନ ଚାଲିଛି। ବର୍ତ୍ତମାନ ଏହି କୋଠାର ଭଗ୍ନାବଶେଷରେ ୧୫ ରୁ ୨୦ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି। ଗତକାଲି ରାତି ପ୍ରାୟ ୧୧.୩୦ଟା ସମୟରେ ଏପରି ଦୁର୍ଘଟଣା ଘଟିଥିଲା । ଏହି କୋଠା ଦଶ ବର୍ଷ ପୁରୁଣା ଏବଂ ନଗର ନିଗମ ଏହାକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଘୋଷଣା କରିଥିଲା। ଅନ୍ୟପଟେ ଏହି ଘଟଣାର ଏକ ଭିଡିଓ ସାମ୍ନାକୁ ଆସିଛି । ଯେଉଁଥିରେ ଏନଡିଆରଏଫ୍ ଦଳ କିଛି ପିଲାଙ୍କୁ ଉଦ୍ଧାର କରୁଥିବାର ଦେଖାଯାଉଛି। ଅନେକ ଛୋଟ ପିଲା ମଧ୍ୟ ଏହି ଘଟଣାରେ ଆହତ ହୋଇଥିବା ଜଣାପଡିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ମିଳିନାହିଁ । ଘଟଣାସ୍ଥଳରେ ଦୁଇଟି ଦଳ ଉଦ୍ଧାର କାର୍ଯ୍ୟ କରୁଛନ୍ତି।

# ଭୋଟ ଅଧିକାର ଯାତ୍ରାରେ ରାହୁଲଙ୍କ ସହ ଷ୍ଟାଲିନ, ରେବନ୍ତ



**ନୂଆଦିଲ୍ଲୀ,୨୭।୮:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ଏବଂ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଆଜି ବିହାରରେ ପହଞ୍ଚିଛନ୍ତି। ଏହି ଉଭୟ ନେତା ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରାରେ ଯୋଗ ଦେବାକୁ ଆସିଛନ୍ତି ଆଉ ଭାରତୀୟ ଜନତା ପାର୍ଟି ଏହାକୁ କଡା ଭାଷାରେ ଟାର୍ଗେଟ କରିଛି। ବିଜେପି କହିଛି ଯେ, ବିହାରୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେତାମାନଙ୍କର ଏଠାକୁ ଆସିବାର ଅଧିକାର ନାହିଁ।

ପ୍ରକୃତରେ, ଏହିବର୍ଷ ଶେଷରେ ବିହାରରେ ନିର୍ବାଚନ ହେବାକୁ ଯାଉଛି। ପୂର୍ବରୁ ଏମକେ ଷ୍ଟାଲିନ୍ ରାହୁଲଙ୍କ ଭୋଟର ଅଧିକାର ଯାତ୍ରାରେ ଯୋଗ ଦେଇଥିଲେ। ଏହି ସମୟ ମଧ୍ୟରେ ବିଜେପି ଡିଏମକେ ମୁଖ୍ୟ ଷ୍ଟାଲିନଙ୍କୁ ଚ୍ୟାଲେଞ୍ଜ କରି କହିଥିଲା ଯେ, ଯଦି ତାଙ୍କର ସାହସ ଅଛି, ତେବେ ବିହାରୀମାନଙ୍କ ବିଷୟରେ ଦେଇଥିବା ମନ୍ତବ୍ୟକୁ ପୁଣି ଥରେ ଦୋହରାନ୍ତୁ। ଷ୍ଟାଲିନଙ୍କ ସହଯୋଗୀ ଦୟାନିଧି ମାରାନ୍ ଡିସେମ୍ବର ୨୦୨୩ରେ ଉତ୍ତର ପ୍ରଦେଶ ଏବଂ ବିହାର ସମ୍ପର୍କରେ ଏକ ବିବାଦୀୟ ବୟାନ ଦେଇଥିଲେ। ଏନେଇ ତାମିଲନାଡୁ ବିଜେପି ମୁଖପାତ୍ର ନାରାୟଣ ତିରୁପତି ଷ୍ଟାଲିନଙ୍କୁ ଘେରିଛନ୍ତି। ସେ ପୋଷ୍ଟରେ ଲେଖିଛନ୍ତି, ମୁଁ ବିହାର ଯାଇଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ଚ୍ୟାଲେଞ୍ଜ ଦେଉଛି। ଯଦି ଷ୍ଟାଲିନଙ୍କ ସାହସ ଅଛି, ତେବେ ମୁଁ ତାଙ୍କ ପୁଅ ଉଦୟନିଧିଙ୍କ ବକ୍ତବ୍ୟକୁ ଦୋହରାଇବାକୁ ଚ୍ୟାଲେଞ୍ଜ କରୁଛି। ସେ କହିଥିଲେ ଯେ, ସନାତନ ଧର୍ମକୁ ଉଚ୍ଛେଦ କରାଯିବା ଉଚିତ। ଏହା ସହିତ, ଆପଣଙ୍କ ସମ୍ପର୍କୀୟ ଏବଂ ଡିଏମକେ ସାଂସଦ ଦୟାନିଧି ମାରାନ କହିଥିଲେ ଯେ, ବିହାରୀମାନେ ତାମିଲନାଡୁରେ ଶୌଚାଳୟ ସଫା କରନ୍ତି, ଆପଣ କ'ଣ ସେଠାରେ ଏହା କହିପାରିବେ?

'ଭୋଟର ଅଧିକାର ଯାତ୍ରା'ରେ ଯୋଗଦେବା ପରେ ଷ୍ଟାଲିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଥିଲେ, "ମୁଁ ବିହାର ପହଞ୍ଚିଛି। ଏହାର ମାଟି ପ୍ରତ୍ୟେକ ଚୋରି ଭୋଟର ଭାର ବହନ କରୁଛି। ମୁଁ ମୋ ଭାଇ ରାହୁଲ ଗାନ୍ଧୀ, ତେଜସ୍ୱୀ ଯାଦବ ଏବଂ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହିତ 'ଭୋଟର ଅଧିକାର ଯାତ୍ରା'ରେ ଯୋଗ ଦେଇଥିଲି, ଯାହା ଲୋକଙ୍କ ଯନ୍ତ୍ରଣାକୁ ଶକ୍ତିରେ ପରିଣତ କରିଛି।



# ଦେବଗଡ଼ରେ ପୂଜା ମଣ୍ଡପ ବୁଲିଲେ କେନ୍ଦ୍ରମନ୍ତ୍ରୀ

**ଦେବଗଡ଼, ୨୭।୮(ସଂଚାର ବ୍ୟୁରୋ):** ଗଣେଶ ପୂଜା ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ସମନ୍ୱୟର ପ୍ରତୀକ ବୋଲି ବୁଧବାର ଦେବଗଡ଼ର ବିଭିନ୍ନ ସ୍ଥାନରେ ଆୟୋଜିତ ଗଣେଶ ପୂଜାରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଦେବଗଡ଼ରେ ଜିଲ୍ଲା ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ୭୬ ତମ ସାର୍ବଜନୀନ ଗଣେଶ ମେଳାରେ ସାମିଲ ହେବା ସହ ବିଭିନ୍ନ ପୂଜା ମଣ୍ଡପ ବୁଲି ଦର୍ଶନ କରିଛନ୍ତି। 'ଶ୍ରୀ ଗଣେଶ ଚତୁର୍ଥୀ'ର ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଗଣେଶ ପୂଜା ସାମାଜିକ ଐକ୍ୟ ଓ ସାମୟିକ ପ୍ରଗତିର ବିଶେଷ ଆକର୍ଷଣ। ଦେବଗଡ଼ରେ ଗଣେଶ ପୂଜାକୁ ନେଇ ଲୋକମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ଓ ଉତ୍ସାହ ଅଛି। ସବୁଠି ଅଧ୍ୟାତ୍ମିକ ବାତାବରଣ ତିଆରି ହୋଇଛି। ଶ୍ରୀଗଣେଶ ପୂଜାର ପରମ୍ପରାକୁ ଆକର୍ଷଣୀୟ ଭାବେ ଲମ୍ବା ସମୟ ଧରି ଆୟୋଜନ ହୋଇ ଆସୁଥିବାରୁ ଶ୍ରୀ ପ୍ରଧାନ ସମସ୍ତ ପୂଜା କମିଟିର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଘ୍ନହର୍ତା ଭଗବାନ ଶ୍ରୀଗଣେଶଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ଖୁସି ଓ ଉଲ୍ଲାସ ଓ ସମୃଦ୍ଧି ଆଣିଦେବା ନେଇ ସେ ପ୍ରାର୍ଥନା କରିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଥିଲେ ଯେ ୧୯୩୬ ମସିହା ଏପ୍ରିଲ ମାସ ପହିଲାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିଥିଲା। ଏହାକୁ ରୂପ ଦେବାରେ ଦିଗରେ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ଅବଦାନ ଚିର ସ୍ମରଣୀୟ। ଏହା ତାଙ୍କର ପ୍ରଗତିଶୀଳ ଦୂରଦୃଷ୍ଟି ନେତୃତ୍ୱର ପ୍ରତିଫଳନ। ଓଡ଼ିଆ ସାହିତ୍ୟରେ ତାଙ୍କର ପ୍ରତ୍ୟକ୍ଷ ଦିଗଦର୍ଶନ କାରଣରୁ ଓଡ଼ିଶାର ମର୍ଯ୍ୟାଦା ବୃଦ୍ଧି ପାଇଥିଲା। ଦେବଗଡ଼ରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ନେଇ ସମସ୍ତଙ୍କ ଉଦ୍ୟମରେ ଏକ ମ୍ୟୁଜିୟମ କରିବା। ଏହା ସହ ଜିଲ୍ଲାରେ ଅନେକ ପୁରାତନ ମନ୍ଦିର ଅଛି। ଦେବଗଡ଼ରେ ସାଂସ୍କୃତିକ ଓ ପର୍ଯ୍ୟଟନ ବିକାଶକୁ ଆଗେଇ ନେବା ଦିଗରେ ସେହି ସବୁ ମନ୍ଦିରର ବିକାଶ କରିବା ଉପରେ ଦୃଷ୍ଟି ଦେବା ଦିଗରେ ଶ୍ରୀ ପ୍ରଧାନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଲଗାଣ ବର୍ଷା ଯୋଗୁଁ ଯାନବାହାନ ଚଳାଚଳ ବନ୍ଦ

ମାଲକାନଗିରି, ୨୭।୮ (ସଂଚାର ବ୍ୟୁରୋ): ପ୍ରବଳ ବର୍ଷା ଯୋଗୁ ଗୋବିନ୍ଦପାଲି ଘାଟି ସପ୍ତଧାରା ନଦୀ ଜଳ ରାସ୍ତା ଉପରେ ୩ ଫୁଟ ଉଚ୍ଚରେ ପ୍ରବାହିତ ହେବା ଦ୍ୱାରା ଜୟପୁର- ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ୨ ଘଣ୍ଟା ପାଇଁ ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ମାଲକାନଗିରି ସହରରେ ପ୍ରବଳ ବର୍ଷା ହେବା ଦ୍ୱାରା ଜାତୀୟ ରାଜପଥରେ କୃତିମ ବନ୍ୟା ସୃଷ୍ଟି ହୋଇ ପାଣିର ସୁଅ ଛୁଟି ଥିଲା। ବର୍ଷା ଯୋଗୁ ଅନ୍ଧାର ହୋଇଯାଇଥିବାରୁ ଟ୍ରକ ଓ ବସ ଗୁଡିକ ଲାଇଟ ଲଗାଇ ପାଣି ସ୍ରୋତରେ ଯାତାୟତ କରୁଥିବାର ଦେଖିବାକୁ ମିଳିଥିଲା। ଗତ ୨୪ ଘଣ୍ଟା ମଧରେ ଜିଲ୍ଲାର ୭ ବ୍ଲକରେ ସର୍ବ ମୋଟ୍ ୩୪୩ ମିଲିମିଟର ବର୍ଷା ହୋଇଥିବା ବେଳେ ସମଗ୍ର ଜିଲ୍ଲାରେ ହାରାହାରି ୪୯.୦୧ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି। ମାଲକାନଗିରି ବ୍ଲକ ଅଞ୍ଚଳରେ ୩୨.୮ ମିଲିମିଟର ବର୍ଷା, ମାଥିଲି ବ୍ଲକରେ ୯୬ ମିଲିମିଟର ବର୍ଷା, ଖଇରପୁଟ ବ୍ଲକରେ ୮୨ ମିଲିମିଟର ବର୍ଷା, କୋରୁକୋଣ୍ଡା ବ୍ଲକରେ ୨୬ ମିଲିମିଟର, ଚିତ୍ରକୋଣ୍ଡା ବ୍ଲକରେ ୬୦ ମିଲିମିଟର, କାଲିମେଳା ବ୍ଲକରେ ୨୮ ମିଲିମିଟର, ପଡ଼ିଆ ବ୍ଲକରେ ୧୮.୩ ମିଲିମିଟର ବର୍ଷା ହୋଇଥିବାର ଜିଲା ଜରୁରୀକାଳୀନ ବିଭାଗ ସୂତ୍ରରୁ ସୂଚନା ମିଳିଛି।

## ଶ୍ରୀମନ୍ଦିରରେ ଅନ୍ଧହାତୀ ଓ ଲୀଳା ପ୍ରସ୍ତାବ ନୀତି

ପୁରୀ, ୨୭।୮ (ସଂଚାର ବ୍ୟୁରୋ): ମଙ୍ଗଳବାର ଶ୍ରୀମନ୍ଦିରରେ ଅନ୍ଧହାତୀ ଓ ଲୀଳା ପ୍ରସ୍ତାବ ନୀତି ଅନୁଷ୍ଠିତ ହୋଇଯାଇଛି। ଭାଦ୍ରବ ଶୁକ୍ଳ ତୃତୀୟା ତିଥି ଅବସରରେ ଏହି ନୀତି ପାଳିତ ହୋଇଥାଏ। ମହାପ୍ରଭୁ ଶ୍ରୀକୃଷ୍ଣ ଦୃଷ୍ଟିହୀନ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ଚକ୍ଷୁଦାନ କରିଥିବା ବେଳେ ଏକ ପରାକ୍ରମୀ ଉନ୍ମତ ହାତୀକୁ ବିନାଶ କରିବା ସ୍ମୃତିରେ ଏହା ପାଳିତ ହେଉଛି। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢ଼ିବା ପରେ ଦକ୍ଷିଣୀ ଘରୁ ରାମକୃଷ୍ଣ ରତ୍ନ ସିଂହାସନକୁ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ବଟମୂଳ ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ସମ୍ମୁଖକୁ ନେଇଥିଲେ। ସେଠାରେ ପଡ଼ିଥିବା ଖଟ ଉପରେ ଠାକୁର ପାଲିଙ୍କି ସହିତ ବିଜେ କରାଇଥିଲେ। ସେଠାରେ ଅନ୍ଧ ମନ୍ଦିର ହସ୍ତୀ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସନ୍ଧ୍ୟାଧୂପ ପରେ ଶ୍ରୀମନ୍ଦିରରେ ଅନ୍ଧକୁ ଚକ୍ଷୁଦାନ ଲୀଳା ନୀତି ଅନୁଷ୍ଠିତ ହୋଇଥିଲା।

## ଦଳିତ ମହିଳାଙ୍କ ଆକ୍ରମଣକାରୀକୁ ସୁରକ୍ଷା ଦେଉଛି ପୋଲିସ

କେନ୍ଦ୍ରାପଡ଼ା, ୨୭।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର କନିକା ଥାନା ସମସ୍ତ ମାନବିକତା ଭୁଲି ଦରିଦ୍ର ବ୍ୟକ୍ତିଙ୍କୁ ଆଇନଗତ ସହାୟତା ଦେବା ବଦଳରେ ଓଲଟା ଅଭିଯୋଗକାରୀ ନାମରେ ମାମଲା ରୁଜୁ କରି ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି। ପୀଡ଼ିତା ଦଳିତ ମହିଳା ଜଣକ ଆଜି ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ନିଜର ଦୁଃଖ ଜଣାଇବା ସହ କନିକା ଥାନା ଅଧିକାରୀଙ୍କ ଦାଉରୁ ନିଜକୁ ସୁରକ୍ଷା ଦେବାପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ କନିକା ଥାନା ପେଗରପଡ଼ା ପଞ୍ଚାୟତର ଝରଣା ମଲିକ ଅନ୍ୟ ଜଣକ ଠାରୁ କେବିନ ଭଡ଼ାରେ ଆଣି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରି ଗୁଜୁରାଣ ମେଣ୍ଟାଉ ଥିଲେ। ସେହି ଗ୍ରାମର ନିରଞ୍ଜନ ମଲିକ, ସୁମନ୍ତ ମଲିକ ପ୍ରମୁଖ ସେହି ଦୋକାନରୁ ବାକି ଖାଇଥିଲେ। ଝରଣା ବାକି ପଇସା ମାଗିବାରୁ ଦୁର୍ବୃତମାନେ ପଇସା ନଦେଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି, ଦୋକାନରୁ ଚୋରୀ କରି ସାମଗ୍ରୀଗୁଡ଼ିକ ନେଇଯିବା ସହ ଭାଙ୍ଗି ଦେଇଥିଲେ। ଏନେଇ ଝରଣା କନିକା ଥାନାକୁ ଅଭିଯୋଗ ନେଇ ଯାଇଥିବାବେଳେ ଥାନା ଅଧିକାରୀ ଏତଲା ନରଖି ଓଲଟା ସୁମନ୍ତ ମଲିକ ସ୍ତ୍ରୀକୁ ଡାକି ଆମ ନାଁରେ ମାମଲା ରୁଜୁ କରିଛନ୍ତି ବୋଲି ଝରଣା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ସ୍ଥାନୀୟ ନାରୀ ନେତ୍ରୀଙ୍କ ସହାୟତା ନେଇ ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ଆମକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଆପତି ଜନକ ଭାଷା ପ୍ରୟୋଗ କରିଥିବା ଝରାଣା କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ନମିଳିବାରୁ ଆଜି ଜିଲ୍ଲାପାଳଙ୍କୁ ଭେଟି ଥାନାବାବୁଙ୍କ ଦୌରାତ୍ମ୍ୟରୁ ନିଜର ସୁରକ୍ଷା ପାଇଁ ନିବେଦନ କରିଥିବା ଜଣାପଡ଼ିଛି।

# ବାଘଛାଲ ଡିଲ ବେଳେ ମାଡ଼ିବସିଲା ବନବିଭାଗ

### ଅଭିଯୁକ୍ତ ଗିରଫ

ନୂଆପଡ଼ା,୨୭।୮(ସଂଚାର ବ୍ୟୁରୋ) : ଡିଲ୍ ବେଳେ ବାଘ ଛାଲ ସହ ଜଣେ ଗିରଫ। ବାଘ ଛାଲ ଡିଲ ବେଳେ ମାଡ଼ିବସିଲା ସିନାପାଲି ବନବିଭାଗ। ନୂଆପଡ଼ା ଜିଲ୍ଲା ସିନାପାଲି ବନବିଭାଗ ରେଞ୍ଜ ଚଟିଆଗୁଡ଼ା ଗାଁ ନିକଟରେ ବନବିଭାଗ ପକ୍ଷରୁ ଚଢ଼ଉ ଜାରି ରଖିଛି। ଏକ କଲରାପତରିଆ ବାଘ ଛାଲ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି।

ଗିରଫ ଅଭିଯୁକ୍ତ ହେଲେ ସିନାପାଲି ଗାଁର ହୃଷୀକେଶ ବାଗ। ଗତ ୨୫ ତାରିଖ ଦିନ ରାତି ୧୦ଟାରେ ହୃଷୀକେଶ ବାଘ ଛାଲ ଧରି ସିନାପାଲି ବ୍ଲକ ଚଟିଆଗୁଡାରେ ଡ଼ିଲ ପାଇଁ ଗ୍ରାହକଙ୍କୁ ଅପେକ୍ଷା କରି ଜଗି ରହିଥିଲା। ଖବରପାଇ ସିନାପାଲି ବନବିଭାଗ କର୍ମଚାରୀ ମାଡ଼ି ବସି ଏକ କଲରାପତରିଆ ବାଘ ଓ ଗୋଟିଏ ସ୍କୁଟିକୁ ଜବତ କରିଛି। ବନବିଭାଗ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ସିନାପାଲି ଗାଁର ହୃଷୀକେଶ ବାଗକୁ ମଧ ଗିରଫ କରିଛି। ଗିରଫ ପରେ



# ତିହିଡ଼ି ତହସିଲରେ ୨ବର୍ଷ ହେଲା ମିଳୁନି ବେବନ୍ଦୋବସ୍ତ କେଶ୍ ଫାଇଲ୍

ଭଦ୍ରକ, ୨୭।୮ (ସଂଚାର ବ୍ୟୁରୋ): ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ବିଲଣା ଗ୍ରାମର ଗୋବର୍ଦ୍ଧନ ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କର ବେବନ୍ଦୋବସ୍ତ କେଶ୍ ଫାଇଲ ଦୁଇବର୍ଷ ହେଲା ତିହିଡ଼ି ତହସିଲରେ ମିଳୁନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆବେଦନକାରୀ ଗୋବର୍ଦ୍ଧନ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ତେବେ ଜିଲାପାଳ ଦିଲ୍ଲୀପ ରାଉତରାୟ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ତହସିଲଦାର ନମିତା ଧଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଗୋବର୍ଦ୍ଧନ ବେବନ୍ଦୋବସ୍ତ ଉପରେ ତିହିଡ଼ି ତହସିଲରେ କେଶ ନଂ ଓଇଏ ୧୩୬/୨୦୧୭ ରୁଜୁ କରିଥିଲେ। ତହସିଲଦାର କେଶ୍‌ର ବିଚାର କରି ଗତ ୨୦୨୩ ଜାନୁଆରୀ ୧୧ ତାରିଖରେ କନ୍‌ଫର୍ମ କରିବାକୁ ଉପଜିଲାପାଳଙ୍କ ନିକଟକୁ ପଠାଇଥିଲେ। ଉପଜିଲାପାଳ କେଶ୍‌ର କନ୍‌ଫର୍ମ କରି ୨୦୨୩ ମାର୍ଚ୍ଚ ୨୦ ତାରିଖରେ ତହସିଲ କାର୍ଯ୍ୟାଳୟକୁ ପଠାଇଥିଲେ। ତେବେ କାର୍ଯ୍ୟାଳୟରେ ବେବନ୍ଦୋବସ୍ତ ବିଭାଗ ଦାୟିତ୍ୱରେ ଥିବା କିରାଣି ଏହି ଫାଇଲ୍‌କୁ ଦାୟିତ୍ୱହୀନ ଭାବେ କେଉଁଆଡ଼େ ହଜେଇ ଦେଇଛନ୍ତି। ଇତି ମଧରେ ବିଭାଗର କିରାଣି ଅବସର ନେଇ ସାରିଛନ୍ତି। କିରାଣି ଅବସର ନେବା ପୂର୍ବରୁ ଆବେଦନକାରୀ ଗୋବର୍ଦ୍ଧନ ବହୁବାର ତହସିଲ କାର୍ଯ୍ୟାଳୟକୁ ଆସି କେଶ୍ ଫାଇଲ ଖୋଜି ପାଇ ନଥିଲେ। ଏବେ କେଶ୍ ଫାଇଲ ନମିଳିବାରୁ ଗୋବର୍ଦ୍ଧନ କୋଶ୍‌ର ସୁଫଳ ପାଇ ପାରୁନାହାନ୍ତି। ତେବେ ତୁରନ୍ତ କେଶ୍ ଫାଇଲ୍‌କୁ ଖୋଜି ଗୋବର୍ଦ୍ଧନଙ୍କୁ ନ୍ୟାୟ ଦେବାକୁ ସେ ଦାବି କରିଛନ୍ତି। ସେହିପରି ତହସିଲରେ ହେଉଥିବା ବିଭିନ୍ନ ଅନିୟମିତତା ଉପରେ ସ୍ଥାନୀୟ ଅ ଳବାସୀମାନଙ୍କ ପକ୍ଷରୁ ରାଜକିଶୋର ଲେଙ୍କା, ନାରାୟଣ ଚନ୍ଦ୍ର ଦାଶ, ସତ୍ୟବ୍ରତ କୁଣ୍ଡ, ତପନ ପଣ୍ଡା, ନିର୍ମଳ ଦଳେଇ, ଶ୍ରୀକାନ୍ତ ପଣ୍ଡା, ବିଷ୍ଣୁ ଚରଣ ମହାନ୍ତି, କାହ୍ନୁ ବେହେରା ପ୍ରମୁଖ ଜନ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେମାନେ ଅଭିଯୋଗରେ କହିଛନ୍ତି ଯେ, ତହସିଲର ଆଇଡି ଓ ପାସ୍‌ୱାର୍ଡ଼ ଜଣେ କିରାଣି ଏକ ଜନସେବା କେନ୍ଦ୍ରକୁ ଦେଇଛନ୍ତି। ଜନସେବା କେନ୍ଦ୍ର ମାଲିକ ଏଥିରୁ ଫାଇଦା ନେଉଛନ୍ତି। ଜନସାଧାରଣ ନିର୍ଦ୍ଧାରିତ ସମୟସୀମା ମଧରେ ସାର୍ଟିଫିକେଟ ପାଇ ପାରୁନାହାନ୍ତି। ରେକର୍ଡ଼ ରୁମ୍‌ରେ ଜଣେ ଅଣ କର୍ମଚାରୀଙ୍କୁ ଦୀର୍ଘଦିନ ହେବ ଦାୟିତ୍ୱ ଦିଆଯାଇଛି। କୋର୍ଟ ଆଦେଶ ଥାଇ ମଧ ରେକର୍ଡ଼ ଫଇସଲା ହୋଇ ପାରୁନଥିବାରୁ

## ସହରର ପ୍ରମୁଖ ରାସ୍ତାଘାଟ ମରଣଯନ୍ତା, ମରାମତି କେବେ ?

ସମ୍ବଲପୁର, ୨୭।୮ (ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାର ରାଜଧାନୀ କୁହାଯାଉଥିବା ସମ୍ବଲପୁର ସହରର ସର୍ବାଙ୍ଗିନ ଉନ୍ନତି ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି ବିଭିନ୍ନ ସଭା ସମିତିରେ ନେତା ମନ୍ତ୍ରୀମାନେ ବଡ଼ବଡ଼ ଭାଷଣ ବାଜି ମାରୁଛନ୍ତି। ମାତ୍ର ସହରର ଗୋଟିଏ ପରେ ଗୋଟିଏ ଅନେକ ଆଭ୍ୟନ୍ତରୀଣ ସମସ୍ୟା ରାଜ୍ୟ ସରକାରଙ୍କୁ ଅପବାଦ ଘେରକୁ ଟାଣି ନେଉଥିବା କୁହାଯାଉଛି। ଗତ କିଛି ଦିନ ଧରି ଲଗାଣ ବର୍ଷା ଲାଗି ରହିବା ପରେ ଏବେ ସହରର ପ୍ରମୁଖ ରାସ୍ତାଗୁଡିକରେ ମରଣଯନ୍ତା ସଦୃଶ୍ୟ ଖାଲଖମା ସମ୍ପ୍ରତି ଜିଲ୍ଲା ନଗର ଉନ୍ନୟନ ଓ ପୂର୍ତ୍ତ ବିଭାଗର କାର୍ଯ୍ୟଦକ୍ଷତାକୁ ସମ୍ପୂର୍ଣ୍ଣ ଉଲଗ୍ନ କରାଇଛି। କାର୍ଯ୍ୟାଳୟକୁ ନୀୟମିତ ଯଦିଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଆସୁଛନ୍ତି, ମାତ୍ର ନିଜର ସ୍ୱାର୍ଥ ଅନ୍ତର୍ନିହିତ ଫାଇଲକୁ ଛାଡ଼ିଦେଲେ ସହରର ପ୍ରମୁଖ ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଫାର୍ମ ରୋଡରୁ ଚେରୁଆପଡ଼ା, ସାକ୍ଷୀପଡ଼ାରୁ ଭିଏସ୍ଏସ୍ ନଗର, ଚର୍ଚ୍ଚ ଛକ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅଇଁଠାପାଲି ଛକ ଠାରୁ ପ୍ରତ୍ୟେକ ସଂଯୋଗୀକରଣ ରାସ୍ତା ଗୁଡିକ ବଡ଼ବଡ଼ ଖାଲଖମାରେ ଭର୍ତି ହୋଇଥିବା ବେଳେ ବର୍ଷା ସମୟରେ ଉକ୍ତ ଖାଲରେ ପାଣି ଜମି ରହି ସହସ୍ରାଧିକ ହ୍ରଦର ସହର ଭାବେ ସମ୍ବଲପୁରର ଏକ ନୂଆ ପରିଚୟ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ଏପରିକି ଚର୍ଚ୍ଚ ଛକ ଠାରୁ ବୁଢ଼ାରଜା ଫ୍ଲାଏ ଓଭରବ୍ରିଜ ୧୯୯୭ ଠାରୁ ସହରବାସୀଙ୍କ ପାଇଁ ପ୍ରମୁଖ ଗମନାଗମନର ମାଧମ ସାଜିଥିବା ବେଳେ ତାହାବି ଏବେ ଖାଲଖମାରେ ଭର୍ତି ହୋଇଥିବା ଅଭିଯୋଗ ହେଉଛି। ସମ୍ବଲପୁର ସହରର ବିଭିନ୍ନ ରାସ୍ତାଘାଟ ଖାଲଖମାରେ ଭର୍ତି ହୋଇ ମରଣଯନ୍ତାର ଦାୟିତ୍ୱ ତୁଲାଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଯନ୍ତ୍ରୀଙ୍କ ସ୍ଥାଣୁତା ନେଇ ତୀବ୍ର ଜନ ଅସନ୍ତୋଷ ଦେଖିବାକୁ ମିଳୁଛି। ଏଦିଗରେ ରାଜ୍ୟ ନଗର ଉନ୍ନୟନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ସମ୍ବଲପୁର ଗସ୍ତରେ ଆସି ସହରର ସମସ୍ତ ରାସ୍ତାଘାଟର ପ୍ରକୃତ ଅବସ୍ଥା ଅନୁଧାନ କରି ଏହାର ସମୀକ୍ଷା କରନ୍ତୁ ବୋଲି ସହରର ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ଅଧ୍ୟକ୍ଷ ଆସିଲେନି, ପୌର କାଉନସିଲ ବୈଠକ ସ୍ଥଗିତ

### ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଭେଟିଲେ ଆବେଦନକାରୀ

ଜୟପୁର, ୨୭।୮ (ସଂଚାର ବ୍ୟୁରୋ): ଜୟପୁର ପୌରସଂସ୍ଥାରେ ବର୍ତମାନ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହିପରି ଗତ ୫ ମାସରୁ ଉର୍ଦ୍ଧ୍ୱ ହେଲାଣି ପୌର କାଉନସିଲ ବୈଠକ ଅନୁଷ୍ଠିତ ହୋଇନଥିବା ଯୋଗୁଁ ଉପାଧକ୍ଷଙ୍କ ନେତୃତ୍ୱରେ ଚଳିତ ମାସରେ ୨ ଥର ଏକ ଦାବିପତ୍ର କାଉନସିଲର ମାନେ ଅଧକ୍ଷଙ୍କୁ ପ୍ରଦାନ କରିଥିଲେ। ଏନେଇ ପୌରସଂସ୍ଥା ପକ୍ଷରୁ ବିଭିନ୍ନ ଉନ୍ନତିମୂଳକ ଆଲୋଚନା ନେଇ ପ୍ରସ୍ତାବ ପ୍ରଦାନ କରାଯାଇ ଆୟୋଜନ ହେବା ନେଇ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ପତ୍ର ମାଧମରେ ଆହ୍ୱାନ କରିଥିଲେ। ଏହିପରି ଉପାଧକ୍ଷା ବି. ସୁନିତାଙ୍କ ସମେତ ବିଜେଡି ସମର୍ଥିତ ୧୫ ଜଣ କାଉନସିଲର ଏବଂ କଂଗ୍ରେସ ସମର୍ଥିତ ୧୧ ଜଣ କାଉନସିଲର ପୌର ସମ୍ମିଳନୀ କକ୍ଷଠାରେ ଉପସ୍ଥିତ ଥିଲେ। ଏହିପରି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଏବଂ ମୁଖ୍ୟ କିରାଣୀଙ୍କ ସମତେ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କିନ୍ତୁ ଅଧକ୍ଷ ଶ୍ରୀ ମହାନ୍ତି ବୈଠକକୁ ଆସିନଥିଲେ ଫଳରେ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଉପାଧକ୍ଷା ଏବଂ କାଉନସିଲର ମାନେ ସମ୍ମିଳନୀ କକ୍ଷରୁ ବାହାରକୁ ଚାଲି ଆସିଥିଲେ। ଏହିପରି ପୌର ଅଧକ୍ଷ ଶ୍ରୀ ମହାନ୍ତି ଶରୀର ଅସୁସ୍ଥ ରହିଥିବା ଯୋଗୁଁ ଉପାଧକ୍ଷା ଶ୍ରୀମତି ସୁନିତାଙ୍କୁ ଏହି ବୈଠକର ଅଧକ୍ଷତା କରିବାକୁ ଚିଠି ମାଧମରେ ଦାୟୀତ୍ୱ ପ୍ରଦାନ କରିଥିଲେ। କିନ୍ତୁ ଏହାକୁ ନିର୍ଦ୍ଧାରିତ ୧୧ଟା ବେଳେ ବୈଠକ ଆୟୋଜିତ ହେବାକୁ ଥିବାବେଳେ ୧୧ଟା ୨୦ ମିନିଟରେ ଅନଔପଚାରିକ ଭାବେ ପୌର ଅଧକ୍ଷଙ୍କ ଜଣେ ବ୍ୟକ୍ତି ପ୍ରଦାନ କରିଥିବା ଯୋଗୁଁ ଏହାକୁ ଉପାଧକ୍ଷ ଶ୍ରୀମତି ସୁନିତା ଗ୍ରହଣ କରିନଥିଲେ। ସେହିପରି ଶେଷରେ ନିର୍ବାହୀ ଅଧିକାରୀ ଔପଚାରିକ ଭାବେ ଏହିପତ୍ର ମୁଖ୍ୟ କିରାଣୀଙ୍କ ମାଧମରେ ପ୍ରଦାନ କରିଥିଲେ। କିନ୍ତୁ, ବିଳମ୍ବରେ ଏହି ଚଠି ପ୍ରଦାନ କରାଯାଇଥିବା ଯୋଗୁଁ ଏହାକୁ ସେ ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ଭାବେ ମନା କରିଥିଲେ। ଏହିପରି ସହରର ବିକାଶ କାର୍ଯ୍ୟର ଆଲୋଚନା ପାଇଁ ଆୟୋଜିତ ପୌରସଂସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଅଧକ୍ଷ ଶ୍ରୀ ମହାନ୍ତି ଆସିନଥିବା ବେଳେ ଉପାଧକ୍ଷା ଶ୍ରୀମତି ସୁନିତାଙ୍କୁ ବିଳମ୍ବରେ ଦାୟୀତ୍ୱ ପ୍ରଦାନ କରାଯାଇଥିବା ଯୋଗୁଁ ଏହି ବୈଠକ ଶେଷରେ ସ୍ଥଗିତ ରଖାଯାଇଥିଲା। ସହରର ବିକାଶ ନେଇ ସ୍ଥାନୀୟ ପୌରସଂସ୍ଥା ଲୋକ ପ୍ରତିନିଧି ମାନଙ୍କ ୨୮ଟି ୱାର୍ଡର ବାସିନ୍ଦା ମାନେ ଭୋଟ ଦେଇ ବିଜୟୀ କରିଥିବା ବେଳେ ଏହିପରି ଦୀର୍ଘ ୫ ମାସ ନେଇ କାଉନସିଲ ବୈଠକ ଅନୁଷ୍ଠିତ ହେଉନଥିବା ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ ଓ ବିକାଶ କାର୍ଯ୍ୟ ନେଇ କୌଣସି ତତ୍ପରତା ଦେଖାଉନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହିପରି ଆଗାମୀ ବୈଠକ କେବେ ହେବ ଏହା ମଧ ସ୍ଥିର ହୋଇପାରନାହିଁ। ଅଧକ୍ଷ ଏବଂ ଉପାଧକ୍ଷ ମୁହାଁମୁହିଁ ପରସ୍ଥିତିରେ ରହିଥିବା ବେଳେ ବୈଠକକୁ ନେଇ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଏହିପରି ପୌର ନିର୍ବାହୀ ଅଧିକାରୀ କୁମାର ରେଡ୍ଡି ବୈଠକକୁ ଆସିଥିଲେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ଏବଂ କହିଛନ୍ତି ଯେ, ବୈଠକ ଆୟୋଜନ ନେଇ ପୌର ପ୍ରଶାସନ ପ୍ରସ୍ତୁତ ଏବଂ ସମସ୍ତ ବିଷୟ ନେଇ ଆଲୋଚନା ହେବାରେ କୌଣସି ସମସ୍ୟା ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏନକାଉଣ୍ଟରରେ ...

ୟୁନିଟ୍ ଉକ୍ତ ଅଞ୍ଚଳରେ ପହଞ୍ଚିଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଅତିରିକ୍ତ ପୁଲିସ ଅଧୀକ୍ଷକ ଏମ. ରମେଶଙ୍କ ନେତୃତ୍ୱରେ ଦଳ ବୁଧବାର ସକାଳେ ଜଙ୍ଗଲରେ ପହଞ୍ଚିଥିଲା। ସେଠାରେ ସର୍ଚ୍ଚ ଅପରେସନ୍ ସମୟରେ ନକ୍ସଲମାନେ ଗୁଳି ଚଳାଇଥିଲେ। ଏହାର ପାଲଟା ଆକ୍ରମଣରେ ସୁରକ୍ଷାକର୍ମୀମାନେ ମଧ୍ୟ ଗୁଳି ଚଳାଇଥିଲେ। ଦୁଇପଟୁ ପ୍ରାୟ ୮ ଘଣ୍ଟା ପର୍ଯ୍ୟନ୍ତ ଏହି ଗୁଳିଗୋଳା ବିନିମୟ ଚାଲିଥିଲା। ଏହାପରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୪ ଜଣ ନକ୍ସଲ ଟଳିପଡ଼ିଥିଲେ। ସୁରକ୍ଷାକର୍ମୀମାନେ ସେମାନଙ୍କ ମୃତଦେହ ମଧ୍ୟ ଉଦ୍ଧାର କରିଛନ୍ତି। ଏଥିସହ ନକ୍ସଲମାନଙ୍କଠାରୁ ଗୋଟିଏ ଏସଏଲଆର ଓ ଦୁଇଟି ଇନସାସ୍ ରାଇଫଲ, ଗୋଟିଏ ୦.୩୦୩ ରାଇଫଲ ଉଦ୍ଧାର କରାଯାଇଛି। ଏଥିସହ ସେଠାରେ ଆହୁରି ଅଧିକ ନକ୍ସଲ ଲୁଚିରହିଥିବା ସନ୍ଦେହରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସର୍ଚ୍ଚ ଅପରେସନ୍ ଜାରି ରହିଥିବା ଜଣାପଡ଼ିଛି।

### ୫୧ ଲକ୍ଷ...

ଏହା ଆମ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଖୁସିର ବିଷୟ ଯେ ଚଳିତ ବର୍ଷ କୃଷକ ସମୃଦ୍ଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ଯେମିତି ଜଣେ ବି ଚାଷୀ ଏଥିରୁ ବଞ୍ଚିତ ନ ହେବେ, ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି। କାରଣ କୌଣସି ରାଜ୍ୟର ବିକାଶରେ ଅନ୍ନଦାତାଙ୍କର ସବୁଠାରୁ ବଡ଼ ଭୂମିକା ଥିବାରୁ ସେମାନଙ୍କ ବିକାଶ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପ୍ରତି ଫସଲ ଋତୁ ପାଇଁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ୨ ହଜାର ହିସାବରେ ବାର୍ଷିକ ୪ ହଜାର ଟଙ୍କା ପ୍ରଦାନ କରାଯାଇଆସୁଛି। ଏହି ସହାୟତା ରାଶି କୃଷକମାନେ ଆବଶ୍ୟକ କୃଷି ସାମଗ୍ରୀ କ୍ରୟ ପାଇଁ ବ୍ୟବହାର କରିଥାନ୍ତି। ଭୂମିହୀନ କୃଷି ପରିବାରକୁ ଛେଳି, କୁକୁଡ଼ା, ବତକ ପାଳନ ତଥା ଛତୁ/ମହୁଚାଷ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ୩ଟି କିସ୍ତିରେ ସାଢ଼େ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ କୃଷକ ସମୃଦ୍ଧି ଯୋଜନାରେ ଅଦ୍ୟାବଧି ୧୮ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ଫସଲର ସୁରକ୍ଷା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଅନେକଗୁଡିଏ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପରିବର୍ତ୍ତିତ ଜଳବାୟୁ ତଥା ବିଳମ୍ବିତ ମୌସୁମୀକୁ ସମ୍ମୁଖୀନ ହୋଇ ନିଶ୍ଚିତ ଫସଲ ଅମଳ ପାଇବା ପାଇଁ ଫସଲ ବିବିଧିକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଆଳୁ ଓଡ଼ିଶାର ପ୍ରମୁଖ ଫସଲ ମଧ୍ୟରୁ ଅନ୍ୟତମ ହୋଇଥିବାବେଳେ ଏଥିରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ ୩ ହଜାର ୧୧୫ କ୍ଲଷ୍ଟରରେ ୩୬ ହଜାରରୁ ଅଧିକ ଚାଷୀଙ୍କୁ ସଚେତନ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ଚାଷରେ ସାମିଲ କରାଯାଇଛି। ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ। ରାଜ୍ୟରେ ଶୀତଳଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ଗତ ଜାନୁଆରୀରେ କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡ ସ୍ତରରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ଅଭାବୀ ବିକ୍ରିକୁ ରୋକାଯାଇପାରିବ। ଯୁବ କୃଷି ଉଦ୍ୟୋଗୀମାନଙ୍କୁ ବ୍ୟବସାୟଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଓ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୪୦୬ ଟି ପ୍ରକଳ୍ପକୁ ୧୮୮ କୋଟି ୩୪ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଛି। ଏହି ପ୍ରମୁଖ କଲ୍ୟାଣକାରୀ ଯୋଜନାରେ କୃଷକଙ୍କ ପରିବାରକୁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଉଚ୍ଚ ଶିକ୍ଷା/ବୃତ୍ତିଧାରୀ ଶିକ୍ଷା ନିମନ୍ତେ କୃଷି ବିଦ୍ୟାନିଧି ଯୋଜନାରେ ସିଏମ୍ କିଷାନ ହିତାଧିକାରୀଙ୍କ ପିଲାଙ୍କୁ ବୃତ୍ତି ଦିଆଯାଉଛି। ଆଇଆଇଟି, ଏନଆଇଟି, ଆଇଆଇଏମ୍, ଏମ୍ସ ଓ ଆଇସିଏଆର ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ମେଡିକାଲ, ଇଞ୍ଜିନିୟରିଂ, କୃଷି, ନର୍ସିଂ, ଆଇଆଇଟି, ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ ବ୍ୟବସ୍ଥା ହୋଇଛି। ଗତ ଶିକ୍ଷାବର୍ଷରେ ବିଭିନ୍ନ ବୈଷୟିକ ପାଠ୍ୟକ୍ରମ ପାଇଁ ୧୩,୯୨୩ ଜଣ ସିଏମ୍ କିଷାନ ହିତାଧିକାରୀଙ୍କ ପିଲାଙ୍କୁ ପ୍ରାୟ ୫୩ କୋଟି ୬୯ ଲକ୍ଷ ଟଙ୍କାର କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଉତ୍ସବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ କୃଷି ଓ କୃଷକର ଉନ୍ନତି ସାଧନ ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ। ସମସ୍ତ ଅଭାବୀ ଚାଷୀକୁଳକୁ କିଛି ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଏହି କୃଷକ କଲ୍ୟାଣକାରୀ ଯୋଜନା ସିଏମ କିଷାନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ଏକ ପ୍ରଗତିଶୀଳ ତଥା କୃଷକମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ଭଳି ଯୋଜନା। ସିଏମ୍ କିଷାନ ଯୋଜନାରେ ଅଧିକରୁ ଅଧିକ ଯୋଗ୍ୟ ଚାଷୀ ଅନ୍ତର୍ଭୁକ୍ତ ହେଲେ କୃଷି ଓ କୃଷକର ଉନ୍ନତି ହୋଇପାରିବ।

ସେହିପରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନକୃଷି ବୃତ୍ତି ଚାଷୀଙ୍କ ଆର୍ଥିକ ଉନ୍ନତି ଓ ଉନ୍ନତ ଜୀବନ ଧାରଣରେ ବିଶେଷ ଗୁରୁତ୍ୱ ବହନ କରେ। କ୍ଷୁଦ୍ର ଛେଳି ଚାଷ ୟୁନିଟ, କ୍ଷୁଦ୍ର ଅଣ୍ଡା ଦିଆ କୁକୁଡ଼ା ୟୁନିଟ, ଦ୍ୱିମୁଖୀ ସ୍ୱଳ୍ପ ସାମଗ୍ରୀ ବୈଷୟିକ ପକ୍ଷୀ ୟୁନିଟ, ବତକ ୟୁନିଟ, ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ ଉପକରଣ ଯୋଗାଣ, ଛତୁ ଚାଷ, ମହୁ ଚାଷ, ଗୋପାଳନ, ଟସର ଚାଷ ଭଳି ଅନେକ ଚାଷ ଆଜି ଅନେକ ସ୍ତରରେ ଲାଭବାନ ହୋଇଛନ୍ତି କେବଳ ଏହି ସିଏମ କିଷାନ ଯୋଜନା ପାଇଁ।କାର୍ଯ୍ୟକ୍ରମରେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରଭାତ କୁମାର ରାଉଳ, ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ଓ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଏଥିସହ ରାଜ୍ୟର ପ୍ରାୟ ୬୦୦ କୃଷକ ଏବଂ ଓୟୁଏଟିର ୨୦୦ ଛାତ୍ରଛାତ୍ରୀ ମଧ୍ୟ ସକ୍ରିୟ ଯୋଗଦାନ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ।

### ଛାତ୍ରଛାତ୍ରୀଙ୍କୁ...

ଡିଏମଏଫ ପାଣ୍ଠିରୁ ନିର୍ମିତ ହୋଇଥିବା ଟିକିରା ନଦୀ ବ୍ରିଜର ଉଦ୍‌ଘାଟନ ମଧ୍ୟ କେନ୍ଦ୍ର ମନ୍ତ୍ରୀ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ସ୍ୱର୍ଗତଃ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତିରେ 'ପ୍ରଜାମଣ୍ଡଳ ଭବନ' ନିର୍ମାଣ ପାଇଁ ତାଳଚେରବାସୀଙ୍କର ଆଗ୍ରହ ଥିଲା। ଖୁବଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଆଗାମୀ ଦିନରେ ଏହି ଭବନ ଯୁବପିଢ଼ି ନିକଟରେ ପ୍ରଜାମଣ୍ଡଳ ଆନ୍ଦୋଳନ ଇତିହାସର ଗୌରବଗାଥାକୁ ଉଜାଗର କରିବ। ସେହିପରି ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାନୁଷ୍ଠାନର ନୂତନ ଅତିରିକ୍ତ ଶ୍ରେଣୀଗୃହ, ନବନିର୍ମିତ ରୋଷେଇ ଘର ସହ ଭୋଜନାଳୟର ଶୁଭାରମ୍ଭ ହୋଇଥିବା ବେଳେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ଓ ବିଜ୍ଞାନ ପ୍ରୟୋଗଶାଳା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୫ କୋଟି ୮ ଲକ୍ଷ ଟଙ୍କାର ବ୍ୟୟ ବରାଦ ବି ହୋଇଛି। ଜିନ୍ଦଲ, ଏମସିଏଲ ଓ ଏନଟିପିସିର ସିଏସଆର ପ୍ରକଳ୍ପ ଅନ୍ତର୍ଗତ ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଫାଇଦା ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ। ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ସହ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ସୁବିଧା ପ୍ରଦାନ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ସେ ସ୍କୁଲର ଉତ୍ତରୋତ୍ତର ଉନ୍ନତି ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହ ଶ୍ରୀ ପ୍ରଧାନ ଉଦଘାଟିତ 'ଟିକିରା ନଦୀ ବ୍ରିଜ' ସ୍ଥାନୀୟ ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମି, ବାଣିଜ୍ୟ ବ୍ୟବସାୟ, ପର୍ଯ୍ୟଟନ ଏବଂ ଆର୍ଥିକ ଅଭିବୃଦ୍ଧିକୁ ମଜବୁତ କରିବ ବୋଲି ମଧ୍ୟ ଆଶା ରଖିଛନ୍ତି। ଗସ୍ତ କାଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କଣିହାଁଠାରେ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଓ ତାଳଚେର ପ୍ରଜାମଣ୍ଡଳ ସହିଦ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ତାଙ୍କୁ କଣିହାଁର ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଛି।

### କଟକ...

ବନ୍ଦେ ଭାରତ ଏକ୍ସପ୍ରେସ ଯିବାର କିଛି ସମୟ ପରେ ଏହି ଅଘଟଣ ଘଟିଥିଲା। ଯାହା ଫଳରେ ଅନେକ ଯାତ୍ରୀ ବର୍ତ୍ତି ଯାଇଥିଲେ। ସୂଚନା ମୁତାବକ ଗତ କିଛିଦିନ ଧରି କଟକ ଷ୍ଟେସନର ନବୀକରଣ କାଯ୍ୟ ଚାଲୁଥିଲା। ଜଣେ ଆହତ ହୋଇଛନ୍ତି, ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କ୍ଷୟକ୍ଷତି ନେଇ କୌଣସି ସୂଚନା ନାହିଁ। ଘଟଣାସ୍ଥଳରେ ଜାରି ରହିଛି ଉଦ୍ଧାର କାର୍ଯ୍ୟ।

### ଛାମୁଆ...

ଅଣଦେଖା କରାଗଲା ବୋଲି ପଚରା ଯାଉଥିବା ପ୍ରଶ୍ନ ଏବେ ଉଭୟ ଦେବୀ ଓ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ଆଗକୁ ଏହା ଭୟଙ୍କର ରୂପ ନେବ ବୋଲି ଖୋଦ୍ ଦଳୀୟ କର୍ମୀମାନେ ବି କହିଲେଣି। ବିଜେଡିର ଓବିସି କାର୍ଡ ଦଳ ପାଇଁ ବୁମେରାଂ ପାଲଟିବା ନେଇ ମଧ୍ୟ ଆଉ ଗୋଟିଏ ଗୋଷ୍ଠୀ କହି ବୁଲିଲେଣି।

### ପିନାକୀଙ୍କ...

ଆର୍ଥିକ ହେରଫେର ଓ ସନ୍ଦେହଜନକ ସମ୍ପତ୍ତି କାରବାର ନେଇ ଦର୍ଶାଯାଇଥିବା ବେଳେ ଅନ୍ୟଟିରେ ଦେଶର ସୁରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ପ୍ରସଙ୍ଗରେ ବାରମ୍ବାର ସଂସଦରେ ପ୍ରଶ୍ନ ପଚାରିଥିବା କୁହାଯାଇଛି। ଗୋଟିଏ ଜାତୀୟ ସୁରକ୍ଷା ସମ୍ପର୍କିତ ହୋଇଥିବା ବେଳେ ଅନ୍ୟଟି କର୍ପୋରେଟ କନଫ୍ଲିକ୍ଟ ଅଫ ଇଣ୍ଟରେଷ୍ଟ ନେଇ ମଧ୍ୟ ଅଭିଯୋଗ ହୋଇଛି। ଏପରି ପ୍ରଶ୍ନ ପଚାରି ସେ ଦେଶର କର୍ପୋରେଟ୍ ଦଲାଲ୍‌ମାନଙ୍କୁ ଆର୍ଥିକ ଫାଇଦା ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ତେବେ ଦୁଇଟିଯାକ ଅଭିଯୋଗ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ନିକଟରେ ପରିଣତ ବୟସରେ ଟିଏମ୍‌ସି ସାଂସଦ ମହୁଆ ମୈତ୍ରଙ୍କୁ ବିବାହ କରି ଶ୍ରୀ ମିଶ୍ର ବେଶ୍ ଚର୍ଚ୍ଚିତ ହୋଇଥିଲେ। ଅନ୍ୟପକ୍ଷରେ ନିକଟରେ ଶ୍ରୀମତୀ ମୈତ୍ରଙ୍କ ବିରୋଧରେ ମଧ୍ୟ ସଂସଦରେ ପ୍ରମୁଖ ବ୍ୟବସାୟୀ ଗୌତମ ଆଦାନିଙ୍କ ସମ୍ପର୍କିତ ପ୍ରଶ୍ନ ପଚାରି ଅନ୍ୟ ଜଣେ ବ୍ୟବସାୟୀଙ୍କୁ ଫାଇଦା ଦେବାକୁ ଉଦ୍ୟମ କରିଥିବା ନେଇ ମଧ୍ୟ ଅଭିଯୋଗ ରହିଛି।

# ଗାଁଠୁ ସହର ନୂଆଁଖାଇ ପାଇଁ ଉତ୍ସବମୁଖର

**ଝାରସୁଗୁଡ଼ା, ୨୭।୮ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଗାଁରୁ ସହର ଉତ୍ସବ ମୁଖର ହୋଇଉଠିଛି। ବୁଧବାର ଚତୁର୍ଥୀ ତିଥିରେ ଘର ଲିପା, ପୋଛାଠାରୁ ଆରମ୍ଭ କରି ସାଜସଜ୍ଜା କରାଯାଇଛି।

ଗୁରୁବାର ସକାଳୁ ଇଷ୍ଟଦେବୀଙ୍କ ନିକଟରେ ନୂଆ ଧାନ ଲାଗି ହେବା ପରେ ପରିବାରର ସମସ୍ତ ସଦସ୍ୟ ମିଶି ନୂଆଁ ଖାଇବେ। ଏହାସହିତ ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଆସନ୍ତାକାଲି ସକାଳୁ କୃଷକମାନେ କ୍ଷେତରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ପରେ ନୂଆଁ ଖାଇବେ। ଏଥିପାଇଁ ବୁଧବାର ବିଭିନ୍ନ ଗାଁରୁ ନେଇ ସହରରେ ମଧ୍ୟ ସ୍ୱତନ୍ତ୍ର ନୂଆଁଖାଇ ହାଟ ବସିଥିଲା। ଯେଉଁଠି ନୂଆଁ ଧାନ, ନୂଆଁ ଚୂଡ଼ା ସହିତ ରାଖି, ଧାନକେଣ୍ଡା, କଦଳୀ ଭଣ୍ଡା, କଦଳୀ ପତ୍ର, ପୂଜା ସାମଗ୍ରୀ ଆଦିର ପସରା ଲାଗିଥିଲା। ଏହାସହିତ ବିଭିନ୍ନ ଜାତିରେ ଭିନ୍ନ ଭିନ୍ନ ପତ୍ରରେ ନୂଆଁ ଲାଗି ହେଉଥିବାରୁ ବଜାରରେ କୁରେ,ଶାଳ, ମହୁଲ, ସାରୁ ପତ୍ର ଆଦି ମଧ୍ୟ ବିକ୍ରି ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ବୁଧବାର ସକାଳୁ ସହରର ପୁରୁଣା ବସଷ୍ଟାଣ୍ଡ, କାଳୀମନ୍ଦିର ରୋଡ୍, ବିଟିଏମ୍, ଝଣ୍ଡାଛକ, ସରବାହାଲ ଆଦି ସ୍ଥାନରେ ଅସ୍ଥାୟୀ ଦୋକାନ ମଧ୍ୟ ଲାଗିଥିଲା। ନୂଆଁଖାଇରେ ନୂଆ ପିନ୍ଧିବାର ପରମ୍ପରା ରହିଥିବାରୁ ଲୁଗା ଦୋକାନଗୁଡ଼ିକରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଜମିଛି।

ବାହାରେ ରହୁଥିବା ଲୋକେ ନୂଆଁଖାଇରେ ଘରେ ପହଞ୍ଚିଥାନ୍ତି। ଯାହାକୁ ନେଇ ବୁଧବାର ସକାଳୁ ଜିଲ୍ଲାର ବିମାନ ବନ୍ଦର, ରେଳ ଷ୍ଟେସନ, ବସ୍ ଟର୍ମିନାଲରେ ମଧ୍ୟ ଯାତ୍ରୀଙ୍କ ଭିଡ଼ ଲାଗିଛି।



## ପଞ୍ଚମା ସିଦ୍ଧ ବିନାୟକ ପୀଠରେ ଗଣେଶ ପୂଜା ମହାଆଡ଼ମ୍ବରେ ପାଳିତ



### ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀ

**ବ୍ରହ୍ମପୁର, ୨୭।୮ (ସଂଚାର ବ୍ୟୁରୋ):** ଗଂଜାମ ଜିଲ୍ଲା ବ୍ରହ୍ମପୁର ଉପକଣ୍ଠ ପଞ୍ଚମାରେ ରହିଥିବା ପ୍ରସିଦ୍ଧ ସିଦ୍ଧ ବିନାୟକ ପୀଠରେ ବେଶ୍ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି ଗଣେଶ ଚତୁର୍ଥୀ। ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲାହେବାକୁ ଥିବା ବେଳେ ଭୋରରୁ ହିଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୁଷଣ ଜେନା ସିଦ୍ଧି ବିନାୟକଙ୍କ ଦର୍ଶନ କରିବା ସହିତ ଜାତୀୟ ରାଜପଥ ରଣ୍ଡା ଛକରେ ଅଟକି କିଛି ସମୟ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାର ତଦାରଖ କରିବା ସହିତ କୌଣସି ଅଘଟଣ ଯେପରି ନ ଘଟି, ଭକ୍ତମାନେ କିପରି ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିପାରିବେ ଏବଂ ଭିଡ଼ ନିୟନ୍ତ୍ରଣ ଠିକ୍ ଠାକ୍ କିପରି ଭାବରେ ହେବ ଏନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ଜେନାଙ୍କ ସହ ଆଇନ୍ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଜିଲ୍ଲାପାଳ ଭି .କୀର୍ତ୍ତିଭାସନ୍ ସିଦ୍ଧି ବିନାୟକଙ୍କ ଦର୍ଶନ କରିଥିଲେ। କେବଳ ଗଞ୍ଜାମ ନୁହେଁ ବରଂ ଆନ୍ଧ୍ରର ମଧ ଶହ ଶହ ଭକ୍ତମାନେ ଗଜାନନଙ୍କୁ ଦର୍ଶନ କରିଥିଲେ ।

## ଗଜାନନଙ୍କ ପୂଜାରେ ଉତ୍ସବମୁଖର ହିଞ୍ଜିଳି ସହର

**ହିଞ୍ଜିଳିକାଟୁ, ୨୭।୮ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହର ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଶ୍ରୀ ଗଣେଶଙ୍କ ଚତୁର୍ଥୀ ମହୋତ୍ସବ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସହର ଓ ବ୍ଲକର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ସାହି, ଗଳିକନ୍ଦିରେ ଗଣେଶ ପୂଜା ପାଳିତ ହୋଇଯାଇଛି । ସେଇପରି ସ୍ଥାନୀୟ ସହରର ନିକଟସ୍ଥ ଥିବା ସୋମପୁର ଗ୍ରାମରେ ଘୋଡାଇଶୁଣି ପୀଠ ପରିସରରେ ପାହାଡ଼ ଗୁମ୍ଫାରେ ବିଜେ ପ୍ରତିମାଙ୍କ ସ୍ଥଳରେ ଆଜି ସକାଳେ ଶହ ଶହ ଭକ୍ତଙ୍କ ଭିଡ ଲାଗି ରହିଥିଲା । ସହରର ମେଣ୍ଟାଖାଇ ପାହାଡ଼ ସ୍ଥିତ ଶ୍ରୀଗଣେଶଙ୍କ ବିଗ୍ରହଙ୍କ ସ୍ଥଳରେ ପୂଜା ଆୟୋଜିତ କରାଯାଇଥିଲା । ଏହାସହିତ ବିଭିନ୍ନ ପୂଜା ମଣ୍ଡପରେ ମଧ୍ୟ ପୂଜା ଆରମ୍ଭ ହୋଇଯାଇଛି। ଏହି ଅବସରରେ ସଜେଇ ହୋଇଛି ପୂଜା ମଣ୍ଡପ । କେଉଁଠି ସୁଉଚ୍ଚ ତୋରଣରେ ମଣ୍ଡପ ସଜା ଯାଇଛି ତ ପୁଣି ଆଉ କେଉଁ ଫୁଲ ଏବଂ ଲିଚୁ ମାଳରେ ସଜାହୋଇଛି । ସ୍ଥାନୀୟ ସହରର ହିଞ୍ଜିଳିର ବଡ଼ ସାହି, ରାଉଳ ସାହି, ପାଟଣାସାହି, ଥାନାସାହି, ମାଣିକନଗର, ରେଗିଡ଼ି ସାହି ସମେତ ସହରର ବିଭିନ୍ନ ମଣ୍ଡପରେ ପୂଜା ଉତ୍ସବ ପାଳନ କରାଯାଇଥିଲା।

## ପୂଜା ପାଇଲେ ୧୦ ଫୁଟର ଗଜାନନ



**ବ୍ରହ୍ମପୁର, ୨୭।୮ (ସଂଚାର ବ୍ୟୁରୋ):** ରେଶମ ସହରରେ ଖୁବ୍ ଧୁମଧାମର ସହ ପବିତ୍ର ଗଣେଶ ଚତୁର୍ଥୀ ପାଳିତ ହୋଇଯାଇଛି। ସହରର ବିଭିନ୍ନ ପୂଜା ପ୍ୟାଣ୍ଡେଲ ସମେତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ,କାର୍ଯ୍ୟାଳୟ ସହ ଘରେ ଘରେ ଗଜାନନଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ସହରର ପୂଜା ମଣ୍ଡପ ଗୁଡିକ ସାଜସଜ୍ଜା ସହ ରେଙ୍ଗବେରଙ୍ଗର ଅଲୋକମାଳାରେ ଝଲସି ଉଠୁଛି। ପ୍ରତିବର୍ଷ ପୂଜା କମିଟି ଓ ସଂଗଠନ ଗୁଡ଼ିକ କିଛି ନୂଆ ଢାଞ୍ଚାରେ ମେଢ଼ ଓ ମଣ୍ଡପ ପ୍ରସ୍ତୁତ କରିଥାନ୍ତି। ଏହି କ୍ରମରେ ସ୍ଥାନୀୟ ଲାଞ୍ଜିପଲ୍ଲୀ ସୂର୍ଯ୍ୟ ନଗର ଗଣେଶ ପୂଜା କମିଟି ପକ୍ଷରୁ ୧୦ ଫୁଟର ଉଚ୍ଚତା ବିଶିଷ୍ଟ ମୟୂର ସିଂହାସନ ଅବତାରରେ ଗଜାନନଙ୍କୁ ପୂଜା କରାଯାଇଛି । ଯାହା ଭକ୍ତଙ୍କୁ ଆକୃଷ୍ଟ କରିଛି। ୫ଦିନ ଦିନ ପର୍ଯ୍ୟନ୍ତ ଏହି ମଣ୍ଡପରେ ବିନାୟକ ପୂଜା ପାଇବେ ବୋଲି ସୂଚନା ରହିଛି । ପ୍ରତିବର୍ଷ କିଛି ନୂଆ ନୂଆ ଢାଞ୍ଚାରେ ଏଠାରେ ଶ୍ରୀ ଗଣେଶ ପୂଜା ପାଉଛନ୍ତି। ଦିର୍ଘ ୧୫ ବର୍ଷ ହେଲା ଏହି କମିଟି ପକ୍ଷରୁ ପୂଜାର ଆୟୋଜନ ହୋଇ ଆସୁଛି। ସେହିପରି ସହରର ହିଲପାଟଣା ସ୍ଥିତ ସିଦ୍ଧ ବିନାୟକ ମନ୍ଦିରରେ ଅଗ୍ରପୂଜ୍ୟଙ୍କ ଦର୍ଶନ ଲାଗି ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏନେଇ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏଠାରେ ରୀତିନୀତି ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ସକାଳ ପହରୁ ରାତି ପର୍ଯ୍ୟନ୍ତ ହାଜର ହଜାର ଭକ୍ତ ଲମ୍ବା ଧାଡିରେ ଠିଆ ଶ୍ରୀ ବିନାୟକଙ୍କ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। ଅନ୍ୟପଟେ ସହରର ସାହି, ଗଳି କନ୍ଦିରେ ବିଭିନ୍ନ ଛୋଟ, ବଡ କମିଟି ପକ୍ଷରୁ ଗଣେଶ ପୂଜା ଆୟୋଜନ କରାଯାଇଛି।

## ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ୩୧୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ବିନାୟକଙ୍କ ପୂଜା

**କାକଟପୁର/ଅସ୍ତରଙ୍ଗ, ୨୭।୮ (ସଂଚାର ବ୍ୟୁରୋ):** ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଗାଁଠୁ ସହର। ପ୍ରଭୁ ଗଜାନନଙ୍କ ସ୍ୱାଗତ ପାଇଁ ଗାଁ ଠୁ ସହର ସବୁଠି ସୁଉଚ୍ଚ ତୋରଣ ସାଙ୍ଗକୁ ଆଖି ଝଲାସା ମେଢ଼ ସାଜସଜ୍ଜା ହୋଇଛି। ସକାଳୁ ସକାଳୁ ପୂଜାସ୍ଥଳରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ସବୁଠି ଭକ୍ତିମୟ ପରିବେଶ। ବିଦ୍ୟା, ବୁଦ୍ଧି ଓ ସିଦ୍ଧିଦାତା ଅଗ୍ରପୂଜ୍ୟ ଗଜାନନଙ୍କ ଆବାହନ ପାଇଁ ଚଳଚଞ୍ଚଳ ପୁର ପଲ୍ଲୀ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ପୂଜାବିଧି ଅନୁଷ୍ଠିତ ହୋଇଯାଇଛି। ଏହାସହ ଅସ୍ତରଙ୍ଗର ବିଭିନ୍ନ ସ୍ଥାନରେ ଗଜାନନଙ୍କ ମୃନ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ଅସ୍ତରଙ୍ଗ ବ୍ଲକର ଦେବୀ ନଦୀ କୂଳରେ ଅବସ୍ଥିତ ନଈଗୁଆଁ ଗ୍ରାମର ବହୁ ପୁରାତନ ବର୍ଷର ସ୍ୱୟଂଭୁ ଗଣେଶ ମନ୍ଦିରରେ ପୂଜା ପାଉଛନ୍ତି ବୁଢ଼ାଗଣେଶ।

## ପେନସିଲ୍ ମୁନରେ ଗଣେଶ ମୂର୍ତ୍ତି

**ଖୋର୍ଦ୍ଧା, ୨୭ ।୮ (ସଂଚାର ବ୍ୟୁରୋ):** ଜଟଣୀ ହାଟବଜାର ଗୋପିନାଥପୁରର ସୂକ୍ଷ୍ମ କଳାକାର ଏଲ୍. ଈଶ୍ୱର ରାଓ ଚଳିତ ବର୍ଷ ପେନ୍‌ସିଲ ମୂନରେ ୦.୫ ସେମିର ଗଣେଶ ପ୍ରସ୍ତୁତ କରି କରିଛନ୍ତି। ଏଥିପାଇଁ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପେନସିଲ ମୁନରେ ବିଘ୍ନ ବିନାଶକଙ୍କ ମୂର୍ତି କରିବା ପାଇଁ ତାଙ୍କୁ ଆଠ ଘଣ୍ଟା ସମୟ ଲାଗିଥିବା ସେ କହିଛନ୍ତି। ତେବେ ଇକୋ ଫ୍ରେଣ୍ଡଲି ଏବଂ ଶୃଙ୍ଖଳିତ ପୂଜା ଆୟୋଜନ ପାଇଁ ସେ ବାର୍ତ୍ତା ଦେଇଛନ୍ତି। ପ୍ରତିବର୍ଷ ପରି ସେ ଚଳିତ ବର୍ଷ ମଧ୍ୟରେ ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ଗୋବର, ମାଟିରେ ପ୍ରସ୍ତୁତ ଇକୋ ଫ୍ରେଣ୍ଡଲି ଗଣେଶ ବଣ୍ଟନ କରିଛନ୍ତି।

## ବେଳାଭୂମିରେ ଦେଢ଼ ହଜାର ଲେମ୍ବୁରେ ନିର୍ମିତ ଗଣେଶ

**ପୁରୀ, ୨୭ ।୮ (ସଂଚାର ବ୍ୟୁରୋ):** ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ବାଲିରେ ନିର୍ମିତ ଲେମ୍ବୁ ଗଣେଶ ନିର୍ମାଣ କରିଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ବାଲିରେ ନିର୍ମିତ ଗଣେଶଙ୍କ ଉପରେ ଦେଢ଼ ହଜାର ଲେମ୍ବୁ ବ୍ୟବହାର କରାଯାଇଛି। ଗଣେଶ ପୂଜା ଉପଲକ୍ଷେ ଏହି ବାଲୁକା କଳା ସୁଦର୍ଶନ ସ୍ୟାଣ୍ଡ ଆର୍ଟ ପକ୍ଷରୁ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଆତ୍ମନିର୍ଭରଶୀଳ ଭାରତ, ମେକ ଇନ ଇଣ୍ଡିଆ, ଲୋକାଲ ଫର ଭୋକାଲ ଚିତ୍ର ପ୍ରତିଫଳନ ହୋଇଛି। ଭଗବାନ ଗଣେଶ ସମସ୍ତଙ୍କୁ ଭଲରେ ରଖନ୍ତୁ କାମନା କରିଛନ୍ତି ସୁଦର୍ଶନ। ତାଙ୍କ ଟିମ ବହୁ ପରିଶ୍ରମ କରି ଏହି ବାଲୁକା କଳା ନିର୍ମାଣ କରିଛନ୍ତି। ସମୁଦ୍ରକୂଳେ ଏହି କଳା ଦେଖିବା ପାଇଁ ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଭିଡ ଲଗାଇଛନ୍ତି।

## ପଞ୍ଚମା ପୀଠରେ ଅଢ଼େଇ ଲକ୍ଷ ଲଡୁ ପ୍ରସାଦ ବିତରଣ

**ଗଞ୍ଜାମ, ୨୭ ।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହର ଠାରୁ ଆରମ୍ଭ କରି ମଫସଲ ଯାଏ ଶହସ୍ରାଧିକ ସ୍ଥାନରେ ଧୁମ୍‌ଧାମ୍‌ରେ ଗଣେଶ ପୂଜା ଉତ୍ସାହ ଉଦ୍ଦିପନା ସହକାରେ ଅନୁଷ୍ଠିତ ହେଉଛି। ପଞ୍ଚମା ସିଦ୍ଧ ଗଣେଶ ପୀଠରେ ଅଢ଼େଇ ଲକ୍ଷ ଲଡୁ ପ୍ରସାଦ ରୂପେ ପ୍ରସ୍ତୁତ ହେବାସହ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି ଭୋଗ ପୁଡ଼ିଆ ମଧ୍ୟ ମାଗଣା ବିତରଣ କରାଯାଇଛି। ମନ୍ଦିର ରାତି ଦଶଟା ଯାଏ ଖୋଲା ରହିବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ, ୫ ଗିରଫ



**ବାରିପଦା, ୨୭ ।୮ (ସଂଚାର ବ୍ୟୁରୋ):** ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ତିରିଂ ଥାନା ଅନ୍ତର୍ଗତ ବାଡେପୋଟକା, ସୁରଦା, ଯଶିପୁର, ତାରଣା, ସାପଘରା ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୪୯୦ ଲିଟର ଦେଶୀ ରନ୍ଧା ମଦ, ୮.୬୪୦ ଲିଟର ବିଦେଶୀ ମଦ, ୧୦.୪୦୦ ଲିଟର ବିୟର ଏବଂ ୮୭୦୦ ଲିଟର ମହୁଲ ପୋଚ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୦୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଆସାମୀମାନେ ହେଲେ ତିରିଂ ଥାନା ଅନ୍ତର୍ଗତ ବାଡେପୋଟକା ଗ୍ରାମର ମକ୍ରା ପୂର୍ତ୍ତି, ତାରଣା ଗ୍ରାମର ବୈବସ୍ୱତ ମଣ୍ଡଳ, ସାପଘରା ଗ୍ରାମର ମନୋଜ ମଣ୍ଡଳ, କୁଦରସାହି ଗ୍ରାମର ସୁକୁମଣୀ ଟୁଡୁ ଓ ବାସିଙ୍ଗି ଗ୍ରାମର ମଧୁସୂଦନ ସାହୁ। ଜବତ ଦେଶୀ ରନ୍ଧା ମଦ, ବିଦେଶୀ ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।

## ବାଇକ୍ ଧକ୍କାରେ ସ୍କୁଟିଚାଳକ ମୃତ

**ସମ୍ବଲପୁର, ୨୭ ।୮ (ସଂଚାର ବ୍ୟୁରୋ):** ସମ୍ବଲପୁର ସହର ସନ୍ନିକଟ ବୁର୍ଲା ସହରର ଶ୍ରୀରାମବିହାର ପାର୍କ ସମ୍ମୁଖରେ ଆଜି ଏକ ଦ୍ରୁତଗାମୀ ବାଇକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ବାଇକ ଚାଳକଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭିମସାର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଛନ୍ତି। ବୁର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭିମସାରକୁ ପଠାଇବା ସହ ବାଇକ୍ ଓ ସ୍କୁଟିକୁ ଜବତ କରିଛି। ଏହି ଦୁର୍ଘଟଣାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ୬୨ ବର୍ଷିୟ ଦୟାନନ୍ଦ ନାଏକଙ୍କ ମୃତ୍ୟୁ ଘଟିଛି। ଅବସର ପରେ ସେ ଶ୍ରୀରାମ ବିହାରରେ ପରିବାର ସହ ରହୁଥିଲେ। ଆଜି ସକାଳ ୮ଟା ବେଳେ କୈଣସି କାମକୁ ନେଇ ନିଜ ସ୍କୁଟି ଓଡି୧୫ ବି ୮୯୯୬ରେ ଘରୁ ବୁର୍ଲା ଆଡକୁ ଯାଉଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଭିଆଇପି ରାସ୍ତାର ବାମପଟେ ନଯାଇ ଡାହାଣ ପଟ ରାସ୍ତାରେ ବୁର୍ଲା ସହର ପଟକୁ ଯାଉଥିଲେ। ଏହି ସମୟରେ ବୁର୍ଲା ପଟରୁ ଦ୍ରୁତ ଗତିରେ ଆସୁଥିବା ଓଡି୧୫ ଏକ୍ସ ୮୩୧୭ ନମ୍ବର ବାଇକ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ, ବାଇକ ଚାଳକ ଜଣଙ୍କ ପ୍ରାୟ ୫୦ ମିଟର ଯାଏଁ ଘୋଷାଡ଼ି ହୋଇ ପଡ଼ିଥିବା ବେଳେ ବାଇକଟି ଆହୁରି ୫୦ ମିଟର ଆଗକୁ ଯାଇ ପାର୍କ କଡ଼ରେ ପଡ଼ିଥିଲା। ବାଇକ ଚାଳକ ଜଣଙ୍କ ବୁର୍ଲା ସହର ଗେଡ଼ପାଲି ଅଞ୍ଚଳର ରେଳ ବିଭାଗର କର୍ମଚାରୀ ୩୦ ବର୍ଷିୟ ରମାକାନ୍ତ ବେହେରା ବୋଲି ଜଣାଯାଇଛି।

## ଚୋରି ହୋଇଥିବା ମଙ୍ଗଳା ମୂର୍ତ୍ତି ଉଦ୍ଧାର

**ହିଞ୍ଜିଳିକାଟୁ, ୨୭।୮ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ମେଣ୍ଟାଖାଇ ପାହାଡ଼ରୁ ଗତ ୧୩ ତାରିଖରେ ମାଟିତଳୁ ଉଦ୍ଧାର ହୋଇଥିବା ଠାକୁରାଣୀ ପ୍ରତିମୂର୍ତ୍ତି ୧୭ ତାରିଖ ରାତିରେ ସେଇ ସ୍ଥାନରୁ ଚୋରି ହୋଇଯାଇଥିଲା । ଏହି ଖବର ସାହି ବାସିନ୍ଦା ଜାଣିବା ପରେ ହିଞ୍ଜିଳିକାଟୁ ସହର ସମେତ ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରେ ସାହି ବାସିନ୍ଦା ହିଞ୍ଜିଳି ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା ।



ତେବେ ଆଜି ସକାଳୁ ୧୦ଘଣ୍ଟ ସମୟରେ ବିଇଓ କାର୍ଯ୍ୟାଳୟ ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ର ପାଖରୁ ପୁଣି ମାଟି ତଳୁ ମିଳିଛି ଚୋରି ହୋଇଥିବା ମୂର୍ତ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ କାମ ଚାଲିଥିବା ବେଳେ ଜଣେ ଶ୍ରମିକ ସେଇ ପାଖ ସ୍ଥାନରୁ ମାଟି ଖୋଳୁଥିବା ବେଳେ ମୂର୍ତ୍ତି ଦେଖିଥିଲେ । ଉକ୍ତ ଶ୍ରମିକ ଜଣେ ସଙ୍ଗେ ସଙ୍ଗେ ସାହି ବାସିନ୍ଦାଙ୍କୁ ଜଣାଇଥିବା ବେଳେ ଆଖି ପିଛୁଳାକେ ଅଂଚଳରେ ଖବର ବ୍ୟାପିଯାଇଥିଲା । ପରେ ଦର୍ଶନ ପାଇଁ ଲୋକଙ୍କ ସୁଅ ଛୁଟିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲା । ସାହି ବାସିନ୍ଦା ମାନେ ଏକତ୍ରିତ ହୋଇ ଢୋଲ ବଜାଇ ଓ ହୁଳହୁଳି ଦେଇ ଆବିର୍ଭାବ ହୋଇଥିବା ସ୍ଥାନକୁ ମୂର୍ତ୍ତିଙ୍କୁ ନେଇ ପୂଜାର୍ଚ୍ଚନା ଆରମ୍ଭ କରିଥିବା ବେଳେ ଦର୍ଶନ ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି ।

## ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବାକୁ ନେଇ ଅସନ୍ତୋଷ

**ବାଲିଅନ୍ତା, ୨୭।୮ (ସଂଚାର ବ୍ୟୁରୋ):** ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଚିକିତ୍ସାକୁ ନେଇ ଆଜି ରୋଗୀ ଅସନ୍ତୋଷ ଦେଖାଦେଇଥିଲା। ଟୋଲକପଡ଼ା ଗ୍ରାମର ପ୍ରକାଶ ବାରିକ ତାଙ୍କର ଅସୁସ୍ଥ ମାଆ ସବିତା ବାରିକଙ୍କୁ ନେଇ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆସିଥିଲେ। ଆଉଟଡୋରରେ ମାଆଙ୍କ ପ୍ରେସକ୍ରିପସନ କରି ରକ୍ତ ପରୀକ୍ଷା କରାଇଥାନ୍ତେ। ହେଲେ ସକାଳ ୯ଟା ହୋଇଥିଲେ ହେଁ ଆଉଟଡୋରରେ ଡାକ୍ତର କିମ୍ବା ପାଥଲାବ ବନ୍ଦ ଥିବା ପ୍ରକାଶ କହିଛନ୍ତି। ଯାହାଫଳରେ ଆଉଟଡୋର ଓ ପାଥଲାବ କାର୍ଯ୍ୟାଳୟ ସମ୍ମୁଖରେ ରୋଗୀ ବହୁ ସମୟ ଧରି ରୋଗୀଙ୍କୁ ଧାଡିବାନ୍ଧି ଠିଆ ହେବାକୁ ପଡିଥିଲା। ପାଥଲାବ କର୍ମଚାରୀ ବିଳମ୍ବରେ ପହଞ୍ଚିଥିଲେ । ଏହାକୁ ନେଇ ହସ୍ପିଟାଲ ଆଉଟଡୋର ନିକଟରେ ରୋଗୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପ୍ରକାଶ ଏସଂପର୍କରେ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଗାୟତ୍ରୀ ମିଶ୍ରଙ୍କୁ ଜଣାଇଥିଲେ। ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏନେଇ ଡାକ୍ତର ଓ ପାଥଲାବ କର୍ମଚାରୀଙ୍କୁ ଯୋଗାଯାଗ କରିଥିଲେ। ସାଢ଼େ ୯ଟା ବେଳକୁ ଡାକ୍ତର ଓ ପାଥଲାବ କର୍ମଚାରୀ ପହଞ୍ଚିଥିଲେ। ପ୍ରକାଶ ମାଆଙ୍କ ପ୍ରେସକ୍ରିପସନ କରି ରକ୍ତ ପରୀକ୍ଷା କରିଥିଲେ।

## ଛାତ୍ରଛାତ୍ରୀ ଜାଳେଣି କାଠ ବୋହିବା ଘଟଣା : ପ୍ରଧାନଶିକ୍ଷକ ନିଲମ୍ବିତ



**କାକଟପୁର/ଅସ୍ତରଙ୍ଗ, ୨୭।୮ (ସଂଚାର ବ୍ୟୁରୋ):** ମଧାହ୍ନ ଭୋଜନ ପାଇଁ ଜାଳେଣି କାଠ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ବୋହିବା ଘଟଣା ଅଭିଯୋଗରେ ଜଣେ ପ୍ରଧାନଶିକ୍ଷକଙ୍କୁ ମାଧ୍ୟମିକ ଶିକ୍ଷାନିର୍ଦ୍ଦେଶାଳୟ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପ୍ରଧାନଶିକ୍ଷକ ଜଣକ ହେଲେ ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସୁନ୍ଦର ସ୍ଥିତ ସୁରେନ୍ଦ୍ରନାଥ ବିଦ୍ୟାପୀଠ, ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ କୁମାର ବେହେରା।

ଛାତ୍ରଛାତ୍ରୀ ଜାଳେଣି କାଠ ବୋହୁଥିବା ଫଟୋ ସୋସିଆଲ ମିଡ଼ିଆରେ ଘୁରିବୁଲିବା ପରେ ମଣ୍ଡଳ ଶିକ୍ଷାଧିକାରୀ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲେ। ଏଥି ସହିତ ସରକାର ଜାଳେଣି ପାଇଁ ପ୍ରତି ପିଲା ପିଛା ପୂର୍ବରୁ ୫୦ପଇସା ରହିଥିବା ବେଳେ ଏବେ ୧ଟଙ୍କା ଦେଉଛନ୍ତି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସୁନ୍ଦର ସ୍ଥିତ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ବିଦ୍ୟାଳୟ ପରିସରରେ ଛାତ୍ର, ଛାତ୍ରୀ ଶ୍ରେଣୀ କକ୍ଷ ଛାଡି ମଧାହ୍ନ ଭୋଜନ ରୋଷେଇ ପାଇଁ କାଠ ବୋହୁଥିବା ତାହା ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିବା ସମୟରେ କୋମଳମତି ପିଲା ମାନଙ୍କ ହାତରେ ଏ କାର୍ଯ୍ୟ ସମ୍ପାଦନ କରୁଛନ୍ତି ବୋଲି ଫଟୋ ଭାଇରଲ ପରେ ଦୈନିକ ଖବର କାଗଜ"ସଂଚାର "ଖବର ପ୍ରକାଶିତ ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ କିଛି ବ୍ୟକ୍ତି ବିଶେଷ ନିଜ ଏକ୍ସ ମାଧ୍ୟମରେ ଶିକ୍ଷାବିଭାଗକୁ ଅବଗତ କରାଇଥିଲେ।

## ଓସ୍କାର ଦୌଡ଼ରେ ଅକ୍ଷୟ ପରିଜାଙ୍କ 'ପାପା ବୁକା'

**ଭୁବନେଶ୍ୱର, ୨୭ ।୮ (ସଂଚାର ବ୍ୟୁରୋ):** ଓଡ଼ିଶା ଓ ଭାରତୀୟ ସିନେମା ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ପ୍ରଖ୍ୟାତ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା 'ପାପା ବୁକା' ଜରିଆରେ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି, ପାପୁଆ ନ୍ୟୁ ଗିନି ସହ ଭାରତର ପ୍ରଥମ ସହ-ପ୍ରଡକ୍ସନ ଫିଚର ଫିଲ୍ମ, ଯାହା ୨୦୨୬ ଓସ୍କାର ଏକାଡେମୀ ପୁରସ୍କାରର ବେଷ୍ଟ ଇଂଟରନ୍ୟାସନାଲ ଫିଚର ଫିଲ୍ମ ବର୍ଗରେ ଅଫିସିଆଲ ଏଂଟ୍ରିରେ ଅନୁମୋଦିତ ହୋଇଛି।

ଫିଲ୍ମକୁ ନିର୍ଦ୍ଦେଶନା ଦେଇଛନ୍ତି ଏକାଧିକ ଜାତୀୟ ପୁରସ୍କାର ବିଜେତା ଡ. ବିଜୁ। ଫିଲ୍ମର ସହ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ପପୁଆ ନ୍ୟୁ ଗିନି ସରକାର, ଅକ୍ଷୟ ପରିଜା, ପ୍ରସିଦ୍ଧ ତାମିଲ୍ ଫିଲ୍ମ ନିର୍ଦ୍ଦେଶକ ପି. ରଞ୍ଜିତ ଓ ଅଭିନେତା ପ୍ରକାଶ ବେରେ ହୋଇଥିବା ବେଳେ ଚଳଚ୍ଚିତ୍ରର ବିଷୟବସ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିବା ଭାବପ୍ରବଣ ବିଷୟ ଓ ୮ ଦଶନ୍ଧି ହେବ ନିଖୋଜ ଭାରତୀୟ ସେନାର ଯବାନଙ୍କ ଉପରେ ଆଧାରିତ ହୋଇଛି।

● ନୂଆଁଖାଇ ଲାଗି ପାଟଣେଶ୍ୱରୀ ମନ୍ଦିରରେ ନୂତନ ଘଣ୍ଟି ଲାଗିଲା

## ସ୍ମରଣିକା ପାଇଁ ଲୋଗୋ ଉନ୍ମୋଚିତ



**ବଲାଙ୍ଗିର, ୨୭ ।୮ (ସଂଚାର ବ୍ୟୁରୋ):** ବଲାଙ୍ଗିର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ବୁଧବାର ଦିନ ଗଣେଶ ପୂଜା ଅବସରରେ ପଶ୍ଚିମ ଓଡ଼ିଶାର ନୂଆଁଖାଇ ଅବସରରେ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ନୂତନ ଘଣ୍ଟି ଅର୍ପଣ କରାଯାଇଛି। ଗୁରୁବାର ଦିନ ନୂଆଁଖାଇ ତିହାର ଥିବାରୁ ଏହା ପୂର୍ବରୁ ନୂତନ ୧୬ କେଜି ଓଜନର ଏକ ଘଣ୍ଟି ପୌରାଧ୍ୟକ୍ଷା ଲିକା ସାହୁ ଓ ଦେବୋତ୍ତର ବିଭାଗର ମ୍ୟାନେଜର ସୁଧୀର ଦାଶ ଏହାକୁ ହସ୍ତାନ୍ତର କରିଥିଲେ। ସକାଳୁ ଦେବୋତ୍ତର ବିଭାଗ କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରା ବାହାରି ମନ୍ଦିର ପହଞ୍ଚି ଥିଲେ। ନୂତନ ଧାନ ଓ ବିଭିନ୍ନ ସାମଗ୍ରୀ ପୂଜାର ମାଁଙ୍କୁ ଅର୍ପଣ କରାଯାଇଥିବା ଏବଂ ମନ୍ଦିରର ୧୫୦ ବର୍ଷ ପୂର୍ତି ଅବସରେ ଆଗାମୀ ଦଶହରାରେ ଏକ ସ୍ମରଣିକା ପ୍ରକାଶ ପାଇବ। ଏହି ଅବସରରେ ଆଜି ଲୋଗୋ ଉନ୍ମୋଚିତ କରାଯାଇଥିଲା। ମୁଖ୍ୟ ପୂଜକ ମଳୟ ଦିଶ୍ରୀ ଓ ମଧୁ ଦିଶ୍ରୀ ଦାୟିତ୍ୱ ତୁଲାଇଥିଲେ। ବଲାଙ୍ଗିର ଗାନ୍ଧୀନଗରପଡ଼ାର ଡା. ରୁଦ୍ର ନାରାୟଣ ପଟେଲ ଏହି ଘଣ୍ଟିକୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଦେବାଳୟ ସୁରକ୍ଷା କମିଟିକୁ ଅର୍ପଣ କରିଥିଲେ। କମିଟି ସଦସ୍ୟ ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ମନ ପୁରୋହିତ, ସୁରେନ୍ଦ୍ର ନେଗୀ, ଅରୁଣ କୁମାର ମିଶ୍ର, ବୁଲୁ ବେହେରା, ବ୍ୟାସଦେବ ପୁରୋହିତ, ରିଂକୁ ସାହୁ, ଭବାନି ଶଙ୍କର ଭୋଇ, ଜୟରାମ ମିଶ୍ର, ଗୁଣ୍ଡୁ ଗୋପାଳ ମିଶ୍ର, ଶମ୍ଭୁ ଶତପଥି, ଜଗଦିଶ କୁମାର ନାଥ, ସୁଶାନ୍ତ ପଟ୍ଟନାୟକ, ସୁରେଶ ଷଡଙ୍ଗୀ, ଜଗବନ୍ଧୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

● ୨୧ଟି ମଣ୍ଡପରେ ବିରାଜିଲେ ପ୍ରଭୁ ଗଜାନନ

## ଅଯୋଧ୍ୟା ରାମ ମନ୍ଦିର ମୁଖ୍ୟ ଆକର୍ଷଣ

**ଭୁବନ, ୨୭ ।୮ (ସଂଚାର ବ୍ୟୁରୋ):** ଭୁବନରେ ଦ୍ୱିତୀୟ ଦଶହରାର ମାନ୍ୟତା ପାଇଥିବା ପ୍ରସିଦ୍ଧ ଗଣେଶ ପୂଜା ଆରମ୍ଭ ହୋଇଛି। ୨୧ଟି ମଣ୍ଡପେ ପ୍ରଭୁ ଗଜାନନ ବିରାଜ ମାନ କରିଛନ୍ତି। ବିଭିନ୍ନ ମଣ୍ଡପରେ ପୌରାଣିକ କଥାବସ୍ତୁ ଆଧାରରେ ମୂର୍ତ୍ତି ତିଆରି ହୋଇଛି।

ଗତବର୍ଷ ଡାଜଲିଙ୍ଗ କ୍ଲବ ଅବିକଳ ଶ୍ରୀମନ୍ଦିର ଓ ଗଜାନନ ବେଶ କରି ସମଗ୍ର ରାଜ୍ୟରେ ଚର୍ଚ୍ଚାକୁ ଆସିଥିବା ବେଳ ଚଳିତ ବର୍ଷ ରୟାଲିୟନ୍ସ କ୍ଲବ ହାଇସ୍କୁଲ ପଡ଼ିଆରେ ଅଯୋଧ୍ୟା ରାମ ମନ୍ଦିରର ଅବିକଳ ନକଲ ନିର୍ମାଣ କରି ବେଶ୍ ଚର୍ଚ୍ଚାକୁ ଆସିଛି। ଆସନ୍ତା ୩ ଓ ୪ ତାରିଖ ଦୁଇ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। କ୍ଲବର ବରିଷ୍ଠ ସଦସ୍ୟ ଲୋକନାଥ ପାତ୍ର, ସଭାପତି ପିଣ୍ଟୁ ଦାସ, ସମ୍ପାଦକ ନିର୍ମଳ ଚନ୍ଦ୍ର ପୋଥାଲଙ୍କ ସେମତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି। ୧୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରକ୍ ଗଣପତ କ୍ଲବ ବଦ୍ରିନାଥ ଧାମ କରିଛି।

ପେଟ୍ରୋଲ ପମ୍ପ (ବାଇପାସ୍) ଛକରୁ କାଳୀ ବଜାର, ଅରବିନ୍ଦ ମାର୍ଗରୁ ନୂଆ ବଜାର (ବସଷ୍ଟାଣ୍ଡ) ପର୍ଯ୍ୟନ୍ତ ସୁଉଚ୍ଚ ତୋରଣ, ଆକର୍ଷଣୀୟ ସାଜସଜ୍ଜା ସହିତ ରଙ୍ଗୀନ ଆଲୋକମାଳାରେ ଭୁବନ ଝଲସୁଛି। ଦୋଳି, ମିନା ବଜାର ଗଣେଶ ପୂଜାକୁ ଅଧିକ ଆକର୍ଷଣୀୟ କରୁଛି। ପ୍ରଥମ ଦିନେର ଅସମ୍ଭବ ଭିଡ ହୋଇଛି ଓ ପୋଲିସ ତରଫରୁ ଭିଡ ନିୟନ୍ତ୍ରଣ କରାଯାଉଛି। କିଙ୍ଗଷ୍ଟାର କ୍ଲବ ଆସନ୍ତା ୨ ଓ ୩ ତାରିଖ ଓ ଗଣେଶ ମେଲଣ ମେହାତ୍ସବ କମିଟି ୫ ଓ ୬ ତାରିଖ ସଂଧ୍ୟୋର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ସେପ୍ଟେମ୍ବର ୭ ତାରିଖ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

**ନୂଆଖାଇ ଜୁହାର-୨୦୨୫**
**ପ୍ରଗତି ପଥେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବଲାଙ୍ଗିର**

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଲାଙ୍ଗିରର ସକ୍ରିୟ ଭାଗୀଦାରିତାରେ ଜିଲ୍ଲାର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଟୀକାକରଣ, ଅଣ-ସଂକ୍ରାମକ ରୋଗ ତଥା ହୃଦ୍‌ରୋଗ, ମଧୁମେୟ, କ୍ୟାନସରର ପ୍ରତିଶୋଧ ଓ ନିରାକରଣ ଏବଂ ମେଲେରିଆ, ଯକ୍ଷ୍ମା, କୁଷ୍ଠ ଓ ରକ୍ତ ଶିକୁଳୀ ରୋଗର ପ୍ରତିରୋଧ ଓ ନିରାକରଣ ପାଇଁ ଗ୍ରାମାଞ୍ଚଳରେ କାର୍ଯ୍ୟରତ ସମସ୍ତ ଏ.ଏନ.ଏମ, ଆଶା ଓ ଅଭିଜ୍ଞ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ନିରନ୍ତର ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସେବା ଓ ସୁବିଧାମାନ ସଫଳତାର ସହିତ ଯୋଗାଇ ଦିଆଯାଉଛି।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ
ବଲାଙ୍ଗିର

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



**ନାଉଗାଁ, ୨୭ ।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ +୩ ପ୍ରଥମ ବର୍ଷର ସମ୍ମାନର ଛାତ୍ରଛାତ୍ରୀମାନଙ୍କୁ ବିଭାଗ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବିଭାଗୀୟ ମୁଖ୍ୟ ଅଧାପକ ହୃଦାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ଅଧକ୍ଷ ବିଭୁତି ଭୂଷଣ ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧକ୍ଷ ଜ୍ୟୋତି ପ୍ରକାଶ ଲେଙ୍କା ଯୋଗ ଦେଇ ଛାତ୍ରଛାତ୍ରୀମାନେ ଶୃଙ୍ଖଳାକୁ ଜୀବନର ବ୍ରତ ରୂପେ ପାଳନ କରିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅଧାପକ ଚୈତନ୍ୟ ଚରଣ ପରିଡା, ପ୍ରଭାତ କୁମାର ଶତପଥି , ତୁଷାର ଦାସ, ଦିନେଶ ଦାସ, ଚନ୍ଦ୍ରଶେଖର ପୁହାଣ, ଦୀନବନ୍ଧୁ ନାୟକ, ମନ୍ମଥ ବଳ, ଅଧାପିକା ମନଲୋଭା ପ୍ରଧାନ, ପ୍ରଜ୍ଞା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ।

**ନୂଆଖାଇ ଜୁହାର**

SAITE BALANGIR · ISO 9001 QCERT Certified quality system

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ (ଆଇ.ଏନ୍.ସି) ମଞ୍ଜୁରୀପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ (ସାଇଟ) ଏମ୍.ଏସ୍.ସି. ନର୍ସିଂ, ବି.ଏସ୍.ସି ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୂଆଖାଇ ଜୁହାର।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

# ସାମାଜିକ ଭିତ୍ତିଭୂମିର ବିକାଶ ଜୀବନକୁ ସୁଗମ କରିଥାଏ




ଅନୁଗୋଳ/ଢେଙ୍କାନାଳ,୨୭।୮ (ସଂଚାର ବ୍ୟୁରୋ): ଆଜି ପବିତ୍ର 'ଗଣେଶ ପୂଜା' ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଓ ଢେଙ୍କାନାଳରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବିଭିନ୍ନ ସାମାଜିକ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ସହ ଚାରା ରୋପଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅନୁଗୋଳ ବଅଁରପାଳଠାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସାମାଜିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ସନ୍ଧି ଛକରୁ ମହିଧର ଦେଇ ହାତୁରା ପର୍ଯ୍ୟନ୍ତ ୨୦ କିମି ବ୍ୟାପୀ ସୌରଶକ୍ତି ପରିଚାଳିତ ରାସ୍ତା ଆଲୋକୀକରଣ ଏବଂ ଏନଏଚ୍ -୫୫ର ଇଟାପଠାରୁ ନୂଆହତା ପର୍ଯ୍ୟନ୍ତ ୩ କିମି ବ୍ୟାପୀ ଆଲୋକୀକରଣ ବ୍ୟବସ୍ଥାର ଶିଳାନ୍ୟାସ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଅନୁଗୋଳ ବଅଁରପାଳ ବ୍ଲକ ନୂଆହତାରେ ସିମେଣ୍ଟ କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର, ହାଇମାଷ୍ଟ ଓ ଷ୍ଟ୍ରିଟଲାଇଟର ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ସେହିପରି ଢେଙ୍କାନାଳର ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକରେ ସୂଚନା କେନ୍ଦ୍ର, ନରେନ୍ଦ୍ରପୁର ବିଦ୍ୟାଳୟ, ହାଇମାଷ୍ଟ ଓ ଷ୍ଟ୍ରିଟ ଲାଇଟ୍ ସୁବିଧା ମଧ୍ୟ ଲୋକାର୍ପିତ ହୋଇଛି। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଶୁଭେଚ୍ଛା ଜଣାଇବା ସହ ଆଲୋକୀକରଣ ପ୍ରକଳ୍ପ ଦ୍ୱାରା ଲୋକଙ୍କ ଯାତାୟାତ ସହଜ ଓ ସୁରକ୍ଷିତ ହୋଇପାରିବ ବୋଲି କହିଛନ୍ତି । ଏହାଛଡ଼ା ଉଦଘାଟିତ ସାମାଜିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକମାନେ ବିଶେଷ ଉପକୃତ ହେବେ ଓ ସେମାନଙ୍କ ଜୀବନଯାପନ ସୁଗମ ହେବ। କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀ ପ୍ରଧାନ ଢେଙ୍କାନାଳ ଶିବପୁରସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀ ଜୈବବିବିଧତା ପାର୍କ ପରିସରରେ 'ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନ ଅଧୀନରେ ଚାରା ରୋପଣ କରିଥିଲେ। ଶିଳ୍ପାଞ୍ଚଳ ଢେଙ୍କାନାଳରେ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ସୃଷ୍ଟି କରିବାର ଅଭିନବ ପ୍ରୟାସ କରିଥିବାରୁ ଟାଟା ଷ୍ଟିଲ ଫାଉଣ୍ଡେସନକୁ କେନ୍ଦ୍ର ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଆରମ୍ଭ ହୋଇଥିବା 'ଏକ୍ ପେଡ୍ ମା' କେ ନାମ୍' ଏକ ଭାବନାତ୍ମକ ବିଚାର। ଚାରା ରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା ସହ ଜନସାଧାରଣଙ୍କ ମଧ୍ୟରେ ଚାରା ରୋପଣ ଦିଗରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଗୋଟିଏ ଚାରା ଲଗାଇବା ଅର୍ଥ ଗୋଟିଏ ଜୀବନ ତିଆରି କରିବା ସହ ସମାନ। ତେଣୁ ସମସ୍ତେ ଘରଠାରୁ ଆରମ୍ଭ କରି ସବୁଠି ଗଛ ଲଗାଇବା ଓ ଚାରା ରୋପଣ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।



'ସଂଚାର' ଭୁବନେଶ୍ୱର କାର୍ଯ୍ୟାଳୟ ପରିସରରେ ଗଣେଶ ପୂଜା

### ଉପମୁଖ୍ୟମନ୍ତ୍ରୀଙ୍କ ଚେତାବନୀ

# ଓଡ଼ିଶା ମଣ୍ଡିରେ ଛତିଶଗଡ଼ ଧାନ ବିକିଲେ ଜେଲ୍

ଭୁବନେଶ୍ୱର,୨୭।୮(ସଂଚାର ବ୍ୟୁରୋ): ଧାନ ମଣ୍ଡିରେ ଦଲାଲଙ୍କୁ ବରଦାସ୍ତ କରାଯିବ ନାହିଁ। ଛତିଶଗଡ଼ ଚାଷୀଙ୍କ ଧାନ ଓଡ଼ିଶାର ମଣ୍ଡିରେ ବିକ୍ରି କରୁଥିବା ନେଇ କେହି ବି ଧରାପଡ଼ିଲେ ସେମାନଙ୍କୁ କଦାପି କ୍ଷମା କରାଯିବ ନାହିଁ। ସିଧାସଳଖ ଜେଲରେ ଭର୍ତ୍ତି କରାଯିବ ବୋଲି ଚେତାବନୀ ଦେଇ କହିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଆଜି ସିଏମ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀ ସିଂହଦେଓ ଏପରି ତାଗିଦ୍ କରିଛନ୍ତି। ରାଜ୍ୟର ଚାଷୀମାନଙ୍କଠାରୁ ସରକାର ଧାନ କିଣିବା ସକାଶେ ମଣ୍ଡି ବ୍ୟବସ୍ଥା କରିଥିଲେ ମଧ୍ୟ ଅନେକ ସ୍ଥାନରେ ଛତିଶଗଡ଼ ଚାଷୀଙ୍କ ଧାନ ଓଡ଼ିଶା ମଣ୍ଡିରେ ବିକ୍ରି ହେଉଥିବା ନେଇ ଅଭିଯୋଗ ଆସୁଛି। ଏଥିରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ରହୁଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗରେ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏ କ୍ଷେତ୍ରରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କେହି ବି ଧରାପଡ଼ିଲେ, ସେମାନଙ୍କ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଲାଗୁ ହେବ। କାରଣ ଓଡ଼ିଶା ମଣ୍ଡି କେବଳ ଓଡ଼ିଶାର ଚାଷୀଙ୍କ ଧାନ ବିକ୍ରି ପାଇଁ ଉଦ୍ଦିଷ୍ଟ। ଏଠାରେ କୌଣସି ବି ପରିସ୍ଥିତିରେ ଛତିଶଗଡ଼ ଚାଷୀଙ୍କ ଧାନ ବିକ୍ରି କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ।

# ସାଂସଦଙ୍କ ମା' ମଙ୍ଗଳା ମନ୍ଦିର ପରିଦର୍ଶନ

- ମା'ଙ୍କ ଦର୍ଶନ ଲାଭ କଲେ, ବିଭିନ୍ନ ସମସ୍ୟା ଶୁଣିଲେ
- ଅବିଳମ୍ବେ ପୂରଣ ପାଇଁ ପ୍ରତିଶ୍ରୁତି ବି ଦେଲେ



କାକଟପୁର/ଅସ୍ତରଙ୍ଗ,୨୭।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜି ପୂର୍ବାହ୍ନରେ ସ୍ଥାନୀୟ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ପରିଦର୍ଶନ କରିବା ସହ ମା'ଙ୍କ ଆଶୀର୍ବାଦ ଲାଭ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ପବିତ୍ର ଗଣେଶ ପୂଜା ଅବସରରେ ଆଜି ସକାଳେ କାକଟପୁର ଜଗନ୍ନାଥପୁର ଅଞ୍ଚଳର ବୋହୂ ଶ୍ରୀମତୀ ଷଡ଼ଙ୍ଗୀ ମା' ମଙ୍ଗଳାଙ୍କ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ସେବାୟତ ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେବାୟତ ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଦୀପ୍ତ କୁମାର ଦୀକ୍ଷିତ ସାଂସଦଙ୍କୁ ୩ଟି ମୁଖ୍ୟ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସେଥି ମଧ୍ୟରେ ଇତିହାସର ମୂକସାକ୍ଷୀ ନୌବାଣିଜ୍ୟର ପ୍ରତୀକ ପୁଣ୍ୟତୋୟା ପ୍ରାଚୀ ହୋଇଥିବା ବେଳେ ଏହା ପୁନରୁଦ୍ଧାର ହେଉନଥିବାରୁ ଏହା ଏବେ ମୃତପ୍ରାୟ। ମହାନଦୀରୁ ଜୀବନ ଲାଭ କରିଥିବା ଏହି ପବିତ୍ର ନଦୀ ପୁରୀ ଜିଲ୍ଲାର ଜୀବନରେଖା ଥିଲା। ହେଲେ ପ୍ରଶାସନ ଏବେ ଏହି ଐତିହ୍ୟସମ୍ପନ୍ନ ନଦୀକୁ ଭୁଲି ଯାଇଥିବାରୁ ଏହା ଏବେ ନିଜର ପରିଚୟ ହରାଇବାକୁ ବସିଛି। ସେହିପରି ପୂର୍ବ ସରକାର ମା' ମଙ୍ଗଳା ମନ୍ଦିରର ଉନ୍ନତିକରଣ ପାଇଁ ୫-ଟି ଯୋଜନାରେ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଯଥେଷ୍ଟ ମନ୍ଥର ଗତିରେ ଚାଲିଥିବା ବେଳେ ନୂତନ ସରକାର ମନ୍ଦିରର ଉନ୍ନତିକରଣ ପାଇଁ ଅର୍ଥ ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି ଏହା ଲାଗୁ ହୋଇନାହିଁ। ଏଥିସହ କାକଟପୁରର ସରକାରୀ ମେଡିକାଲ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଅଭାବ ଦେଇ ଗତି କରୁଥିବାରୁ ଏହା ରୋଗୀଙ୍କ ସମସ୍ୟାର ସମାଧାନ କରିବାରେ ଅକ୍ଷମ ହେଉଥିବା ନେଇ ସାଂସଦଙ୍କୁ ଅବଗତ କରାଯାଇଥିଲା। ଏହି ମେଡିକାଲ୍‌କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦେବା ସହ ଆବଶ୍ୟକ ଭିତ୍ତିଭୂମି, ଡାକ୍ତର ନିଯୁକ୍ତି ଆଦି ଦିଗରେ ପଦକ୍ଷେପ ନେବାକୁ ସାଂସଦଙ୍କ ନିକଟରେ ସ୍ଥାନୀୟ ଲୋକେ ଦାବି କରିଥିଲେ। ଏଥିସହ କାକଟପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ କାକଟପୁରକୁ ଏନଏସି ମାନ୍ୟତା ପ୍ରଦାନ ଦାବି ନେଇ ସାଂସଦଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସବୁ ଦାବି ଶୁଣିବା ପରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ସମସ୍ତ ସମସ୍ୟା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଗଣେଶ ପୂଜା ପୁଷ୍ପାଞ୍ଜଳି ପୂର୍ବରୁ ଟଳିପଡ଼ିଲେ ଶିକ୍ଷକ

ତେଲକୋଇ,୨୭।୮(ସଂଚାର ବ୍ୟୁରୋ): ଆଜି ଗଣେଶ ପୂଜାରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଦୁଃଖଦ ଘଟଣା। ପୁଷ୍ପାଞ୍ଜଳି ଦେଉଥିବା ବେଳେ ଟଳି ପଡ଼ିଛନ୍ତି ଜଣେ ଶିକ୍ଷକ। ମୃତ ଶିକ୍ଷକଙ୍କ ନାଁ ଚନ୍ଦନ କୁମାର ଜେନା। ତାଙ୍କ ଘର ବାଲେଶ୍ୱର ଜିଲ୍ଲା କମାରଶାଳିଆ ଅନ୍ତରୋଇ ଗାଁରେ। ସେ ୭ ବର୍ଷ ହେଲା ସଲେଇକେନା ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।

ଆଜି ଦିନ ପ୍ରାୟ ୧୦ଟା ବେଳେ ଏହି ଘଟଣା ଘଟିଥିଲା। ପୂଜା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ପୁଷ୍ପାଞ୍ଜଳି ଦେବା ପାଇଁ ଶିକ୍ଷକ ଓ ଛାତ୍ରଛାତ୍ରୀ ଛିଡ଼ା ହୋଇଥିଲେ। ପୂଜକ ମନ୍ତ୍ର ଉଚ୍ଚାରଣ କରୁଥିଲେ। ସେତିକି ବେଳେ ଟଳି ପଡ଼ିଥିଲେ ଶିକ୍ଷକ ଚନ୍ଦନ କୁମାର ଜେନା।

ସ୍କୁଲର ସହକାରୀ ଶିକ୍ଷକ ଧରଣୀଧର ମହାଳିକ କହିଛନ୍ତି, ପୁଷ୍ପାଞ୍ଜଳି ଦେବା ସମୟ ଆସିବାରୁ ସାର୍ ସମସ୍ତଙ୍କୁ ପୁଷ୍ପ ଦେଇଥିଲେ। ତା'ସହିତ ନିଜେ ପୁଷ୍ପାଞ୍ଜଳି ଦେବା ପାଇଁ ଠିଆ ହୋଇଥିଲେ। ଠିକ୍ ସେହି ସମୟରେ ସେ ବେହୋସ ହୋଇ ଖସିପଡ଼ିଲେ। ଆମେ ସଙ୍ଗେ ସଙ୍ଗେ ତାଙ୍କୁ କମନ୍ ରୁମ୍‌କୁ ନେଇଗଲୁ। ସେଠାରେ ଆମେ ତାଙ୍କ ହାତ ଓ ପାଦ ମାଲିସ କଲୁ। କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ଆମେ କିଛି ଜାଣିପାରିଲୁ ନାହିଁ। ତେଣୁ ତୁରନ୍ତ ଗାଡ଼ିରେ ତେଲକୋଇ ଡାକ୍ତରଖାନା ନେଇଗଲୁ। କିନ୍ତୁ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସହକାରୀ ଶିକ୍ଷକ ଚନ୍ଦନ କୁମାର ଜେନାଙ୍କ ମୃତ୍ୟୁ କାରଣ ସ୍ପଷ୍ଟ ହୋଇନି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

# ଜେଲଗଲେ ସହକାରୀ କମିଶନର ସରିତା ବାରିକ



ଭୁବନେଶ୍ୱର, ୨୭।୮ (ସଂଚାର ବ୍ୟୁରୋ) : ଜେଲ ଗଲେ ରାଜ୍ୟ ଟିକସ ଭୁବନେଶ୍ୱର ସର୍କଲ-୪ର ସହକାରୀ କମିଶନର ସରିତା ବାରିକ। ଜରିମାନା ଓ ଟିକସ ଛାଡ଼ କରିବା ପାଇଁ ଏକ ଫୁଡ୍ ପ୍ରଡକ୍ଟ ଫାର୍ମର ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଗତକାଲି ରାତିରେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ସରିତା ବାରିକ (ଓଏଫ୍‌ଏସ୍-୧)ଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ଆଜି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ସରୋଜ ସାମଲ କହିଛନ୍ତି ଯେ, ଏହି ମାମଲାରେ ରେଡ୍ ଜାରି ରହିଛି। ସହକାରୀ କମିଶନର ସରିତା ବାରିକଙ୍କ ସ୍ଥାବର ଓ ଅସ୍ଥାବର ସଂପତ୍ତି ସମ୍ପର୍କରେ ଜାଣିବା ପାଇଁ ତଦନ୍ତ କରାଯାଉଛି। ସେ ନେଇ କଟକରେ ଆଜି ଚଢ଼ାଉ କରାଯାଇଛି। ପାଖାପାଖି ୩୨ ବର୍ଷ ହେଲାଣି ସରିତା ବାରିକ ସରକାରୀ ଚାକିରିରେ ଅଛନ୍ତି। ତାଙ୍କ ନାଁରେ ଆଗରୁ ମଧ୍ୟ ଭିଜିଲାନ୍ସରେ ଅଭିଯୋଗ ଥିଲା। ସେଥିପାଇଁ ଭିଜିଲାନ୍ସ ତାଙ୍କ ଉପରେ ନଜର ରଖିଥିଲା। ତେବେ ଏହି ମାମଲାରେ ଠୋସ୍ ପ୍ରମାଣ ପାଇବା ପରେ ଗତକାଲି ଚଢ଼ଉ କରାଯାଇଥିଲା।

# ମୂର୍ତ୍ତି କାରିଗରଙ୍କଠାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

ନବରଙ୍ଗପୁର,୨୭।୮(ସଂଚାର ବ୍ୟୁରୋ) : ମୂର୍ତ୍ତି କାରିଗରଙ୍କ ଠାରୁ ଦୁର୍ବୃତ୍ତ ଲୁଟିନେଲେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ଗଣେଶ ପୂଜା ନିମନ୍ତେ ମୂର୍ତ୍ତି ବିକ୍ରି କରି ଏକ ବାକ୍ସରେ ରଖିଥିବା ଏହି ଟଙ୍କାକୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଲୁଟିନେଇଥିବା ଉମରକୋଟ ଥାନରେ ଅଭିଯୋଗ ହୋଇଛି। ନବରଙ୍ଗପୁର ଉମରକୋଟ ପୌରାଞ୍ଚଳ ଅଧୀନ ଡଙ୍ଗରୀଗୁଡା ଠାରେ କିଛି ମୂର୍ତ୍ତି କାରିଗର ରାଜସ୍ଥାନରୁ ଆସି ପ୍ଲାଷ୍ଟର ପ୍ୟାରିସ ଗଣେଶ ମୂର୍ତ୍ତି ତିଆରି କରି ବିକ୍ରି କରୁଥିଲେ। ଗତକାଲି ରାତି ୨ଟା ପର୍ଯ୍ୟନ୍ତ ମୂର୍ତ୍ତି ବିକ୍ରି କରି ପରେ ସମସ୍ତ ପରିବାର ଲୋକେ ଶୋଇ ପଡ଼ିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଟଙ୍କା ରଖାଯାଇଥିବା ଡବାକୁ ଉଠାଇ ନେଇ ଯାଇଥିବା କହିଛନ୍ତି। ତେବେ ଡବାରେ ଆନୁମାନିକ ପ୍ରାୟ ୧୦ ରୁ ଊର୍ଦ୍ଧ୍ୱ ଟଙ୍କା ରହିଥିବା କହିଛନ୍ତି ମୂର୍ତ୍ତି କାରିଗର ପରିବାର ଲୋକେ।











# ଶରଧାବାଲିରେ ବୁଲିଲା ଖଣ୍ଡା

### ଖଜା ଦୋକାନୀଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ

ପୁରୀ, ୨୭।୮(ସଂଚାର ବ୍ୟୁରୋ): ଦିନଦ୍ୱିପହରେ ଶରଧାବାଲିରେ ବୁଲିଛି ଖଣ୍ଡା। ୩ ଫୁଟ ଲମ୍ବର ଖଣ୍ଡା ବୁଲାଇ ଦୁର୍ବୃତ୍ତମାନେ କିଛି ସମୟ ପାଇଁ ଆତଙ୍କ ଖେଳାଇ ଦେଇଛନ୍ତି। ଜନୈକ ଖଜା ଦୋକାନୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଖଣ୍ଡାରେ ଦୁଇଟି ଖଜା ଭର୍ତ୍ତି ଝୁଡ଼ିକୁ ହାଣି ପକାଇଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏହା ଘଟିଥିବା କୁହାଯାଉଛି। ଶରଧାବାଲି ବସ୍‌ଷ୍ଟାଣ୍ଡରେ ଥିବା ସୌମ୍ୟ ରଞ୍ଜନ ପାତ୍ରଙ୍କ ଖଜା ଦୋକାନ ଉପରେ ଆକ୍ରମଣ ହୋଇଛି। ଶାଶ୍ୱତ ମହାନ୍ତି, ସମ୍ବିତ ମହାନ୍ତି ଓ ବିଷ୍ଣୁ ତିନିଜଣ ମିଶି ଏହି କାଣ୍ଡ ଭିଆଇଥିବା ନିକଟସ୍ଥ ଥାନାରେ ଅଭିଯୋଗ କରିଛନ୍ତି ଦୋକାନୀ ସୌମ୍ୟ ରଞ୍ଜନ। ତାଙ୍କ ଅଭିଯୋଗ ଅନୁସାରେ, ସେ ଦୋକାନରେ ନଥିବା ସମୟରେ ତିନି ଜଣ ଦୁର୍ବୃତ୍ତ ଆସି ତାଙ୍କ ସାନ ଭାଇଙ୍କୁ ଖୋଜିଥିଲେ। ତେବେ ସେମାନଙ୍କୁ ଦେଖି ଦୋକାନରେ ଥିବା କର୍ମଚାରୀ ଭୟରେ ଦୌଡ଼ି ପଳାଇଥିଲେ। ଏଥିରେ ଉକ୍ତ ଦୁର୍ବୃତ୍ତମାନେ ଆଉ କାହାକୁ ନ ପାଇ ଦୋକାନରେ ଥିବା ଖଜା ଝୁଡ଼ିକୁ ଆକ୍ରମଣ କରିଥିଲେ। ଏଥିସହ ସେମାନେ ଦୋକାନରେ ଥିବା ପାଖାପାଖି ୫ ହଜାର ଟଙ୍କା ନେଇ ସେଠାରୁ ପଳାଇଥିଲେ। ଏନେଇ ଖବର ପାଇ କୁମ୍ଭାରପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ କରିଛି। ଏଥିସହ ପୁଲିସ୍ ଘଟଣା ସମୟର ସିସିଟିଭି ଫୁଟେଜ୍ ସଂଗ୍ରହ କରି ଦୁର୍ବୃତ୍ତଙ୍କୁ ଠାବ ପାଇଁ ଉଦ୍ୟମ କରୁଛି। ପିସିଆର ଭ୍ୟାନ୍ ବି ଘଟଣାସ୍ଥଳରେ ପଇଁତରା ମାରୁଛି। ଆଜି ସକାଳେ ଆଖଣ୍ଡଳମଣି ମନ୍ଦିରରେ ଗଣେଶ ପୁଷ୍ପାଞ୍ଜଳି ନେଇ ତାଙ୍କ ସାନଭାଇଙ୍କର ସହ ୩ ଜଣଙ୍କ ସହ ବଚସା ହୋଇଥିବାରୁ ଏହାର ପ୍ରତିଶୋଧ ପାଇଁ ଏପରି ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି।
















# ମିଳିଲା ନିଖୋଜ ୟୁଟ୍ୟୁବରଙ୍କ ସନ୍ଧାନ

ଦିଗପହଣ୍ଡି,୨୭।୮(ସଂଚାର ବ୍ୟୁରୋ): ମିଳିଲା ନିଖୋଜ ୟୁଟ୍ୟୁବରଙ୍କ ସନ୍ଧାନ। ଗଞ୍ଜାମ ପାତ୍ରପୁର ବ୍ଲକ ବାରହା ପଥର ଜଳପ୍ରପାତ ବୁଲିବାକୁ ଯାଇ ନିଖୋଜ ଥିବା ୟୁଟ୍ୟୁବରଙ୍କ ପତ୍ତା ମିଳିଛି। ନିଖୋଜ ହେବାର ଦୁଇ ଦିନ ପରେ ଆଜି ତାଙ୍କର ପତ୍ତା ମିଳିପାରିଛି। ଗତ ରବିବାର ସେ ପର୍ଯ୍ୟଟନ ସ୍ଥଳ ମହେନ୍ଦ୍ରଗିରି ପର୍ବତ ପାଦଦେଶରେ ଥିବା ଜଳପ୍ରପାତକୁ ବଣଭୋଜି କରିବାକୁ ଯାଇ ନିଖୋଜ ଥିଲେ। ସେ ୟୁଟ୍ୟୁବ ଓ ଫେସବୁକରେ ବ୍ଲଗ କରିବା ସହ ବ୍ରହ୍ମପୁରରେ ଗ୍ରୋସରୀ ହୋମ୍ ଡେଲିଭେରି କମ୍ପାନୀରେ କାମ ମଧ୍ୟ କରୁଥିଲେ। ନିଖୋଜ ହେବା ପରେ ଅନ୍ୟ ସାଙ୍ଗମାନେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ବି ପତ୍ତା ପାଇନଥିଲେ। ପରେ ଏନେଇ ଖବର ପାଇ ଜରଡା ଥାନା ପୁଲିସ ଓ ପାତ୍ରପୁର ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ସେମାନେ ଆଜି ସୁରକ୍ଷିତ ଅବସ୍ଥାରେ ତାଙ୍କୁ ଠାବ କରିଥିବା ଜଣାପଡ଼ିଛି।




































ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୧୫ରୁ ୨୦ ବର୍ଷକୁ ବଢ଼ିଲା ଗାଡ଼ି ବ୍ୟବହାର ସମୟ ସୀମା

**ନୂଆଦିଲ୍ଲୀ, ୨୭।୮:** ପୁରୁଣା ଗାଡ଼ି ପାଇଁ ନିୟମ ହେଲା କୋହଳ। ପୁରୁଣା ଗାଡ଼ି ବ୍ୟବହାର ଅବଧି ବଢ଼ାଇଲେ ସରକାର। ଗାଡ଼ି ବ୍ୟବହାର ନିୟମରେ ପରିବର୍ତ୍ତନ କରିଛନ୍ତି ସରକାର। ଗାଡ଼ି ବ୍ୟବହାର ସମୟ ସୀମା ୧୫ରୁ ୨୦ ବର୍ଷକୁ ବଢ଼ିଛି। ପୂର୍ବରୁ ୧୫ ବର୍ଷ ପୁରୁଣା ଗାଡ଼ି ବ୍ୟବହାରରେ କଟକଣା ଲଗାଯାଇଥିଲା।



କିନ୍ତୁ ବର୍ତ୍ତମାନ ସରକାର ନେଇଥିବା ଏ ନିଷ୍ପତ୍ତି ଅନେକଙ୍କୁ ଆଶ୍ୱସ୍ତି ଆଣିଦେବ। କାରଣ ଲୋକମାନଙ୍କ ୧୫ ବର୍ଷ ପୁରୁଣା ଗାଡ଼ି ଭଲ କଣ୍ଡିସନରେ ରହିଥିବାବେଳେ ସେଗୁଡ଼ିକୁ ଚଲାଇବାରେ କଟକଣା ଲାଗିଥିଲା। ଯାହା ପାଇଁ ସାଧାରଣ ଲୋକଙ୍କଠାରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

ନୂତନ ନିୟମ ଅନୁଯାୟୀ, ୨୦ ବର୍ଷ ପୁରୁଣା ଗାଡ଼ିର ନବୀକରଣ ରେଜିଷ୍ଟ୍ରେସନ ମହଙ୍ଗା ହୋଇଯାଇଛି। ଏଥିପାଇଁ ଗାଡ଼ି ମାଲିକମାନଙ୍କୁ ଦୁଇଗୁଣା ଶୁଳ୍କ ଦେବାକୁ ପଡିବ। ୧୫ ବର୍ଷ ପୁରୁଣା ଗାଡ଼ି ପାଇଁ ନବୀକରଣ ଫିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ସଡ଼କ ସୁରକ୍ଷା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଗାଡ଼ିର ବୟସ ୧୫ ବର୍ଷ ରଖାଯାଇଛି। ଏହା ପରେ ସେଗୁଡ଼ିକୁ ଜଙ୍କ୍ ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ, ବ୍ୟକ୍ତିଗତ ଗାଡ଼ି ଉପରେ କଠୋର ହେବା ପରିବର୍ତ୍ତେ, ଏହାକୁ ଗାଡ଼ି ମାଲିକଙ୍କ ଇଚ୍ଛା ଉପରେ ଛାଡ଼ି ଦିଆଯାଇଥିଲା। ଅର୍ଥାତ୍,ଗାଡ଼ି ମାଲିକ ୧୫ ବର୍ଷ ପୁରୁଣା ଗାଡ଼ିକୁ ଜଙ୍କ୍ ଘୋଷଣା କରିପାରିବେ ଏବଂ ଚାହିଁଲେ ତାହାକୁ ନବୀକରଣ ମଧ କରାଇପାରିବେ। ଏଥିପାଇଁ ଏକ ଫି ସ୍ଥିର କରାଯାଇଛି। ଏବେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ୨୦ ବର୍ଷ ପୁରୁଣା ଗାଡ଼ି ପାଇଁ ପଞ୍ଜୀକରଣ ଫି ର ସ୍ଲାବ୍ ଜାରି କରିଛି। ନୂତନ ସ୍ଲାବରେ, ପ୍ରତ୍ୟେକ ଗାଡ଼ିର ନବୀକରଣ ଫି ଦ୍ୱିଗୁଣିତ ହୋଇଛି। ଭିଣ୍ଟେଜ୍ ବାଇକ୍ ଏବଂ କାର ପ୍ରେମୀଙ୍କୁ ୪୦ ଏବଂ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ଫି ଦେବାକୁ ପଡିବ।

ଯଦି ଆପଣଙ୍କ ପାଖରେ ବି ୧୫ ବର୍ଷ ତଳର ପୁରୁଣା ଗାଡ଼ି ଅଛି ତେବେ ଆଦୌ ଚିନ୍ତା କରନ୍ତୁ ନାହିଁ। କାରଣ ଏବେ ଆପଣ ପୁରୁଣା ଗାଡ଼ିକୁ ୨୦ ବର୍ଷ ପର୍ଯ୍ୟନ୍ତ ଆରାମରେ ଚଳାଇ ପାରିବେ। ପ୍ରଦୁଷଣକୁ ଦୃଷ୍ଟିରେ ରଖି ଗାଡ଼ି କେତେ ବର୍ଷ ଯାଏଁ ରାସ୍ତାରେ ଗଡ଼ିବ ସେଥିପାଇଁ ନିୟମ ରହିଥାଏ। କିନ୍ତୁ କିଛି ଲୋକ ଯତ୍ନର ସହ ଗାଡ଼ି ଚଳାନ୍ତି, ଯେଉଁଥିପାଇଁ ସେମାନଙ୍କ ଗାଡ଼ି ୧୫ ବର୍ଷ ପରେ ବି ଠିକଠାକ୍ ଥାଏ। ଗାଡ଼ି ବ୍ୟବହାରର ସମୟ ସୀମା ୧୫ ରହିଥିଲା। କିନ୍ତୁ ଏବେ ପୁରୁଣା ଗାଡ଼ିର ବ୍ୟବହାର ସୀମା ୨୦ ବର୍ଷକୁ ବଢ଼ାଯାଇଛି। ତେଣୁ ଆସ୍ୱସ୍ଥି ପାଇଁଛନ୍ତି ଅନେକ ମଧବିତ୍ତ ପରିବାର।

## ଏଣିକି ଏଟିଏମ ଓ ୟୁପିଆଇରୁ ବାହାର କରିପାରିବେ ପିଏଫ୍ ଟଙ୍କା



ନୂଆଦିଲ୍ଲୀ,୨୭।୮: ୭ କୋଟି ଇପିଏଫଓ ସଦସ୍ୟଙ୍କ ପାଇଁ ଖୁସି ଖବର। ଖୁବଶୀଘ୍ର ଆସୁଛି ଇପିଏଫଓ ୩.୦ ଡିଜିଟାଲ ପ୍ଲାଟଫର୍ମ । ଏହି ନୂତନ ବ୍ୟବସ୍ଥା ସହିତ ପିଏଫ୍ ସମ୍ବନ୍ଧୀୟ ସେବାଗୁଡ଼ିକ ଆହୁରି ସହଜ, ଦ୍ରୁତ ଏବଂ ଅଧିକ ସ୍ୱଚ୍ଛ ହେବ। ଇନଫୋସିସ୍, ଓବି ପ୍ରୋ ଏବଂ ଟିସିଏସ୍ ଭଳି ବଡ଼ ବଡ଼ ଆଇଟି କମ୍ପାନୀଗୁଡ଼ିକ ଏହି ପ୍ରକଳ୍ପ ଉପରେ କାମ କରୁଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ନୂତନ ପ୍ଲାଟଫର୍ମ ଖୁବଶୀଘ୍ର ସମସ୍ତ ସଦସ୍ୟଙ୍କ ପାଇଁ ଉପଲବ୍ଧ ହେବ। ଏହି ନୂତନ ବ୍ୟବସ୍ଥାରେ, ଆପଣ ସିଧାସଳଖ ଏଟିଏମରୁ ଆପଣଙ୍କର ପିଏଫ୍ ଟଙ୍କା ଉଠାଇପାରିବେ। ଏଥିପାଇଁ ଆପଣଙ୍କୁ କେବଳ ଆଧାର କାର୍ଡକୁ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ କରିବାକୁ ପଡିବ ଏବଂ ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର ସକ୍ରିୟ କରିବାକୁ ପଡ଼ିବ। ଏହା ସାହାଯ୍ୟରେ, ଅଫିସ୍ ନଯାଇ ମଧ ପିଏଫ ଆକାଉଣ୍ଟ୍ ରୁ ଟଙ୍କା ଉଠାଇପାରିବେ। ଇପିଏଫଓ ୩.୦ରେ ୟୁପିଆଇ ମାଧ୍ୟମରେ ଟଙ୍କା ଉଠାଇବାର ସୁବିଧା ମଧ ରହିବ। ଅର୍ଥାତ୍, ଯେତେବେଳେ କୌଣସି ଜରୁରୀକାଳୀନ ପରିସ୍ଥିତି ଆସିବ, ଆପଣ ୟୁପିଆଇ ମାଧ୍ୟମରେ ତୁରନ୍ତ ଆପଣଙ୍କ ପିଏଫ୍ ଆକାଉଣ୍ଟ୍ରୁ ଟଙ୍କା ଉଠାଇ ପାରିବେ। ଏହା ଶୀଘ୍ର ଟଙ୍କାର ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବ। ଇପିଏଫଓ ୩.୦ରେ ଅନଲାଇନ୍ କ୍ଲେମ୍ ଏବଂ ସୂଚନା ସଂଶୋଧନ ପ୍ରକ୍ରିୟାକୁ ମଧ ସମ୍ପୂର୍ଣ୍ଣ ଡିଜିଟାଲ୍ କରାଯାଇଛି। ଏବେ କର୍ମଚାରୀମାନେ ସେମାନଙ୍କ ମୋବାଇଲରେ ଓଟିପି ଭେରିଫିକେସନ୍ କରି ନାମ, ଜନ୍ମ ତାରିଖ କିମ୍ବା ଅନ୍ୟାନ୍ୟ ବ୍ୟକ୍ତିଗତ ବିବରଣୀ ଅପଡେଟ୍ କରିପାରିବେ। ଏହା କେବଳ ସମୟ ବଞ୍ଚାଇବ ନାହିଁ ବରଂ ବାରମ୍ବାର ଡକ୍ୟୁମେଣ୍ଟ ଯାଞ୍ଚ କିମ୍ବା ଅଧିକାରୀଙ୍କୁ ଭେଟିବାରୁ ପଡ଼ିବନି । ଏହା ସହିତ, ଯଦି କୌଣସି ପିଏଫ୍ ସଦସ୍ୟଙ୍କ ମୃତ୍ୟୁ ହୁଏ ଏବଂ ତାଙ୍କ ପିଲାମାନେ କ୍ଲେମ୍ କରିବାକୁ ଚାହାଁନ୍ତି, ତେବେ ଏବେ ସେମାନଙ୍କୁ ଅଭିଭାବକ ପ୍ରମାଣପତ୍ରର ଆବଶ୍ୟକତା ପଡ଼ିବ ନାହିଁ । ଏହି ପରିବର୍ତ୍ତନ ସହିତ, ପରିବାର ଯଥାଶୀଘ୍ର ଆର୍ଥିକ ସହାୟତା ପାଇପାରିବେ । ଇପିଏଫଓ ୩.୦ ଏକ ନୂତନ ଡିଜାଇନ୍ ହୋଇଥିବା ଡିଜିଟାଲ୍ ଡ୍ୟାସବୋର୍ଡ ସହିତ ଆସିବ, ଯାହା ସଦସ୍ୟମାନଙ୍କୁ ସେମାନଙ୍କର ମାସିକ ଜମା, ଦାବିର ସ୍ଥିତି ଏବଂ ସମ୍ପୂର୍ଣ୍ଣ ଆକାଉଣ୍ଟ ସୂଚନା ସହଜରେ ଦେଖିବାର ସୁଯୋଗ ଦେବ। ଏହା ସ୍ୱଚ୍ଛତା ଏବଂ ଆତ୍ମନିର୍ଭରଶୀଳତା ଦିଗରେ ଏକ ବଡ଼ ପଦକ୍ଷେପ।

### ଇପିଏଫ୍ଓ ସଦସ୍ୟଙ୍କ ପାଇଁ ଖୁସି ଖବର

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୨, ୪୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୩,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୪୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୩, ୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୨,୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୨,୫୯୦ ଟଙ୍କା ଓ ୨୨ କ୍ୟାରେଟ୍ ୯୪, ୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୪୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ ହଜାର ୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୨,୪୪୦ ଓ ୯୩ ହଜାର ୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୦,୦୦୦ ଟଙ୍କା ହୋଇଛି।

## ଆମେରିକା ଶୁଳ୍କରେ ଭାରତ ବିଶେଷ ପ୍ରଭାବିତ ହେବନି

ନୂଆଦିଲ୍ଲୀ, ୨୭।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତର ଚଡ଼ା ଶୁଳ୍କ ଲଗାଇଛନ୍ତି। ଏହି ଶୁଳ୍କ ଭାରତୀୟ ଅର୍ଥନୀତିକୁ ବିଶେଷ ପ୍ରଭାବିତ କରିବ ନାହିଁ ବୋଲି ବିଶ୍ୱସ୍ତରୀୟ ରେଟିଂ ଏଜେନ୍ସି ଫିଚ୍ କହିଛି। ଏଥି ସହିତ ଭାରତର ରେଟିଂକୁ ଏହା 'ବିବିବି ମାଇନସ୍'ରେ ସ୍ଥିର ରଖିଛି। ୨୦୨୫-୨୫ରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ଏହା ଆକଳନ କରିଛି। ଦେଶର ବଢ଼ୁଥିବା ବିତ୍ତୀୟ ନିଅଣ୍ଟ ଓ ଋଣ ଭବିଷ୍ୟତରେ ରେଟିଂକୁ ଦୁର୍ବଳ କରିପାରେ ବୋଲି ଫିଚ୍ ସତର୍କ କରାଇଛି। ବିବିବି ମାଇନସ୍ ହେଉଛି ନିବେଶ ମାନର ସବୁଠୁ ନିମ୍ନ ରେଟିଂ। ଏହା ଦର୍ଶାଉଛି ଯେ ନିବେଶ କଲେ ତାହା ସୁରକ୍ଷିତ ରହିବାର ଭରସା କିନ୍ତୁ ସୀମିତ। ଋଣ ଶୁଝିବାର କ୍ଷମତା ଠିକ୍ ଅଛି। କିନ୍ତୁ ଆର୍ଥିକ ସ୍ତରରେ କିଛିଟା ସମସ୍ୟ ରହୁଛି। ଫିଚ୍ ଜଣାଇଛି ଯେ ଆମେରିକାକୁ ହେଉଥିବା ରପ୍ତାନି ଭାରତୀୟ ଜିଡିପିର ମାତ୍ର ୨ ପ୍ରତିଶତ। ତେଣୁ ଶୁଳ୍କ ଭାରତକୁ ବିଶେଷ ପ୍ରଭାବିତ କରିବନି। କିନ୍ତୁ ଏହାକୁ ନେଇ ଯେଉଁ ଅନିଶ୍ଚିତତା ରହିବ, ତାହା ପୁଞ୍ଜିନିବେଶକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଚଳିତ ମାସ ୨୭ରେ ଭାରତ ଉପରେ ଆମେରିକାର ଶୁଳ୍କ ୫୦ ପ୍ରତିଶତକୁ ବଢ଼ିବ। ରେଟିଂ ଏଜେନ୍ସିର ଏହା ମଧ ବିଶ୍ୱାସ ରହିଛି ଯେ ସେହି ଶୁଳ୍କ ଭବିଷ୍ୟତରେ କମ୍ ହେବ। କିଛି ଦିନ ପୂର୍ବେ ବିଶ୍ୱର ଅଗ୍ରଣୀ ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ଗ୍ଲୋବାଲ୍ ଭାରତର ରେଟିଂକୁ ୧୮ ବର୍ଷ ପରେ ପ୍ରଥମ ଥର ପାଇଁ ବିବିବିକୁ ଉନ୍ନୀତ କରିବା ସହ ଆଉଟ୍‌ଲୁକ୍‌କୁ 'ଷ୍ଟେବଲ୍'(ସ୍ଥିର) ଦର୍ଶାଇଥିଲା। ଏସ୍‌ଆଣ୍ଡପି ଅନୁସାରେ ଭାରତୀୟ ଅର୍ଥନୀତି ଦୃଢ଼ ହେଉଛି। ସରକାର ଖର୍ଚ୍ଚକୁ ନିୟନ୍ତ୍ରଣରେରଖିବାକୁ ଉଦ୍ୟମ କରୁଛି। ଭାରତୀୟ ଅର୍ଥନୀତି ସବୁଠୁ ଦ୍ରୁତ ଗତିରେ ଆଗକୁ ବଢ଼ୁଥିବାରୁ ଏହାର ରେଟିଂ ବୃଦ୍ଧି କରାଯାଇଛି। ରେଟିଂରେ ଉନ୍ନତି ହେଉଥିବାରୁ ଭାରତ ଉପରେ ବିଶ୍ୱବ୍ୟାପୀ ନିବେଶକଙ୍କ ଭରସା ବଢ଼ିବ। ଆର୍ଥିକ ସଂସ୍ଥାଗୁଡ଼ିକଠାରୁ ଋଣ ଆଣିବା ସହ ହେବ ଏବଂ କମ୍ ସୁଧରେ ଋଣ ମିଳିପାରିବ। କେବଳ ରେଟିଂ ଏଜେନ୍ସି ନୁହେଁ, ବିଶ୍ୱବ୍ୟାଙ୍କ ଭଳି ବିଶ୍ୱସ୍ତରୀୟ ସଂସ୍ଥା ଭାରତୀୟ ଅର୍ଥନୀତି ଉପରେ ଭରସା ପ୍ରକଟ କରିଛନ୍ତି। ୨୦୨୫-୨୬ରେ ଏହାର ଅଭିବୃଦ୍ଧି ୬.୩ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି।




## ଭାରତରେ ୭୦ ହଜାର କୋଟି ନିବେଶ କରିବ ସୁଜୁକି

**ନୂଆଦିଲ୍ଲୀ, ୨୭।୮:** ଇ-ଭିଟାରାର ଉଦଘାଟନୀ ଉତ୍ସବ ବେଳେ ସୁଜୁକି ଆଉ ଏକ ଖୁସି ଖବର ଦେଇଛି। ଗ୍ଲୋବାଲ୍ ସୁଜୁକିର ସଭାପତି ତୋଶିହିରୋ ସୁଜୁକି କହିଛନ୍ତି ଯେ କମ୍ପାନୀ ଆଗାମୀ ୫-୬ ବର୍ଷ ମଧ୍ୟରେ ଭାରତରେ ୭୦,୦୦୦ କୋଟି ଟଙ୍କା ନିବେଶ କରିବ। ଏହି ନିବେଶର ଲକ୍ଷ୍ୟ ଉତ୍ପାଦନ ବୃଦ୍ଧି କରିବା, ନୂଆ ମଡେଲ ଲଞ୍ଚ କରିବା ଏବଂ ବିଶ୍ୱର ତୃତୀୟ ବୃହତ୍ତମ କାର ବଜାରରେ ଏହାର ବଜାର ଅଂଶକୁ ବଢ଼ାଇବା ବୋଲି ଅଟୋମେକର ମୁଖ୍ୟ କହିଛନ୍ତି। ଜାପାନୀ କମ୍ପାନୀ ଭାରତରେ ପୂର୍ବରୁ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରିସାରିଛି। ଏଥିରେ ୧୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ସେହିପରି ନିକଟରେ ଆହୁରି ୬ ଟ୍ରିଲିଅନ ଡଲାର ନିବେଶ କରିବ ବୋଲି ସୂଚନା ମିଳିଛି। ମାରୁତି ସୁଜୁକି ଏହାର ଗୁଜୁରାଟ ପ୍ଲାଣ୍ଟରୁ ୧୦୦ଟି ଦେଶରେ ଏହାର ଇଲେକ୍ଟ୍ରିକ୍ ଏସୟୁଭି ଇ-ଭିଟାରର ରପ୍ତାନି କରିବ। ତେବେ ଭାରତରେ e-Vitara କେବେ ଲଞ୍ଚ କରିବ ସେ ନେଇ କୌଣସି ସୂଚନା ନାହିଁ। ଗୁଜରାଟ ପ୍ଲାଣ୍ଟରେ ଏକ ଇଭି ଲାଇନ ସ୍ଥାପନ କରିବା ପାଇଁ, କମ୍ପାନୀ ଆର୍ଥିକବର୍ଷ ୨୦୨୬ ସୁଦ୍ଧା ୩,୨୦୦ କୋଟି ଟଙ୍କା ନିବେଶ କରିବ। ଗୁଜରାଟରେ ଥିବା କମ୍ପାନୀର ଏହି ପ୍ଲାଣ୍ଟ ୬୪୦ ଏକର ଜମିରେ ବ୍ୟାପିଛି। ଏଠାରେ ୩ ପ୍ଲାଣ୍ଟ ରହିଥିବା ବେଳେ ଏହାର ମିଳିତ କ୍ଷମତା ବାର୍ଷିକ ୭୫୦,୦୦୦ ୟୁନିଟ୍ ରହିଛି।




ମାରୁତି ସୁଜୁକି ଇଣ୍ଡିଆର ଏକ ୟୁନିଟ୍, ସୁଜୁକି ମୋଟର ଗୁଜରାଟ (SMG) ରେ ସ୍ୱତନ୍ତ୍ର ଭାବରେ ନିର୍ମିତ, ରପ୍ତାନୀ ହେବାକୁ ଥିବା ଇ-ଭିଟାରରର ପ୍ରଥମ ବ୍ୟାଚ୍ ପିପାଭାଭ ବନ୍ଦରରୁ ୟୁରୋପୀୟ ୟୁନିୟନକୁ ପଠାଯିବ, ଏଥିରେ ୟୁନାଇଟେଡ୍ କିଙ୍ଗଡମ୍, ଜର୍ମାନୀ, ନରୱେ, ଫ୍ରାନ୍ସ, ଡେନମାର୍କ, ସ୍ୱିଜରଲ୍ୟାଣ୍ଡ, ନେଦରଲ୍ୟାଣ୍ଡସ୍, ସ୍ୱିଡେନ୍, ହଙ୍ଗେରୀ, ଆଇସଲ୍ୟାଣ୍ଡ, ଇଟାଲୀ, ଅଷ୍ଟ୍ରିଆ ଏବଂ ବେଲଜିୟମ ଭଳି ଦେଶ ରହିଛି। ତୋଶିହିରୋ ସୁଜୁକି ଆହୁରି କହିଛନ୍ତି ଯେ କମ୍ପାନୀ ବାର୍ଷିକ ଭିତ୍ତିରେ ୫୦,୦୦୦-୧,୦୦,୦୦୦ ଇଭି ରପ୍ତାନି କରିବାକୁ ଯୋଜନା ରଖିଛି। ତେବେ ଆମଦାନୀ ବ୍ୟାଟେରୀର ମୂଲ୍ୟ ଅଧିକ ଥିବାରୁ କମ୍ପାନୀ ଘରୋଇ ବଜାରରେ ବହୁ ସଂଖ୍ୟକ ଇଭି ଛାଡ଼ିବାବାକୁ ସଂକୋଚ କରୁଛି ବୋଲି ସେ କହିଛନ୍ତି। ସୁଜୁକି ସଭାପତି କହିଛନ୍ତି ଯେ ଗୁଜରାଟ ପ୍ଲାଣ୍ଟ ଖୁବ୍ ଶୀଘ୍ର ବିଶ୍ୱର ସର୍ବବୃହତ ଅଟୋମୋବାଇଲ ନିର୍ମାଣ ହବ୍ ମଧ୍ୟରୁ ଗୋଟିଏ ହୋଇଯିବ। ଏହାର କ୍ଷମତା ୧୦ ଲକ୍ଷ ୟୁନିଟ୍ ହେବ। କମ୍ପାନୀ ଏହି ପ୍ଲାଣ୍ଟରୁ ଯୋଗାଣ ମାଧ୍ୟମରେ ଭାରତ ଏବଂ ବିଶ୍ୱ ବଜାରରେ ଗ୍ରାହକମାନଙ୍କୁ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ନିତି ଆୟୋଗ ଇଭି ସୂଚୀ
# ସପ୍ତମ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର, ୨୭।୮: ପରିବେଶ ପ୍ରଦୂଷଣର ଏକ ପ୍ରମୁଖ କାରଣ ଗାଡ଼ିମଟର ଚଳାଚଳ। ପରିବେଶ ପ୍ରଦୂଷଣକୁ ହ୍ରାସ କରି ଲୋକଙ୍କୁ ସ୍ୱଚ୍ଛ ବାୟୁ ଯୋଗାଇ ଦେବାକୁ ହେଲେ ଜୀବାଶ୍ମ ଇନ୍ଧନରେ ଚାଲୁଥିବା ଗାଡ଼ିମଟରଗୁଡ଼ିକୁ ହଟାଇ ବିଦ୍ୟୁତ ଯାନ ଚଳାଇବାର ଆବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ସ୍ୱପ୍ନ ପୂରଣରେ ମଧ ଏହା ବିଶେଷ ସହାୟକ ହେବ। ଏଭଳି ସ୍ଥିତିରେ ନିତି ଆୟୋଗ ପକ୍ଷରୁ ଚଳିତମାସରେ 'ଇଣ୍ଡିଆ ଇଲେକ୍ଟ୍ରିକ ମୋବିଲିଟି ଇଣ୍ଡେକ୍ସ (ଆଇଇଏମଆଇ)-୨୦୨୪' ପ୍ରକାଶ କରାଯାଇଛି। ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ବିଦ୍ୟୁତ ଯାନ (ଇଭି) ଚଳାଚଳ ସଂଖ୍ୟା ଏବଂ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମିକୁ ନେଇ ର୍‍ୟାଙ୍କ ପ୍ରସ୍ତୁତ କରାଯାଇଛି। ଏହି ର୍‍ୟାଙ୍କ୍‌ରେ ଓଡ଼ିଶା ସପ୍ତମ ସ୍ଥାନରେ ରହିଛି। ଇଭି ଚଳାଚଳ ଏବଂ ଏଥିପାଇଁ ଆବଶ୍ୟକ ପରିବେଶ ସୃଷ୍ଟି କ୍ଷେତ୍ରରେ ରାଜ୍ୟଗୁଡ଼ିକ ହାସଲ କରିଥିବା ଅଗ୍ରଗତିକୁ ମପାଯାଇ ର୍‍ୟାଙ୍କ୍ ପ୍ରସ୍ତୁତ କରାଯାଇଛି। ୩ଟି ପ୍ରସଙ୍ଗ ଯଥା ଯାନର ବିଦ୍ୟୁତୀକରଣ ଅଗ୍ରଗତି, ଚାର୍ଜିଂ ଭିତ୍ତିଭୂମି ପ୍ରସ୍ତୁତି ଏବଂ ଇଭି ଗବେଷଣା ଓ ନବସୃଜନ ସ୍ଥିତିକୁ ଆକଳନ କରାଯାଇ ବିଭିନ୍ନ ରାଜ୍ୟକୁ ଭିନ୍ନ ଭିନ୍ନ ସ୍କୋର ଦିଆଯାଇଛି। ଦିଲ୍ଲୀ ୭୭ ନମ୍ବର ରଖି ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶା ୪୯ ନମ୍ବର ରଖି ସପ୍ତମ ସ୍ଥାନରେ ରହିଛି। ଏହି ସୂଚୀରେ ମହାରାଷ୍ଟ୍ର ୬୮ ନମ୍ବର ରଖି ଦ୍ୱିତୀୟ, ଚଣ୍ଡିଗଡ଼ ୬୫ ନମ୍ବର ରଖି ତୃତୀୟ, କର୍ଣ୍ଣାଟକ ୬୪ ନମ୍ବର ରଖି ଚତୁର୍ଥ, ତାମିଲନାଡୁ ୫୯ ନମ୍ବର ରଖି ପଞ୍ଚମ, ହରିୟାଣା ୫୪ ନମ୍ବର ରଖି ସୂଚୀରେ ଷଷ୍ଠ ସ୍ଥାନରେ ରହିଥିବା ଜଣାଯାଇଛି। ଏ କ୍ଷେତ୍ରରେ ଜାତୀୟ ହାରାହାରି ସ୍କୋର ୩୯.୪ ରହିଛି। ୧୦୦ ସ୍କୋର ରଖିଲେ ଆଚିଭର୍ ବର୍ଗରେ ରହିବା ବ୍ୟବସ୍ଥା ଥିବାବେଳେ ଏଥିରେ କେହି ସ୍ଥାନ ପାଇନାହାନ୍ତି। ଏହା ପଛକୁ ୬୫ରୁ ୯୯ ସ୍କୋର ରଖିଥିବା ବର୍ଗର ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଫ୍ରଣ୍ଟ ରନର୍ ବର୍ଗରେ ରଖାଯାଇଛି। ସେଥିରେ ଦୁଇଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ(ଦିଲ୍ଲୀ, ମହାରାଷ୍ଟ୍ର ଏବଂ ଚଣ୍ଡିଗଡ଼) ଅଛନ୍ତି। ଏହା ପଛକୁ ୫୦ରୁ ୬୪ ସ୍କୋର ରଖିଥିବା ରାଜ୍ୟଗୁଡ଼ିକୁ ପରଫର୍ମର୍ ବର୍ଗରେ ରଖାଯାଇଛି। ଏଥିରେ ୩ଟି ରାଜ୍ୟ କର୍ଣ୍ଣାଟକ, ତାମିଲନାଡୁ ଏବଂ ହରିୟାଣା ରହିଛନ୍ତି। ଏହା ପଛକୁ ୦ରୁ ୪୯ ସ୍କୋର ରଖିଥିବା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଆସ୍ପାୟାରାଣ୍ଟ୍ ବର୍ଗରେ ରଖାଯାଇଥିବାବେଳେ ଏଥିରେ ଓଡ଼ିଶା ସ୍ଥାନ ପାଇଛି। ତେବେ ଆଶ୍ୱାସନାର ବିଷୟ ହେଲା ଓଡ଼ିଶା ଏହି ବର୍ଗର ଶୀର୍ଷରେ ରହିଛି। ବିଦ୍ୟୁତ୍‌ଯାନ ଚଳାଚଳ ସଂଖ୍ୟାକୁ ନେଇ ପ୍ରସ୍ତୁତ ହୋଇଥିବା ପରିବହନ ବିଦ୍ୟୁତ୍‌କରଣ ଅଗ୍ରଗତି ବର୍ଗରେ ଓଡ଼ିଶା ୫୬ ସ୍କୋର ରଖି ଷଷ୍ଠ ର୍‍ୟାଙ୍କ୍‌ରେ ରହିଛି। ଏ କ୍ଷେତ୍ରରେ ଚଣ୍ଡିଗଡ଼ ୯୦ ସ୍କୋର ରଖି ପ୍ରଥମ, ଦିଲ୍ଲୀ ୭୯ ସ୍କୋର ସହ ଦ୍ୱିତୀୟ, ମହାରାଷ୍ଟ୍ର ୬୬ ସ୍କୋର ସହ ତୃତୀୟ, ଛତିଶଗଡ଼ ୬୦ ସ୍କୋର ସହ ଚତୁର୍ଥ, ଉତ୍ତରପ୍ରଦେଶ ୫୯ ସ୍କୋର ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ଏହା ପଛକୁ ଓଡ଼ିଶା ରହିଛି। ତେଣୁ ଏ କ୍ଷେତ୍ରରେ ଓଡ଼ିଶା ପର୍‌ଫର୍ମର ବର୍ଗରେ ସ୍ଥାନ ପାଇଛି। କିନ୍ତୁ ଇଭି ଗବେଷଣା ଓ ନବସୃଜନ କ୍ଷେତ୍ରରେ ଓଡ଼ିଶା ପଛରେ ପଡ଼ିଥିବା ନିତି ଆୟୋଗର ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।



ନିତି ଆୟୋଗ ରିପୋର୍ଟକୁ ବିଶ୍ଳେଷଣ କଲେ ଏହା ସ୍ପଷ୍ଟ ଯେ ଓଡ଼ିଶାକୁ ଉପରୋକ୍ତ ସବୁବର୍ଗରେ ଉପରକୁ ଉଠିବା ପାଇଁ କାର୍ଯ୍ୟ କରିବାକୁ ପଡ଼ିବ। କିନ୍ତୁ ଇଭି ଗବେଷଣା ଓ ନବସୃଜନ ସମେତ ଚାର୍ଜିଂ ଭିତ୍ତିଭୂମି ସ୍ଥାପନ ଦିଗରେ ରାଜ୍ୟ ସରକାରଙ୍କୁ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ନଚେତ୍ ପ୍ରଦୂଷଣ ହ୍ରାସ ହେଉ କିମ୍ବା ଇଭି କ୍ଷେତ୍ରକୁ ଆଗକୁ ନେବା ପାଇଁ ବିଶ୍ୱରେ ଚାଲିଥିବା ବିପ୍ଳବରେ ଓଡ଼ିଶା ପଛରେ ପଡ଼ିଯିବା ସମ୍ଭାବନା ରହିଛି।

## ବେଦାନ୍ତ ଲାଞ୍ଜିଗଡ଼ ପ୍ରକଳ୍ପ 'ସଙ୍ଗମ'ରେ ଶ୍ରୀ ପ୍ରଣାଳୀ ଧାନଚାଷ

ଭୁବନେଶ୍ୱର, ୨୭।୮: ବେଦାନ୍ତ ଆଲୁମିନିୟମ ଏହାର ସମନ୍ୱିତ ଜଳ ବିଭାଜିକା ଏବଂ ଜୀବିକା ବିକାଶ ପଦକ୍ଷେପରେ କଳାହାଣ୍ଡିର ଲାଞ୍ଜିଗଡ଼ରେ ପ୍ରକଳ୍ପ ସଙ୍ଗମ ଜରିଆରେ ଧାନ ଉତ୍ପାଦନ ବୃଦ୍ଧି ପାଇଁ ଶ୍ରୀ (ସିଷ୍ଟମ ଅଫ୍ ରାଇସ୍ ଇଣ୍ଟେନ୍ସିଫିକେସନ୍) କୌଶଳକୁ ପ୍ରୋତ୍ସାହିତ କରୁଛି। ଏଥିଯୋଗୁ ଚାଷୀମାନଙ୍କ ଉତ୍ପାଦନ ଏବଂ ଆୟ ବୃଦ୍ଧି ପାଉଛି। ପ୍ରତି ଏକର ଫସଲ ଉତ୍ପାଦନ ୧୮/୨୦ କ୍ୱିଣ୍ଟାଲରୁ ବୃଦ୍ଧି ପାଇ ୨୨.୫/୨୫ କ୍ୱିଣ୍ଟାଲ ହୋଇଛି। ଉତ୍ପାଦନ ଖର୍ଚ୍ଚ ଏକର ପିଛା ୧୦/୧୨ ହଜାର ଟଙ୍କାରୁ ହ୍ରାସ ପାଇ ୭/୯ ହଜାର ଟଙ୍କା ହୋଇଛି। ଏହି ପଦ୍ଧତି ଜଳ ଦକ୍ଷତାକୁ ୩୫% ଉନ୍ନତ କରିଛି, କୀଟପତଙ୍ଗ ଆକ୍ରମଣ ହ୍ରାସ କରୁଥିବା ଜୈବିକ ଅଭ୍ୟାସକୁ ପ୍ରୋତ୍ସାହିତ କରିଛି ଏବଂ ମୃତ୍ତିକା ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଛି। କମ୍ପାନି ଚଳିତ ଖରିଫ ଋତୁରେ ୨୧୦ ଏକର ଜମିରେ ଏହି ପଦକ୍ଷେପକୁ ବୃଦ୍ଧି କରୁଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଦୀର୍ଘକାଳୀନ ସମୃଦ୍ଧି ପାଇଁ କୃଷକମାନଙ୍କୁ ଆଧୁନିକ ଓ ସ୍ଥାୟୀ କୌଶଳ ସହିତ ସଶକ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରକଳ୍ପ ସଙ୍ଗମ ଅନ୍ତର୍ଗତ ଶ୍ରୀ ପ୍ରଣାଳୀର ସଫଳତା ପ୍ରତିଫଳିତ କରୁଛି ଯେ କିପରି ଗୋଷ୍ଠୀ ପରିଚାଳିତ ନବସୃଜନ ଉତ୍ପାଦନ ବୃଦ୍ଧି କରିପାରିବ, ସମ୍ପଦ ସଂରକ୍ଷଣ କରିପାରିବ ଏବଂ ଜୀବିକା ଉନ୍ନତ କରିପାରିବ।



## 'ଦିନ ଆସିବ ଏଆଇ ନାଗରିକତା ମାଗିବ'

ନୂଆଦିଲ୍ଲୀ, ୨୭।୮: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର କୁପ୍ରଭାବକୁ ନେଇ ନିୟମିତ ବ୍ୟବଧାନରେ ସତର୍କ ସୂଚନା ଆସୁଛି। ଏଆଇ ପ୍ରତି ଲୋକମାନଙ୍କ ଆଗ୍ରହ ବଢ଼ୁଥିବା ନେଇ ପ୍ରଯୁକ୍ତି ଜଗତର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଶ୍ୱର ସବୁଠୁ ଚର୍ଚ୍ଚିତ ଏଆଇ ଟୁଲ୍ ଚାଟ୍‌ଜିପିଟି ନିର୍ମାଣ କରିଥିବା ସଂସ୍ଥା ଓପନଏଆଇର ସିଇଓ ସାମ୍ ଅଲ୍ଟମ୍ୟାନ୍ ଏଆଇ ସହିତ ଲୋକମାନଙ୍କ ବଢ଼ୁଥିବା ସମ୍ପର୍କକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଏବେ ମାଇକ୍ରୋସଫ୍ଟର ଏଆଇ ମୁଖ୍ୟ ମୁସ୍ତାଫା ସୁଲେମାନ ଆହୁରି ସାଂଘାତିକ ଆକଳନ କରିଛନ୍ତି। ସେ କହିଛନ୍ତି ଯେ ଦିନ ଆସିବ ଏଆଇ ନିଜର ଅଧିକାର ଓ ନାଗରିକତା ମାଗିବ। ଗୁଗଲ୍ ଡିପ୍‌ମାଇଣ୍ଡର ସହ ପ୍ରତିଷ୍ଠାତା ତଥା ଏଆଇ କମ୍ପାନି 'ଇନଫ୍ଲେକ୍ସନ'ର ପ୍ରତିଷ୍ଠାତା ସୁଲେମାନ କହିଛନ୍ତି ଯେ ଏଆଇ ହଂସାତ୍ମକ ହୋଇ ନ ପାରେ, କିନ୍ତୁ ଏଆଇ ସହିତ ଲୋକମାନଙ୍କୁ ଭାବନାଗତ ସମ୍ପର୍କ ଚିନ୍ତାର କାରଣ ପାଲଟିପାରେ। ଏଆଇଠାରୁ ଲୋକମାନଙ୍କୁ ସୁରକ୍ଷିତ ଦୂରତାରେ ରଖିବା ଉପରେ ସେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଆମକୁ ଲୋକମାନଙ୍କ ପାଇଁ ଏଆଇ ଗଢ଼ିବାକୁ ହେବ। ଡିଜିଟାଲ ମଣିଷ ତିଆରି କରିବା ଆମର ଲକ୍ଷ୍ୟ ହେବା ଅନୁଚିତ।

## ବନ୍ୟା ପାଇଁ ଏକାଧିକ ବିଦ୍ୟାଳୟରେ ହୋଇ ପାରିଲାନି ଗଜାନନଙ୍କ ପୂଜା

**ବାଲିଆପାଳ,୨୭।୮ (ସଂଚାର ବ୍ୟୁରୋ):** ଆଜି ଦେଶ ବ୍ୟାପୀ ଅଗ୍ରପୂଜ୍ୟ ବିଘ୍ନନାଶ ପ୍ରଭୁ ଗଜାନନଙ୍କ ପୂଜା ଧୁମଧାମରେ ପାଳିତ ହେଉଛି। ବିଭିନ୍ନ ସ୍କୁଲ କଲେଜ ମାନଙ୍କରେ ମଧ୍ୟ ଗଜାନନଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହେଉଛି। ତେବେ ସୁବର୍ଣ୍ଣରେଖା ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକର ଏକାଧିକ ବିଦ୍ୟାଳୟରେ ପ୍ରଭୁ ଗଜାନନଙ୍କ ପୂଜା ହୋଇପାରି ନାହିଁ। କେଉଁଠି ବିଦ୍ୟାଳୟ ପରିସରରେ ୨ରୁ ୩ଫୁଟ ବନ୍ୟା ପାଣି ଅଛି ତ କେଉଁଠି ବିଦ୍ୟାଳୟ ଚତୁର୍ପାଶ୍ୱରେ ୧୦ଫୁଟରୁ ଅଧିକ ବନ୍ୟା ପାଣି ଘେରରେ ରହିଛି ବିଦ୍ୟାଳୟ।କିଛି ବିଦ୍ୟାଳୟର ଶିକ୍ଷକ ମାନେ ପାୱାର ବୋଟ ସାହାଯ୍ୟରେ ବିଦ୍ୟାଳୟକୁ ଯାଇ ବିଧି ରକ୍ଷା କରିବା ପାଇଁ ଘଟୋତ୍ତଳନ କରି ପୂଜାର୍ଚ୍ଚନା କରିଥିବା ସୂଚନା ମିଳିଛି। ବ୍ଲକର, ସୁଙ୍ଗମୁହଁ, ବିଷ୍ଣୁପୁର, ରସଲପୁର, ଇକଡପାଳ, କୁହ୍ଲାଚଡ, ଲଖପାଳ, ରାଉତୁରାପୁର, ପାଳଚମ୍ପେଇ ପ୍ରଭୃତି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତିରେ ଘଟୋତ୍ତଳନ କରି ବିଧି ରକ୍ଷା କରିବା ପାଇଁ ପୂଜା ହୋଇଥିବା ସୂଚନା ମିଳିଛି। ଗଜାନନଙ୍କ ଆରାଧନା ପାଇଁ ବର୍ଷ ଯାକ ଛାତ୍ରଛାତ୍ରୀ ଅପେକ୍ଷା କରି ରହିଥାନ୍ତି। ମାତ୍ର ଚଳିତ ବର୍ଷ ବନ୍ୟା ଯୋଗୁଁ ଏକାଧିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇ ନପାରି ନିରାଶ ହୋଇଛନ୍ତି। ସୁବର୍ଣ୍ଣରେଖା ବନ୍ୟା ଛାତ୍ରୀଛାତ୍ରୀଙ୍କ ମୁହଁରୁ ହସ ଛଡାଇନେଇଛି।

# ରାସ୍ତା ବିପର୍ଯ୍ୟସ୍ତ, ସମସ୍ୟାରେ ୫୦ ପରିବାର

**କଲ୍ୟାଣସିଂପୁର,୨୭।୮ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅଧୀନ ମାଝୀଗୁଡା ପଞ୍ଚାୟତର କତାଗୁଡା ଗ୍ରାମରେ ପ୍ରାୟ ୫୦ରୁ ଅଧିକ ପରିବାର ବାସ କରୁଛନ୍ତି । ଗ୍ରାମକୁ ଯିବା ପାଇଁ ଥିବା ପ୍ରଧାନ ରାସ୍ତା ବର୍ଷାରେ କାଦୁଅରେ ପରିଣତ ହୋଇଥିବାରୁ ଗ୍ରାମବାସୀ ମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବର୍ଷା ବେଳେ ପାଣି ଭରିଯିବା ସହ କାଦୁଅରେ ଚାଲିବା କଷ୍ଟକର ହୋଇଯାଉଛି । ଏହାର ପରିଣତିରେ ଛୋଟ ଛୋଟ ଶିଶୁମାନେ ବିଦ୍ୟାଳୟ, ରୋଗୀମାନେ ହସ୍ପିଟାଲ୍ ଓ ଗ୍ରାମବାସୀମାନେ ଦୈନିକ କାମରେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଗ୍ରାମବାସୀଙ୍କ କହିବା ଅନୁସାରେ, ବହୁବାର ଏହି ସମସ୍ୟାକୁ ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନଙ୍କୁ ଅବଗତ କରାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରୟାସ ହୋଇନାହିଁ । ବିଶେଷତଃ ବର୍ଷାଋତୁରେ ଏହି ରାସ୍ତା ପାଇଁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଥାଏ । ଗୁରୁତର ରୋଗୀଙ୍କୁ ହସ୍ପିଟାଲ୍ ପହଞ୍ଚାଇବା ସମୟରେ ବଡ଼ କଷ୍ଟ ହୋଇଥାଏ। ଗ୍ରାମରେ ୫୦ରୁ ଅଧିକ ପରିବାର ବସବାସ କରିଥିଲେ ମଧ, ସଠିକ ରାସ୍ତା ବ୍ୟବସ୍ଥା ନଥିବାରୁ ସମସ୍ତଙ୍କ ଜୀବନ ଦୁର୍ଭୋଗରେ ପରିଣତ ହୋଇଛି । ଗ୍ରାମବାସୀମାନଙ୍କ ଦାବି ସରକାର ଓ ପ୍ରଶାସନ ଶୀଘ୍ର ପଦକ୍ଷେପ ନେଇ ଏହି ରାସ୍ତାକୁ ପକା କିମ୍ବା ଗମନାଗମନ ଯୋଗ୍ୟ କରିଦିଅନ୍ତୁ । ଗ୍ରାମବାସୀମାନଙ୍କ ଆଶା, ସରକାରୀ ପ୍ରୟାସ ଯଦି ଶୀଘ୍ର ଆରମ୍ଭ ହୁଏ ତେବେ କତାଗୁଡା ଗ୍ରାମର ଲୋକମାନେ ଅସୁବିଧାରୁ ମୁକ୍ତି ପାଇପାରିବେ ।



## ୨୪ ବର୍ଷରେ ପଦାର୍ପଣ କଲା ଛଚିଣା ବିବିସି ୟୁଥ କ୍ଲବର ଗଣେଶ ପୂଜା



**ଦଶରଥପୁର,୨୭।୮ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଛଚିଣା ପଞ୍ଚାୟତସ୍ଥ ଛଚିଣା ଗ୍ରାମର ବିବିସି ୟୁଥ କ୍ଲବ ଆନୁକୂଲ୍ୟରେ ଗଜାନନ ପ୍ରଭୁ ଗଣେଶଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ପୂଜା ୨୪ ବର୍ଷରେ ପଦାର୍ପଣ କରିଥିବା ବେଳେ ମୃଣ୍ମୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜା ଯାଇଥିବା ଦେଖିବା ପାଇଁ ମିଳିଛି। ବାଜା ବାଣ ରୋଷଣୀ ମାଧମରେ କଳସ ଶୋଭାଯାତ୍ରା କରାଯାଇ ଗ୍ରାମସ୍ଥ ପୁଷ୍କରିଣୀରେ କଳସ ବୁଡ଼ାଯିବା ପରେ ପୂଜା କାର୍ଯ୍ୟ ରୀତିନୀତି ଅନୁଯାଇ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ପୂଜାରେ ସତ୍ୟପ୍ରଦୀପ ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ସଙ୍ଗମିତ୍ରା ପଣ୍ଡା ମହାପାତ୍ର ସଂକଳ୍ପ କରିଥିବା ବେଳେ ପୂଜକ ଭାବଗ୍ରାହୀ ପଣ୍ଡା ପୂଜାର୍ଚନା କରୁଛନ୍ତି। ଆଜି ଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ ୩୦ତାରିଖ ସଂନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ୧ ତାରିଖରେ ବିଶ୍ୱଶାନ୍ତି ମହାଜଜ୍ଞ ଓ ୨ ତାରିଖରେ ଭଷାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଏହି ପୂଜାରେ ବିଶେଷତ୍ୱ ହେଉଛି ୭ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ଗ୍ରାମକୁ ଆମିଷ ସମ୍ପୂର୍ଣ୍ଣ ନିଷେଧ କରାଯାଇଥାଏ ଓ ପୂଜା ପାଇଁ ଗ୍ରାମଟି ଉତ୍ସବ ମୁଖର ହୋଇଉଠିଥିବା ବେଳେ ପୂଜା ପାଇଁ ବିଦେଶରେ ଥିବା ଯୁବକ ଯୁବତୀମାନେ ବିଦେଶରୁ ଗାଁକୁ ଆସି ପୂଜାରେ ସାମିଲ ହୋଇଥାନ୍ତି। ସେହିପରି ପୂଜା ମଣ୍ଡପ ନିକଟରେ ପ୍ରତ୍ୟେହ ୨ ବେଳା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସଂନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଗ୍ରାମବାସୀ ମାନଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମର ଆବାଳ ବୃଦ୍ଧ ବନିତା ଏହି ପୂଜାରେ ସାମିଲ ହୋଇଥାନ୍ତି।

## ସ୍କୁଲ୍‌ରେ ନାଚୁଥିବା ବେଳେ ଟଳି ପଡ଼ିଲେ ୯ମ ଶ୍ରେଣୀର ଛାତ୍ର



**ନୀଳଗିରି,୨୭।୮ (ସଂଚାର ବ୍ୟୁରୋ):** ଉତ୍ସବମୁଖର ଥିଲା ସ୍କୁଲ ପରିସର। ସାଙ୍ଗସାଥୀରେ ପିଲାମାନଙ୍କ ସାଥିରେ ଗୀତର ତାଳେତାଳେ ନାଚୁଥିଲେ ନବମ ଶ୍ରେଣୀରେ ଛାତ୍ର ପ୍ରୀୟାଂଶୁ। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତଳେ ପଡ଼ିଯାଇଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ଦଉଡ଼ି ଆସିଥିଲେ। ମାତ୍ର ସେହିଠାରେ ଛାତ୍ରଟିର ପ୍ରାଣବାୟୁ ଉଡ଼ିଯାଇଥିଲା। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମରେ।

ଗ୍ରାମର ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୪ବର୍ଷୀୟ ପୁଅ ପ୍ରିୟାଂଶୁ ପ୍ରିତମ ନିକଟସ୍ଥ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ବେଳେ ଆଜି ଗଣେଶ ଚତୁର୍ଥୀ ଅବସରରେ ଗଜାନନଙ୍କ ପୂଜାରେ ସାମିଲ ହୋଇଥିଲେ। ପୂଜାସାରି ସାଙ୍ଗସାଥିଙ୍କ ସହିତ ଖେଳୁଥିବା ବେଳେ ହଠାତ୍ ଗଣେଶଙ୍କ ବିଗ୍ରହ ସମ୍ମୁଖରେ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ପରିବାର ଲୋକେ ଦୁଃଖରେ ମ୍ରୀୟମାଣ ହୋଇପଡିଛନ୍ତି। ବାପା ଲକ୍ଷ୍ମୀନାରାୟଣ ଏବଂ ମାଆ ମାଳତୀ ଦାସବାବୁଙ୍କର ଦୁଇ ପୁଅ ମଧ୍ୟରୁ ପ୍ରୀୟାଂଶୁ ବଡ଼ପୁଅ ଥିଲେ। ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ପ୍ରସ୍ତୁତି

**ନବରଙ୍ଗପୁର,୨୭।୮ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଶନିବାର ଦିନ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ର ଅଧକ୍ଷ ଶ୍ରୀଯୁକ୍ତ. ସୁବ୍ରତ ମହାନ୍ତିଙ୍କ ଆଦେଶ କ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦହାଣ୍ଡି ଓ ଝରିଗାଁ ରେ ଥିବା ବିଚାରାଳୟ ଗୁଡିକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧୀନ ମକଦ୍ଦମା ଯଥା-ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦୁତ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଇତ୍ୟାଦି ମକଦ୍ଦମାର ଅପୋକ୍ଷ ସହମତିରେ ସହଜ, ଚୁଡାନ୍ତ ଏବଂ ଅମଳଯୋଗ୍ୟ ସମାଧାନ ହୋଇଥାଏ । ଏହି ଲୋକ ଅଦାଲତରେ କେବଳ ବିଚାରଧୀନ ମକଦ୍ଦମା ନୁହେଁ, ବରଂ ପ୍ରାକ- ମକଦ୍ଦମା ସ୍ତରୀୟ (ମକଦ୍ଦମାକୁ ଯିବା ପୂର୍ବରୁ) ବିବାଦ ଯଥା- ବ୍ୟାଙ୍କ ଋଣ ଦେୟ, ବିଜୁଳି/ ଜଳଯୋଗାଣ ଦେୟ, ଚେକ ବାଉନ୍ସ ସମ୍ବନ୍ଧିୟ ବିବାଦ, ଶ୍ରମବିବାଦ ଇତ୍ୟାଦିର ଅପୋକ୍ଷ ସହମତିରେ ସମାଧାନ ମଧ ହୋଇପାରିବ । ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର, ତାଲୁକ ଆଇନ ସେବା କମିଟି, ଉମରକୋଟ ଓ ଚନ୍ଦହାଣ୍ଡି ସହ ତୁରନ୍ତ ଯୋଗାଯୋଗ କରନ୍ତୁବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସାଇ ଅଭିପ୍ସା ଗୋଚ୍ଛାୟତ ସୂଚନା ଦେଇଛନ୍ତି।

## ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ବେତନଟୀ,୨୭।୮ (ସଂଚାର ବ୍ୟୁରୋ):** ବେତନଟୀକୁ ଏନଏସି ମାନ୍ୟତା ପ୍ରଦାନ ବହୁ ଦିନ ଧରି ହୋଇ ଆସୁଥିବା ବେଳେ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭାଗୀୟ ମନ୍ତ୍ରୀଙ୍କ ପଦକ୍ଷେପ ପରେ ରାଜ୍ୟରେ ବାରଟି ଏନଏସି ଘୋଷଣା ହେବା ତାଲିକାରେ ବେତନଟୀ ସହିତ କେବଳ ସଦର ସବ ଡିଭିଜନ ବାରିପଦା ଅଧିନରେ ଚିତ୍ରଡା ଓ ବାଙ୍ଗିରିପୋଷି ରହିଥିବା ଯୋଗୁଁ



ଏହାକୁ ସ୍ୱାଗତ କରାଯାଇଛି । ଏଣୁ ଆଜି ବେତନଟୀ ର ବିଭିନ୍ନ ଅନୁଷ୍ଠାନ ଯଥା ବିକାଶ ମଞ୍ଚ ସିଭିଲ ସୋସାଇଟି ବରିଷ୍ଠ ନାଗରିକ ମଞ୍ଚ ମାରୱାଡି ଯୁବ ମଞ୍ଚ ବେତନଟୀ ବଣିକ ସଂଘ ରୋଟାରୀ କ୍ଲବ ବେତନଟୀ ଓକିଲ ସଂଘ ବେତନଟୀ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କ ପକ୍ଷରୁ ଆଜି ସଂଧ୍ୟାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହା ସହିତ ବେତନଟୀ ବିକାଶ ମଞ୍ଚ ପକ୍ଷରୁ ବେତନଟୀକୁ ରାଜସ୍ୱ ସବ୍ ଡିଭିଜନର ମାନ୍ୟତା ପ୍ରଦାନ ପାଇଁ ମଞ୍ଚର ଆବାହକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଏବଂ ସଂଯୋଜକ ଅରୁଣ କୁମାର ଓତା ପ୍ରମୁଖ ଦାବି ପତ୍ର ପ୍ରଦାନ କରିଥିଲେ।

## ସିଏମ କିଷାନ ସହାୟତା ରାଶି ହସ୍ତାନ୍ତର



**ନବରଙ୍ଗପୁର,୨୭।୮ (ସଂଚାର ବ୍ୟୁରୋ):** ରାଜ୍ୟର କୃଷକମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ 'ସିଏମ କିସାନ୍' ଯୋଜନା ଅଧୀନରେ ରବି ୨୦୨୫-୨୬ ବର୍ଷ ପାଇଁ ସହାୟତା ଅର୍ଥରାଶି ହସ୍ତାନ୍ତର କାର୍ଯ୍ୟକ୍ରମ ଭୁବନେଶ୍ୱର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଏହାର ସିଧା ପ୍ରସାରଣ କରାଯାଇଥିଲା ଏବଂ ଉପସ୍ଥିତ ହିତାଧିକାରୀ ଚାଷୀ ଯୋଡ଼ି ହୋଇ ଥିଲେ। କୃଷିଭିତ୍ତିକ ଗଣପର୍ବ ନୂଆଖାଇର ଶୁଭ ଅବସରରେ ପ୍ରତ୍ୟେକ ହିତାଧିକାରୀ ଚାଷୀମାନଙ୍କ ଖାତାକୁ ଡିବିଟି ମାଧମରେ ୨୦୦୦ଟଙ୍କା ଜମା କରାଗଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ମିଶନ ଶକ୍ତି ସମ୍ମିଳନୀ ଗୃହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ଲୋକସଭା ସାଂସଦ ବଳଭଦ୍ର ମାଝି,ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝି , ମାନ୍ୟବର ବିଧାୟକ କୋଟପାଡ଼ ରୁପୁ ଭତରା ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭରେ ଯୋଗଦେବା ସହ କୃଷକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାରେ ମୋଟ ୧,୬୦,୪୫୩ ଜଣ ହିତାଧିକାରୀ ଚାଷୀଙ୍କ ଜମାଖାତାକୁ "ସିଏମ କିସାନ" ଅର୍ଥ ରାଶି ପ୍ରଦାନ କରାଗଲା। ଏହି ସହାୟତା ଦ୍ୱାରା ଜିଲ୍ଲାର କୃଷକମାନେ ନୂତନ ଆଶା ଓ ଉତ୍ସାହ ସହିତ ଚାଷ କାର୍ଯ୍ୟରେ ଆଗେଇ ପାରିବେ ବୋଲି ଆଶା କରାଯାଉଛି।

## କୁଳଡିହାରୁ ପୁଣି ଦୁଇ ଶିକାରୀ ଗିରଫ



**ନୀଳଗିରି,୨୭।୮ (ସଂଚାର ବ୍ୟୁରୋ):** କୁଳଡିହା ଅଭୟାରଣ୍ୟରୁ ପୁଣି ଦୁଇ ଶିକାରୀଙ୍କୁ ଧରାଇଦେଲା ଟ୍ରାପ୍ କ୍ୟାମେରା । ଝରଣାଘାଟି ସେକ୍ସନ ଚେମଚଟା ବିଟ୍ ଜଙ୍ଗଡାବିଳ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଦୁଇଟି ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅଗଷ୍ଟ ୯ତାରିଖ ଭୋର ୫.୦୫ରେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ଦରଖୋଲି ଅଞ୍ଚଳ ପିଣ୍ଡାବସା ଗ୍ରାମର ଦାମ ସମଦ(୨୩) ଏବଂ ଉକ୍ତ ଗ୍ରାମର ସୁଦର୍ଶନ ବିଶ୍ୱାଳ(୫୮) କୁଳଡିହା ରେଞ୍ଜରେ ପଶୁ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। ଗତ ଅଗଷ୍ଟ ୨୬ତାରିଖ ସକାଳ ୬.୧୫ ସମୟରେ କୁଳଡ଼ିହା ବନବିଭାଗ ଏବଂ ସୋର ବନବିଭାଗର କର୍ମଚାରୀ ଉଭୟ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଗୁଳିଭର୍ତ୍ତି ଦେଶୀବନ୍ଧୁକ, କାଣ୍ଡ, ଧନୁତୀର, କୁରାଢି, କତା, ହରିଣ ଶିଙ୍ଗ, ଛୁରୀ , ଫାଶ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତକରି ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଅଧିକ ତଦନ୍ତ ଚାଲିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

## କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିମାନଙ୍କ ଦାୟାଦଙ୍କୁ ଅନୁକମ୍ପା ରାଶି ପ୍ରଦାନ



**ବଲାଙ୍ଗିର,୨୭।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟଠାରେ, ସରକାରଙ୍କ କେନ୍ଦୁପତ୍ର ତୋଳାଳୀ, ବାନ୍ଧଳୀ କଲ୍ୟାଣ ପାଣ୍ଠି ତରଫରୁ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେ, ଆଇ.ଏଫ୍.ଏସ୍‌ଙ୍କ ଦ୍ୱାରା ଆଜି ୪୩ ଜଣ ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ଦାୟାଦମାନଙ୍କୁ ୨ଲକ୍ଷ ଟଙ୍କା ହିସାବରେ ୮୬ଲକ୍ଷ ଟଙ୍କାର ବ୍ୟାଙ୍କ ଚେକ୍ ପ୍ରଦାନ କରାଯାଇଥିଲା। ଡି.ଏଫ୍.ଓ ତାଙ୍କ ବକ୍ତବ୍ୟରେ କେନ୍ଦୁପତ୍ର ବିଭାଗର ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ବିଷୟରେ ଅବଗତ କରାଇଥିଲେ। ଅନୁକମ୍ପା ରାଶି ପ୍ରଦାନ ସଭାରେ ଅଧକ୍ଷା ବଲାଙ୍ଗିର ଜିଲ୍ଲା ପରିଷଦ ଦେବକୀ ସାହୁ, ଅଧକ୍ଷା ବଲାଙ୍ଗିର ସଦର ବ୍ଲକ ସରିତା ବାଗ ଓ ଶିବଦତ୍ତ ମିଶ୍ର ଜିଲ୍ଲାପରିଷଦ ପୁଇଁନ୍ତଲା ଉପସ୍ଥିତ ରହି ସମସ୍ତ ଶୋକତପ୍ତ ହିତାଧିକାରୀଙ୍କୁ ଶାନ୍ତ୍ୱନା ଦେଇ ଚେକ୍ ପ୍ରଦାନ ସହ ମାଆକୁ ଗଛଟିଏ ସ୍ୱରୁପ ଚାରାଗଛ ପ୍ରଦାନ କରିଥିଲେ। ସୂର୍ଯ୍ୟନାରାୟଣ ବେଜ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଧିର କୁମାର ତ୍ରିପାଠି ସଭା ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ସିଏମ କିଷାନ ସହାୟତା ରାଶି ବଣ୍ଟନ

**ସୁନ୍ଦରଗଡ଼,୨୭।୮ (ସଂଚାର ବ୍ୟୁରୋ):** ଅଗଷ୍ଟ ୨୭ ତାରିଖ ବୁଧବାର ଦିନ ସଂସ୍କୃତି ଭବନଠାରେ ସିଏମ କିଶାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରଠାରେ ହୋଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସ୍ଥିତ ଓ.ୟୁ. ଏ. ଟି. ସଭାଗୃହଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପ୍ରାୟ ୫୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନଙ୍କ ଆକାଉଣ୍ଟକୁ ଡିବିଟି ମାଧମରେ ସିଧାସଳଖ ରବି ୨୦୨୫-୨୬ର ସିଏମ କିଶାନ ସହାୟତା ରାଶି ହସ୍ତାନ୍ତର କରିଥିଲେ।

ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡିଶା ବିଧାନ ସଭାର ଉପ- ବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ସୁଶ୍ରୀ ତେଜସ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

ଆଜି ସିଏମ କିଶାନ ଅନ୍ତର୍ଗତ ସୁନ୍ଦରଗଡ଼ ଜିଲ୍ଲାର ୧୮୫୯୫୫ ଜଣ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସହାୟତା ରାଶି ହସ୍ତାନ୍ତର ହୋଇଅଛି। ସେମାନଙ୍କ ମଧ୍ୟରୁ ବାଲିଶଙ୍କରା ବ୍ଲକରୁ ୧୪୭୬୬, ବଡ଼ଗାଁରୁ ୧୨୨୯୨, ବିଶ୍ରାରୁ ୭୬୨୫, ବଣାଇରୁ ୯୩୭୦, ଗୁରୁଣ୍ଡିଆରୁ ୯୦୭୩, ହେମଗିରିରୁ ୯୮୬୪, କୋଇଡାରୁ ୬୨୫୫, କୁଆଁରମୁଣ୍ଡାରୁ ୧୩୧୭୮, କୁତ୍ରାରୁ ୧୧୯୭୫, ଲହୁଣୀପଡ଼ାରୁ ୧୨୩୫୧, ଲାଠିକଟାରୁ ୯୫୧୭, ଲେଫ୍ରିପଡ଼ାରୁ ୧୨୭୯୦, ନୂଆଗାଁରୁ ୧୫୫୪୯, ରାଜଗାଙ୍ଗପୁରରୁ ୧୨୭୧୨, ସବଡେଗାରୁ ୯୭୯୩, ସଦରରୁ ୯୬୯୭ ଏବଂ ଟାଙ୍ଗରପାଲି ବ୍ଲକରୁ ୯୧୪୮ ଜଣ ଚାଷୀ ରହିଛନ୍ତି।

## ଛତିଶଗଡ଼ ବନବିଭାଗର ଚଢ଼ଉ; ୧୦ ଲକ୍ଷ ଟଙ୍କାର କାଠ ଜବତ, ୨ ଗିରଫ



**ରାଇଘର,୨୭।୮ (ସଂଚାର ବ୍ୟୁରୋ):** ଛତିଶଗଡ଼ ଗରିଆବନ୍ଧ ବନ ବିଭାଗର ରାତି ଅଧିଆ ଚଢ଼ଉ। ଜବତ ହୋଇଛି ୧୦ ଲକ୍ଷରୁ ଅଧିକ ଟଙ୍କାର ମୂଲ୍ୟବାନ କାଠ ଏବଂ କାଠରୁ ନିର୍ମିତ ବିଭିନ୍ନ ସାମଗ୍ରୀ। କାରବାରରେ ଜବତ ହୋଇଛି ଗୋଟିଏ ଭ୍ୟାନ, ଦୁଇଟି ବାଇକ୍ ଏବଂ ୨ ଜଣଙ୍କୁ ଗିରଫ କରାଯାଇଛି। ଛତିଶଗଡ ସୀତା ନଦୀ ବ୍ୟାଘ୍ର ଅଭୟାରଣ୍ୟରୁ ଏହି କାଠ ଚାଲାଣ ହୋଇଥିବା ଜଣାପଡ଼ିବା ପରେ ଏଠାରେ ଚଢଉ କରିଥିଲା ଗରିଆବନ୍ଧ ବନ ବିଭାଗର ୪୦ ଜଣିଆ ଟିମ୍ । ଗରିଆବନ୍ଧ ଡିଏଫ୍‌ଓ ବରୁଣ ଜୈନଙ୍କ ସୂଚନା ଅନୁଯାୟୀ, ସୀତାନଦୀ ବ୍ୟାଘ୍ର ଅଭୟାରଣ୍ୟରୁ କାଠ ଚୋରା ଚାଲାଣ ହୋଇଥିବା ଏବଂ ଏଥିରେ ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳର କେତେକ ବେପାରୀ ସାମିଲ ଥିବା ଜଣାପଡ଼ିଥିଲା। ଏହାପରେ ବିଭାଗର ୪୦ଜଣ କର୍ମଚାରୀଙ୍କୁ ନେଇ ଗଢାଯାଇଥିଲା ସ୍ୱତନ୍ତ୍ର ଟିମ୍। ଏହି ଟିମ୍ ସୋମବାର ବିଳମ୍ବିତ ରାତିରେ ରାଇଘର ଅଞ୍ଚଳର ସୋନପୁର ଗାଁରେ ଚଢଉ କରିଥିଲା।

# କୃଷି ବିଶ୍ୱବିଦ୍ୟାଳୟ ଦାବିରେ କଂଗ୍ରେସର ବିକ୍ଷୋଭ

**ବଲାଙ୍ଗିର,୨୭।୮ (ସଂଚାର ବ୍ୟୁରୋ):** ବିଧାନସଭାରେ କେବିକେରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ଘୋଷଣା କରିଥିଲେ ମହାମହିମ ରାଜ୍ୟପାଳ କିନ୍ତୁ ବିଜେଡି ସରକାର ନିଜ କଥାକୁ କାର୍ଯ୍ୟକାରୀ ନ କରି ବଲାଙ୍ଗିର ପ୍ରତି ବିଶ୍ୱାସଘାତକ କରିଛି ଠିକ୍ ସେହିପରି ବିଜେପି ସରକାରର ଉପମୁଖ୍ୟମନ୍ତ୍ରୀ ଯେ କି ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି, ବିରୋଧିରେ ଥିଲା ବେଳେ କୃଷି ବିଶ୍ୱ ବିଦ୍ୟାଳୟ ଦାବି କରି ଆସୁଥିଲେ ଏବେ ସରକାରକୁ ଆସିଲା ପରେ ନ୍ୟାର୍ଯ୍ୟ ଦାବିରୁ ପଛଘୁଞ୍ଚା ଦେଇ ବଲାଙ୍ଗିରବାସୀଙ୍କୁ ଉପେକ୍ଷା କରିଛନ୍ତି ବୋଲି ଆଜି ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ଅଫିସ ସମ୍ମୁଖରେ ଅନୁଷ୍ଠିତ କୃଷି ବିଶ୍ୱ ବିଦ୍ୟାଳୟ ଦାବିକୁ ନେଇ ବିକ୍ଷୋଭ ସମାବେଶରେ ଯୋଗ ଦେଇ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର ଉଭୟ ବିଜେଡି ଓ ବିଜେପି ନେତୃତ୍ୱ ବିରୁଦ୍ଧରେ ଗର୍ଜିଛନ୍ତି।



ଏହି ସମାବେଶରେ ସେ ଆହୁରି ମଧ କହିଛନ୍ତି ଯେ ବଲାଙ୍ଗିର ଏକ କୃଷି ପ୍ରଧାନ ଜିଲ୍ଲା ଏଠାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହୋଇପାରିଲେ କୃଷି ସମ୍ବନ୍ଧୀୟ ଗବେଷଣା ସମ୍ଭବ ହେବ। ଆମ ଅଞ୍ଚଳ କମ୍ ବୃଷ୍ଟିପାତ ଅଞ୍ଚଳ ହୋଇଥିବାରୁ କମ୍ ପାଣି ଦରକାର ହେଉଥିବା ବିଭିନ୍ନ ଫସଲର ବିହନ ଉଦ୍ଭାବନ କରିବାରେ ଏହା ସହାୟକ ହେବ, ତା ସହ ପଶୁ, ମତ୍ସ୍ୟ ପାଳନ ଦିଗରେ ନୂତନ କୌଶଳ ପ୍ରୟୋଗ ପାଇଁ କୃଷି ବିଶ୍ୱ ବିଦ୍ୟାଳୟର ଗବେଷଣା ରାସ୍ତା ଦେଖାଇବ ଯାହା ଦ୍ୱାରା କି ଏ ଅଞ୍ଚଳର ସମଗ୍ରୀକ ଅର୍ଥନୈତିକ ବିକାଶ ସାଙ୍ଗକୁ କୃଷି ଓ କୃଷକର ଉନ୍ନତି ହେବ। କିନ୍ତୁ ଦୁଃଖର ବିଷୟ ୨୦୧୪ ମସିହାରେ କେବିକେରେ ଘୋଷଣା ହୋଇଥିବା କୃଷି ବିଶ୍ୱ ବିଶ୍ୱ ବିଦ୍ୟାଳୟ ସ୍ଥାପନକୁ ନେଇ କୌଣସି ପଦକ୍ଷେପ ନ ନେବା ବଲାଙ୍ଗିର ପ୍ରତି ଯେପରି ବିଜେଡି ଦଳ ବେଇମାନ କରିଛି ତାକୁ ଲୋକ ଭୁଲିବେ ନାହିଁ।

ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବିଶ୍ୱ ବିଦ୍ୟାଳୟ ଦାବି ପ୍ରତି ବର୍ତ୍ତମାନ ସରକାରର ଆଭିମୁଖ୍ୟକୁ ନେଇ କଂଗ୍ରେସ ନେତା ବିରେନ୍ଦ୍ର ବାଗ, ଓମ୍ ପ୍ରକାଶ କୁମ୍ଭାର, ଦିଲିପ ବେହେରାଙ୍କ ସମେତ ବହୁ କଂଗ୍ରେସକର୍ମୀ ଓ ସମର୍ଥକ ସାମିଲ ଥିଲେ। ବିକ୍ଷୋଭ ସମାବେଶ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୃଷି ବିଶ୍ୱ ବିଦ୍ୟାଳୟ ଦାବୀ ସମ୍ବନ୍ଧିୟ ଏକ ସ୍ମାରକ ପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା।

## କୂଅରେ ପଡ଼ି ଯୁବକ ମୃତ

**କଳିଙ୍ଗନଗର,୨୭।୮ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଦାନଗଦୀ ଗାଁ ରେ ଏକ ଅଭାବନୀୟ ଅଘଟଣ ଘଟିଛି, ଜଣେ ଯୁବକ ଗତକାଲି ରାତିରୁ ନିଖୋଜ ଥିଲେ ଆଜି କୂଅରେ ଚପଲ ଭାସୁଥିବା ଦେଖି କୂଅରୁ ଯୁବକ ଙ୍କ ମୃତ ଦେହ ଉଦ୍ଧାର ହୋଇଛି, ଖବର ମତେ ଦାନଗଦି ଗାଁ ର ସନାତନ ପାତ୍ରଙ୍କ ପୁଅ ଚନ୍ଦନ ପାତ୍ର (୫୩) ଗତକାଲି ରାତିରୁ ନିଖୋଜ ଥିଲେ, ଆଜି ସକାଳୁ ଘର ଲୋକ ତାଙ୍କ ଘର ପାଖରେ ଥିବା କୂଅରେ ଚପଲ ଭାସୁ ଥିବାର ଦେଖି ଗ୍ରାମବାସୀ ଙ୍କ ସହଯୋଗ ରେ ତାଙ୍କୁ କୂଅରୁ ମୃତ୍ୟୁ ଅବସ୍ଥାରେ ଉଦ୍ଧାର କରିଥିଲେ, ପରେ ପରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୃତ ଦେହ ବ୍ୟବଛେଦ ପାଇଁ ନେଇ ଭର୍ତ୍ତୀ କରିଥିଲେ, ଏହି ଅଘଟଣ ପରେ ପରିବାରରେ ରୋଜଗାରକ୍ଷମ ମୁରୁବୀଙ୍କୁ ହରାଇ ଦୁଃଖର ଛାୟା ଖେଳି ଯାଇଛି।



## ହତ୍ୟା ଅଭିଯୁକ୍ତା ନିର୍ଦ୍ଦୋଷରେ ଖଲାସ

**କଳିଙ୍ଗନଗର,୨୭।୮ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କାଳିଆପାଣି ଅଞ୍ଚଳରେ ଚାରି ବର୍ଷ ପୂର୍ବେ ୨୦୨୨ ମସିହାରେ ହୋଇଥିବା ଏକ ବହୁ ଚର୍ଚ୍ଚିତ ହତ୍ୟା ମାମଲାରେ ଜଣେ ମହିଳା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଖବର ମୁତାବକ ୬.୧୦.୨୦୨୨ରେ କାଳିଆପାଣି ଥାନା ଅନ୍ତର୍ଗତ ଖରଡ଼ାଗାଡ଼ିଆ ଅଞ୍ଚଳର ବାଲମା ବଦରା(୩୪), ସୁବଳ ମୁଣ୍ଡା ସାହି ଗ୍ରାମର ରାଜୁ ଚାମ୍ପିୟାକୁ ମଙ୍ଗଳପୁର ସମିଲ ପାଖ କେନାଲ କୂଳରେ ମୁଣ୍ଡକୁ ପଥରରେ ଛେଚି ଓ ଅଣ୍ଡକୋଷକୁ ବ୍ଲେଡରେ କାଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏସଟି କେସ ନମ୍ବର ୬/୨୦୨୩ରେ ପୁଲିସ ତଦନ୍ତ କରି ଦଫା ୩୦୨ ଆଇପିସିରେ ଆସାମୀକୁ ଗିରଫ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାନ୍ୟବର ଅଦାଲତ ପୁଲିସ, ଡାକ୍ତର ଅନ୍ୟାନ ସମୁଦାୟ ୨୩ ଜଣଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲେ। ଶେଷରେ ଆସାମୀଙ୍କ ଓକିଲ, ସରକାରୀ ଓକିଲଙ୍କ ଯୁକ୍ତି, ଜବାବ ସୁଆଲ ଶୁଣିଲା ପରେ ମାନ୍ୟବର ଆଡ଼ିସିନାଲ ସେସନ ଜଜ ଯାଜପୁର ରୋଡ଼ ଅଦାଲତ ୨୬ ତାରିଖରେ ଆସାମୀ ବାଲମା ବଦରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି କେସରେ ଆସାମୀଙ୍କ ପକ୍ଷରୁ ଆଡ଼ଭୋକେଟ ସୁବାଷ ଚନ୍ଦ୍ର ବଳସାମନ୍ତ ମକଦ୍ଦମା ଲଢୁ ଥିଲେ।

# ରିଲିଜ୍ ପୂର୍ବରୁ ବିବାଦରେ 'ପରମ ସୁନ୍ଦରୀ'



ପ୍ରେକ୍ଷାଳୟକୁ ଆସିବା ଆଗରୁ ବିବାଦରେ ଫସିଛି ଫିଲ୍ମ 'ପରମ ସୁନ୍ଦରୀ'। ଜାହ୍ନବୀ କପୁର ଏବଂ ସିଦ୍ଧାର୍ଥ ମଲହୋତ୍ରାଙ୍କ ଅଭିନୀତ ଏହି ଫିଲ୍ମର ଗୀତଗୁଡ଼ିକୁ ଇତିମଧ୍ୟରେ ଦର୍ଶକ ପସନ୍ଦ କରିଛନ୍ତି। କିନ୍ତୁ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଗୋଟିଏ ଗୋଷ୍ଠୀ ଫିଲ୍ମଟିକୁ ନେଇ ଆପତ୍ତି ଉଠାଇଛନ୍ତି। ଧର୍ମୀୟ ଭାବବେଗରେ ଆଘାତର ଅଭିଯୋଗ ଉଠିଛି ଏହି ଫିଲ୍ମ ବିରୁଦ୍ଧରେ। ବିଶେଷ କରି ଗୋଟିଏ ଗୀତର ଦୃଶ୍ୟକୁ ନେଇ ସେମାନେ ଆପତ୍ତି କରିଛନ୍ତି। ଚର୍ଚ୍ଚ ଭିତରେ ପ୍ରେମରେ ମଜ୍ଜି ଯାଇଛନ୍ତି ଜାହ୍ନବୀ ଓ ସିଦ୍ଧାର୍ଥ । କିଭଳି ଭାବରେ ଧର୍ମୀୟ ସ୍ଥାନରେ ଘନିଷ୍ଠ ଦୃଶ୍ୟର ପ୍ରଦର୍ଶନ କରାଯାଇଛି, ସେ ନେଇ ସେ ଗୋଷ୍ଠୀ ପ୍ରଶ୍ନ ଉଠାଇଛନ୍ତି। ଏକ ଖ୍ରୀଷ୍ଟିୟ ସଂଗଠନ 'ଦ ୱାଚଡଗ୍ ଫାଉଣ୍ଡେସନ୍' ତରଫରୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନକୁ ଚିଠି ଲେଖିଛି। ମୁମ୍ବାଇ ପୁଲିସ, ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟ ଓ ମହାରାଷ୍ଟ୍ର ସରକାରଙ୍କ ପାଖରେ ଏହି ସଙ୍ଗଠନ ତରଫରୁ ଚିଠି ପଠାଯାଇଛି। ଏପରିକି ଫିଲ୍ମର ନିର୍ଦ୍ଦେଶକଙ୍କୁ ମଧ୍ୟ ସଂଗଠନ ତରଫରୁ ଚିଠି ପଠାଯାଇଛି। ଚିଠି ଜରିଆରେ ସେମାନେ ଅନୁରୋଧ କରିଛନ୍ତି ଫିଲ୍ମଟିରୁ ଏକ ବିଶେଷ ଦୃଶ୍ୟ ବାଦ୍ ଦିଆଯାଉ। ସଂଗଠନ ତରଫରୁ ଉଲ୍ଲେଖ କରାଯାଇଛି, ବର୍ତ୍ତମାନ ସମୟରେ ଇଚ୍ଛାକୃତ ଭାବେ ଫିଲ୍ମରେ ଏମିତି କିଛି ସିନ୍ ରଖାଯାଏ ଯାହାନେଇ ବିତର୍କ ସୃଷ୍ଟି ହୋଇପାରେ। ଦର୍ଶକମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ କିଛି ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଏପରି କରିଥାନ୍ତି। ଏସବୁ ବନ୍ଦ ହେବା ଦରକାର ବୋଲି ଉକ୍ତ ସଂଗଠନ ଦାବି କରିଛି।

## ଖୁବଶୀଘ୍ର ମା' ହେବେ ପରିଣୀତି ଚୋପ୍ରା

ମାତାପିତା ହେବେ ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ଆପ୍ ସାଂସଦ ରାଘବ ଚଢ୍ଢା। ଏନେଇ ଅଭିନେତ୍ରୀ ନିଜ ଇନଷ୍ଟାଗ୍ରାମରେ ଫଟୋ ସେୟାର କରି ଘୋଷଣା କରିଛନ୍ତି। ଏହି ଦମ୍ପତି ୨୦୨୩ ମସିହାରେ ବିବାହ କରିଥିଲେ। କିଛି ଦିନ ତଳେ ପରିଣୀତି ଚୋପ୍ରା ଏବଂ ରାଘବ ଚଢ୍ଢା 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶର୍ମା ସୋ'ରେ ଦେଖା ଦେଇଥିଲେ। ଏହି ସମୟରେ ରାଘବ କହିଥିଲେ ଯେ, ଆମେ ଖୁବ୍ ଶୀଘ୍ର ଖୁସି ଖବର ସେୟାର କରିବୁ। ହେଲେ ଖୁସି ଖବରଟି କ'ଣ ତାହା ସେ ଜଣାଇନଥିଲେ। ହେଲେ ଆଜି ଅଭିନେତ୍ରୀ ଓ ରାଘବ ସବୁ ଚର୍ଚ୍ଚାର ଅନ୍ତ ଘଟାଇ ମାତାପିତା ହେବାକୁ ଯାଉଥିବା ଘୋଷଣା କରିଛନ୍ତି। ଦୁହେଁ କରିଥିବା ପୋଷ୍ଟରେ ଏକ କେକ୍‌ର ଫଟୋ ରହିଛି। କେକ୍ ଉପରେ ୧+୧ =୩ ଲେଖାଯାଇଛି। ଏହା ସହ ଏକ କୁନି ପାଦର ଚିତ୍ର ରହିଛି। ଏହି ଫଟୋ ସହିତ ଏକ ଭିଡିଓ ମଧ୍ୟ ରହିଛି, ଯେଉଁଥିରେ ଉଭୟ ରାଘବ ଓ ପରିଣୀତି ପରସ୍ପରର ହାତ ଧରି ରାସ୍ତାରେ ଚାଲି ଚାଲି ଯାଉଛନ୍ତି। ଫଟୋର କ୍ୟାପସନରେ ଲେଖାଯାଇଛି ଯେ, "ଆମର ଛୋଟ ବ୍ରହ୍ମାଣ୍ଡ.. ଆସିବାର ପଥରେ...।"



## 'ବାଗି-୪'ରେ ହରନାଜ୍‌ଙ୍କ ନୂଆ ଲୁକ୍



ଟାଇଗର ଶ୍ରଫ୍ ଷ୍ଟାରର୍ 'ବାଗି-୪' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି ପୂର୍ବତନ ବ୍ରହ୍ମାଣ୍ଡ ସୁନ୍ଦରୀ ହରନାଜ୍ ସନ୍ଧୁ। ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ଜିତିବା ପରେ ହଠାତ୍ ଓଜନ ବଢ଼ିବା ଯୋଗୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏବେ କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଓଜନ କମାଇ ସେ ସମସ୍ତଙ୍କୁ ଚକିତ କରିଛନ୍ତି। ନିକଟରେ ମୁକ୍ତିପ୍ରାପ୍ତ 'ବହଲି ସୋହନି' ଗୀତ ତାଙ୍କ ଶାରୀରିକ ପରିବର୍ତ୍ତନର ପ୍ରମାଣ। ଗତ ଶୁକ୍ରବାର 'ବାଗି-୪' ଟିମ୍ 'ବହଲି ସୋହନି' ଗୀତ ରିଲିଜ୍ କରିଛନ୍ତି। ଏଥିରେ ଟାଇଗର ଓ ହରନାଜ୍‌ଙ୍କୁ ଦେଖିବାକୁ ମିଳିଛି। ହରନାଜ୍‌ଙ୍କ ନୂଆ ଲୁକ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଫ୍ୟାନ୍ ତାଙ୍କୁ ଆଧୁନିକ 'ଦେଶୀ ଗର୍ଲ' ବୋଲି କହୁଛନ୍ତି। ଶାଢ଼ି ଲୁକ୍‌ରେ ତାଙ୍କର ଶାରୀରିକ ପରିବର୍ତ୍ତନ ସ୍ପଷ୍ଟ ଦିଶୁଛି। ଚମତ୍କାର ନୃତ୍ୟ ଜରିଆରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି। ସୋସିଆଲ ମିଡିଆରେ ଫ୍ୟାନ୍ ତାଙ୍କ ପ୍ରଦର୍ଶନ ଏବଂ ଷ୍ଟାଇଲ୍ ଓ ସେଲିବ୍ରିଟି ଅନ୍ଦାଜ୍‌କୁ ପ୍ରଶଂସା କରିଛନ୍ତି। ଏ. ହର୍ଷଙ୍କ ନିର୍ଦ୍ଦେଶିତ 'ବାଗି-୪' ଏକ ଆକ୍ସନ୍-ପ୍ୟାକ୍‌ଡ ଥ୍ରିଲର୍। ଏଥିରେ ସଞ୍ଜୟ ଦତ୍ତ, ସୋନମ ବାଜୱା ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି। ଆସନ୍ତା ସେପ୍ଟେମ୍ବର ୫ରେ ଏହା ମୁକ୍ତିଲାଭ କରିବ।

## ବିବାହ ବନ୍ଧନରେ ବାନ୍ଧିହେଲେ ଗୋପୀ ବୋହୂ

ବିବାହ ବନ୍ଧନରେ ବାନ୍ଧି ହେଲେ ସାଥ ନିଭାନା ସାଥିୟା ଫେମ୍ ଅଭିନେତ୍ରୀ ଜିୟା ମାନେକ। ସେ ଏକ ବ୍ୟକ୍ତିଗତ ଉତ୍ସବରେ ବରୁଣ ଜୈନଙ୍କୁ ବିବାହ କରିଥିଲେ। ଏନେଇ ଜିୟା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଫଟୋ ପୋଷ୍ଟ କରି ସେ ଲେଖିଛନ୍ତି ଯେ,'ଭଗବାନ ଏବଂ ଗୁରୁଙ୍କ କୃପାରେ, ଆମେ ସବୁଦିନ ପାଇଁ ଏକାଠି ହୋଇଛୁ। ଆମେ ଦୁଇ ବନ୍ଧୁ ଥିଲୁ ଏବଂ ଆଜି ଆମେ ସ୍ୱାମୀ-ସ୍ତ୍ରୀ ହୋଇଛୁ। ଏହି ଦିନକୁ ସ୍ୱତନ୍ତ୍ର କରିଥିବା ଲୋକଙ୍କ ସ୍ନେହ,ଆଶୀର୍ବାଦ ଏବଂ ଶୁଭେଚ୍ଛା ପାଇଁ ମୁଁ ବହୁତ କୃତଜ୍ଞ।' ତେବେ ଫଟୋରେ ଜିୟା ଏକ ହଳଦିଆ ଶାଢ଼ି ପିନ୍ଧିଥିବାର ଦେଖିବାକୁ ମିଳିଛି । ଏହା ସହିତ ଟେମ୍ପଲ ଅଳଙ୍କାର ପିନ୍ଧିଥିଲେ। ସେମାନଙ୍କ ଇନଷ୍ଟାଗ୍ରାମ ପୋଷ୍ଟ ଅନୁସାରେ,ଜିୟା ମାନେକ ଏବଂ ବରୁଣ ଜୈନଙ୍କର ଭୂତ ଶୁଦ୍ଧି ବିବାହ ହୋଇଥିଲା। ପ୍ରକାଶ ଥାଉକି, ଏହା ଯୌଗିକ ଯୁଗର ସବୁଠାରୁ ପ୍ରାଚୀନ ବିବାହ ନୀତି । ଭୂତ ଶୁଦ୍ଧି ବିବାହ ହେଉଛି ଶରୀରରେ ଉପସ୍ଥିତ ପାଞ୍ଚଟି ଉପାଦାନକୁ ସଠିକ୍ ଉପାୟରେ ସଂଗଠିତ କରିବାର ପ୍ରକ୍ରିୟା।ଜିୟା ମାନେକଙ୍କ ବିଷୟରେ କହିବାକୁ ଗଲେ ସେ ସାଥ ନିଭାନା ସାଥିଆ,ତେରା ମେରା ସାଥ ରହେ, ଜିନି ଅର ଜୁଜୁ ଏବଂ ମନମୋହିନୀ ଭଳି ସିରିଏଲରେ ଅଭିନୟ କରିଛନ୍ତି। ସେ ସାଥ ନିଭାନା ସାଥିଆରୁ ତାଙ୍କର ଅଭିନୟକ୍ୟାରିଅର ଆରମ୍ଭ କରିଥିଲେ ।



## ୧୮ ବର୍ଷ ହେବ ହିଟ୍ ଫିଲ୍ମ ଦେଇନାହାନ୍ତି ଗୋବିନ୍ଦା

କମିକ ଟାଇମିଂ ଏବଂ ନିଜର ଡ୍ୟାନ୍ସ ମୁଭ୍ସ ଜରିଆରେ ବର୍ଷ ବର୍ଷ ଧରି ବଡ ପରଦାରେ ରାଜ କରିଛନ୍ତି ଗୋବିନ୍ଦା। ବର୍ତ୍ତମାନ ସେ ଅଭିନୟଠାରୁ ଦୂରରେ, କିନ୍ତୁ ପର୍ସନାଲ ଲାଇଫକୁ ନେଇ ପ୍ରାୟତଃ ଚର୍ଚ୍ଚାରେ ରହୁଛନ୍ତି। ସମ୍ପ୍ରତି ପତ୍ନୀ ସୁନୀତା ଅହୁଜାଙ୍କ ସହ ତାଙ୍କର ଛାଡପତ୍ରକୁ ନେଇ ଖୁବ ଆଲୋଚନା ହେଉଛି। ଜାଣି ଆଶ୍ଚର୍ଯ୍ୟ ହେବେ ଚଳଚ୍ଚିତ୍ରଠାରୁ ଦୂରରେ ରହିବା ପରେ ମଧ ଅଭିନେତା ରାଜକୀୟ ଜୀବନଯାପନ କରନ୍ତି । ୧୯୮୬ ମସିହାରେ ଗୋବିନ୍ଦା ତାଙ୍କ କ୍ୟାରିଅର୍ ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ ଫିଲ୍ମ ଥିଲା 'ଇଲଜାମ'। ଏହା ପରେ ସେ ଅନେକ ହିଟ୍ ଫିଲ୍ମରେ ଅଭିନୟ କରିଥିଲେ ଏବଂ ବଲିଉଡରେ ହିରୋ ନମ୍ବର ୱାନର ଟ୍ୟାଗ୍ ପାଇଥିଲେ। କିନ୍ତୁ ବର୍ତ୍ତମାନ ସେ ବର୍ଷ ବର୍ଷ ଧରି ଅଭିନୟରୁ ଦୂରେଇ ରହିଛନ୍ତି। ପ୍ରାୟ ୧୮ ବର୍ଷ ହେବ ସେ କୌଣସି ହିଟ୍ ଫିଲ୍ମ ମଧ ଦେଇନାହାଁନ୍ତି । ଏହା ସତ୍ତ୍ୱେ ସେ ରାଜକୀୟ ଜୀବନଯାପନ କରୁଛନ୍ତି। ଗୋବିନ୍ଦା ପ୍ରାୟ ୧୭୦ କୋଟି ଟଙ୍କା ମୂଲ୍ୟ ସମ୍ପତ୍ତିର ମାଲିକ । ସେ ଗୋଟିଏ ଫିଲ୍ମ ପାଇଁ ୬କୋଟି ଟଙ୍କା ଶୁଳ୍କ ଆଦାୟ କରନ୍ତି। ଫିଲ୍ମ ବ୍ୟତୀତ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ମଧ ତାଙ୍କ ଆୟର ଉତ୍ସ। ଏଥିପାଇଁ ସେ ୨ କୋଟି ଟଙ୍କା ଆଦାୟ କରୁଛନ୍ତି। ଏହା ବ୍ୟତୀତ ସେ ରିଅଲ ଇଷ୍ଟେଟରେ ବିନିଯୋଗ କରିଛନ୍ତି। ମୁମ୍ବାଇ ବ୍ୟତୀତ ଭାରତର ବିଭିନ୍ନ ସ୍ଥାନରେ ତାଙ୍କର ବିଳାସପୂର୍ଣ୍ଣ ପ୍ରପର୍ଟି ରହିଛି। ଜୁହୁରେ ତାଙ୍କର ୧୬ କୋଟି ଟଙ୍କା ମୂଲ୍ୟର ବିଳାସପୂର୍ଣ୍ଣ ଘର ଅଛି । ମଡ଼ ଦ୍ୱୀପରେ ତାଙ୍କର ଏକ ଘର ମଧ ଅଛି । ଯାହା ସେ ଶୁଟିଂ ପାଇଁ ଭଡ଼ାରେ ଦିଅନ୍ତି ।



## ନିର୍ଦ୍ଦେଶକ ଭାବେ ବଲିଉଡ୍‌ରେ ଏଣ୍ଟ୍ରି କଲେ ଶାହରୁଖଙ୍କ ପୁଅ

ବଲିଉଡ୍‌ର ବାଦଶାହ ଶାହରୁଖ ଖାନ। ବର୍ତ୍ତମାନ ତାଙ୍କ ପୁଅ ଆର୍ଯ୍ୟନ ୱେବ୍ ସିରିଜ୍ 'ଦ ବ୍ୟାଡ୍ସ ଅଫ୍ ବଲିଉଡ୍' ଜରିଆରେ ନିର୍ଦ୍ଦେଶନା ଜଗତରେ ଏଣ୍ଟ୍ରି କରିଛନ୍ତି। ବୁଧବାର ସିରିଜ୍‌ର ପ୍ରିଭ୍ୟୁ ଲଞ୍ଚ୍ ଇଭେଣ୍ଟ ଆୟୋଜିତ ହୋଇଥିଲା। ଏହାର ସଂଚାଳନା ଦାୟିତ୍ୱରେ ଥିଲେ ଶାହରୁଖ। ହାତରେ ଫ୍ୟାକ୍ଚର ଥାଇ ମଧ୍ୟ ଷ୍ଟାଇଲିଶ୍ ଲୁକ୍‌ରେ ଶାହରୁଖ୍ ଷ୍ଟେଜ୍ ଉପରକୁ ଏଣ୍ଟ୍ରି କରିଥିଲେ। ଇଭେଣ୍ଟରେ ଗୌରୀ ଓ ପୁଅ ଆର୍ଯ୍ୟନଙ୍କୁ ମଞ୍ଚ ଉପରକୁ ଡାକିଥିଲେ ଶାହରୁଖ୍। ଏହା ଉଭୟଙ୍କ ପାଇଁ ଖାସ୍ ମୁହୂର୍ତ୍ତ ଥିଲା। ସିନେ ଇଣ୍ଡଷ୍ଟ୍ରିରେ ପୁଅର ଗ୍ରାଣ୍ଡ ଏଣ୍ଟ୍ରି ହେଉଥିବାବେଳେ ସେ ଖୁବ୍ ଭାବୁକ ହୋଇପଡ଼ିଥିଲେ। ପ୍ରଥମ ଥର ମଞ୍ଚ ଉପରେ ଦର୍ଶକଙ୍କୁ ସ୍ପିଚ୍ ଦେଉଥିବାରୁ ଆର୍ଯ୍ୟନ ସାମାନ୍ୟ ନର୍ଭସ୍ ନଜର ଆସିଥିଲେ। ତାଙ୍କ ଦ୍ୱାରା ଯଦି କିଛି ଭୁଲ ହୋଇଛି, ଦର୍ଶକ ତାଙ୍କୁ କ୍ଷମା କରିଦେବେ ବୋଲି ସେ ଅନୁରୋଧ ମଧ୍ୟ କରିଥିଲେ। ଆର୍ଯ୍ୟନଙ୍କ ପ୍ରଥମ ନିର୍ଦ୍ଦେଶିତ ସିରିଜ୍ 'ଦ ବ୍ୟାଡ୍‌ସ ଅଫ୍ ବଲିଉଡ୍'ରେ ମୁଖ୍ୟ ଭୂମିକାରେ ଅଛନ୍ତି ବବି ଦେଓଲ, ଲକ୍ଷ୍ୟ, ଶହେର ବାମ୍ବା, ମନୋଜ ପହୱା, ମୋନା ସିଂହ, ମନୀଷ ଚୌଧରୀ, ରାଘବ, ଆନ୍ୟା ସିଂହ, ବୈଜୟନ୍ତ କୋହଲି ଓ ଗୌତମୀ କପୁର। ଷ୍ଟେଜ ଉପରେ ବବି ଆର୍ଯ୍ୟନଙ୍କୁ ପ୍ରଶଂସା କରି କହିଥିଲେ- ମୁଁ ଆର୍ଯ୍ୟାନଙ୍କୁ ଛୋଟ ବେଳୁ ଦେଖିଛି। ଆର୍ଯ୍ୟାନ ଭିତରେ କିଛି ଯାଦୁକରୀ ଅଛି। ସେ ବିଶ୍ୱରେ ରାଜ କରିବେ। ମୁଁ ଏହି ଶୋ'ର ଅଂଶ ହେବାରୁ ବହୁତ ଭାଗ୍ୟବାନ। ଆର୍ଯ୍ୟାନଙ୍କ ଶୋ' ମୋ ପାଇଁ ସ୍ୱତନ୍ତ୍ର। ଏହି ଶୋ'ରେ ପ୍ରତ୍ୟେକ ଅଭିନେତା ବହୁତ ଭଲ କାମ କରିଛନ୍ତି। ତାହା ପରଦା ଉପରେ ଆଣିବା ଆର୍ଯ୍ୟାନଙ୍କ ପାଇଁ ସହଜ ନଥିଲା। ସବୁଠାରୁ ବଡ କଥା ଶାହରୁଖ୍‌ଙ୍କ ଝଲକ୍ ମଧ୍ୟ ଏଥିରେ ଦେଖିବାକୁ ମିଳିବା ସହ ଅମୀରଙ୍କ ଛୋଟ ଭୂମିକା ବି ରହିଛି। କିଛି ୟୁଜର୍ସ ଆର୍ଯ୍ୟନଙ୍କୁ ବଲିଉଡ୍‌ର ଆଗାମୀ ଦିନର ଷ୍ଟାର୍ ବୋଲି କହିଛନ୍ତି।



'ନୂଆଁଖାଇ–୨୦୨୫' ଶୁଭେଚ୍ଛା ବାର୍ତ୍ତାଦେଲେ କେନ୍ଦ୍ରମନ୍ତ୍ରୀ

## ଚାଷର ଉନ୍ନତି, ଖାଦ୍ୟ ସୁରକ୍ଷାର ବିଶେଷ ପର୍ବ



**ସମ୍ବଲପୁର,୨୭।୮(ସଂଚାର ବ୍ୟୁରୋ):** ଚାଷୀ ଓ ଚାଷୀର ଉନ୍ନତି, ସମସ୍ତଙ୍କର ଖାଦ୍ୟ ସୁରକ୍ଷା, ବନ୍ଧୁମିଳନ ତଥା ଗୁରୁଜନଙ୍କୁ ସମ୍ମାନ ଜଣାଇବା ନୂଆଁଖାଇ ପର୍ବର ଅନନ୍ୟ ବିଶେଷତ୍ୱ ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, ନୂଆଁଖାଇ ପାଇଁ ସବୁଆଡେ ଏବେ ଖୁସି ଓ ଆନନ୍ଦର ବାତାବରଣ ତିଆରି ହୋଇଛି। ଏହି ସମୟରେ ଚାଷ ଖେତରେ ଧାନ ହୁଏ, ଯାହା ସମସ୍ତଙ୍କ ମନରେ ଖୁସି ଭରିଦିଏ। ନୂଆଁଖାଇ ଚାଷୀ ଏବଂ ଚାଷର ଉନ୍ନତି ଏବଂ ସମୃଦ୍ଧିର କଥା କୁହେ। ତା' ସହ ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷାକୁ ଉଜାଗର କରେ। ନୂଆଁଖାଇ କେବଳ ନବାନ୍ନ ସେବନର ପର୍ବ ନୁହେଁ, ଏହା ମଧ୍ୟ ବନ୍ଧୁମିଳନ ଓ ଗୁରୁଜନଙ୍କ ପ୍ରତି ସମ୍ମାନର ପର୍ବ। ସେଥିପାଇଁ ଆମର ନୂଆଁଖାଇ ହେଉଛି ମହାନ ଓ ଅନନ୍ୟ। ମା' ସମଲେଇଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ଖୁସି ଓ ସମୃଦ୍ଧି ଆଣିଥାଉ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି। ଆସନ୍ତାକାଲି ନୂଆଁଖାଇ ଉପଲକ୍ଷେ ଶ୍ରୀ ପ୍ରଧାନ ପ୍ରଥମେ ସମ୍ବଲପୁର ମାନେଶ୍ୱର ବ୍ଲକ ସିନ୍ଦୁରପଙ୍କରେ ନୂଆଁଖାଇ ପାଳନ କରିବାର କାର୍ଯ୍ୟକ୍ରମ ରହିଛି। ପରେ ମା'ସମଲେଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ସେଠାରେ ପ୍ରସାଦ ସେବନ କରିବେ। ପରବର୍ତ୍ତୀ ସମୟରେ ସମ୍ବଲପୁରରେ ଓଡ଼ିଶା ସାଂସ୍କୃତିକ ସମାଜ, ନନ୍ଦପଡାରେ ଚିତ୍ରୋଟ୍ପଲା ଯୁବକ ସଂଘ ଏବଂ ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସମଲେଶ୍ୱରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ପୃଥକ ପୃଥକ ନୂଆଁଖାଇ ଭେଟଘାଟ -୨୦୨୫ରେ ଯୋଗଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

**ମାଲକାନଗିରି, ୨୭।୮ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଜାତୀୟ ସ୍ତରର ସଫଳତାରେ ଜିଲ୍ଲାପାଳ ନିଜର ଖୁସି ବ୍ୟକ୍ତ କରିବା ସହ ଏହା ଆମ ଜିଲ୍ଲା ମାଲକାନଗିରି ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ଶ୍ରୀ ରଣାଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ଶ୍ରୀ ରଣା ସେପ୍ଟେମ୍ବର ୩ରେ ବିଶାଖପାଟଣାରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୫ ରେ ଗୁରୁ ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ରଣା ପୁରସ୍କାର ଗ୍ରହଣ କରିବେ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶ୍ରୀ ରଣା କୁନି କୁନି ପିଲାଙ୍କ ନିମନ୍ତେ ଅଭିନବ ଶିକ୍ଷା ପଦ୍ଧତି ଆପଣେଇ ଥିଲେ। ମାଲକାନଗିରି ଜିଲ୍ଲାର ସୋମନାଥପୁର ପଞ୍ଚାୟତ କଣ୍ଡେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଶ୍ରୀ ରଣା ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଦା ସର୍ବଦା ଚେଷ୍ଟିତ ଓ ସେମାନଙ୍କ ପାଇଁ ଉତ୍ସର୍ଗୀକୃତ। ସୂଚନା ଥାଉକି, ସମଗ୍ର ରାଜ୍ୟରେ କେବଳ ଦୁଇ ଜଣ ଶିକ୍ଷକ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ତନ୍ମଧ୍ୟରୁ ଶ୍ରୀ ରଣା ଅନ୍ୟତମ। ୩୦ଟି ଜିଲ୍ଲାର ୯୦ ଜଣ ଶିକ୍ଷକଙ୍କ ମଧ୍ୟରୁ ୬ ଜଣ ଜାତୀୟ ସ୍ତର ନିମନ୍ତେ ଚୟନ ହୋଇଥିଲେ। ଶ୍ରୀ ରଣା ବିଦ୍ୟାଳୟ ଭିତିଭୂମିର ସୌନ୍ଦର୍ଯ୍ୟକରଣ ଯାହା ଶିଶୁଙ୍କ ଶୈକ୍ଷିକ ବାତାବରଣକୁ ଆହୁରି ଆକର୍ଷଣୀୟ ଓ ମନୋଲଭା କରିଥାଏ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ଆନନ୍ଦ ଉଲ୍ଲାସରେ ଶିଶୁଟିଏ କିଭଳି ପାଠ ପ୍ରତି ଆକୃଷ୍ଟ ହୋଇ ପଢ଼ିବ ସେଥିପ୍ରତି ଯତ୍ନବାନ ହୋଇଥିଲେ। ତାଙ୍କର ଏହି ଅଭିନବ ଶିକ୍ଷା ପଦ୍ଧତି ପାଇଁ ଆଜି ସେ ୨୦୨୫ ଜାତୀୟ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇ ସାରା ରାଜ୍ୟ ଓ ମାଲକାନାଗିରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ, ଶିକ୍ଷା ବିଭାଗ ଯନ୍ତ୍ରୀ ସରୋଜ ସାମନ୍ତରାୟଙ୍କ ସମେତ ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

ଚଳିତ ବର୍ଷ ସୂବର୍ଣ୍ଣରେଖା ନଦୀରେ ଷଷ୍ଠ ବନ୍ୟା

# ୭ ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଗାଁ ଏବେ ମଧ୍ୟ ପାଣିଘେରରେ

**ବାଲିଆପାଳ ,୨୭।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ଆସିଥିବା ଷଷ୍ଠ ବନ୍ୟା ଚତୁର୍ଥ ଦିନରେ ଜଳ ସ୍ତର ହ୍ରାସ ପାଇଥିବା ବେଳେ ଏବେ ମଧ୍ୟ ୩୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ରହିଛି। ମଙ୍ଗଳବାର ଅପରାହ୍ନରୁ ବନ୍ୟା ପାଣି କମିବାରେ ଲାଗିଛି। ବାଲିଆପାଳ ବ୍ଲକର ୭ଟି ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ଏବେ ମଧ୍ୟ ରହିଛି।

ବାଲିଆପାଳ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ମଧ୍ୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ ପ୍ରଭୃତି ପଞ୍ଚାୟତର ଚଡପାଳପଡା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉର୍ଦ୍ଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚିଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି। ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଞ୍ଚୁରୁଖି-ଚଉର୍ଦ୍ଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚିଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ



ଆଜି ମଧ୍ୟ ୨ଫୁଟରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ବିଷ୍ଣୁପୁର, ଜାମକୁଣ୍ଡା ଏବଂ ମଧୁପୁରା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସୋମବାର ରାତ୍ରୀଠାରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ଆଜି ମଧ୍ୟାହ୍ନରେ ଜାମକୁଣ୍ଡା ପଞ୍ଚାୟତର ତାଳପଦା ଗ୍ରାମରେ ୬୭୦ଜଣ, କୁହ୍ଲାଚଡ ଗ୍ରାମରେ ୬୩୦ଜଣ ବିଷ୍ଣୁପୁର ପଞ୍ଚାୟତର ନୟାବାଲି ଗ୍ରାମରେ ୭୫୦ଜଣ, ରସଲପୁର ଗ୍ରାମରେ ୨୦୦, ଇକଡପାଳ ଗ୍ରାମରେ ୨୫୦, ମଧୁପୁରା ପଞ୍ଚାୟତର ଚୌଧୁରିକୁଦ ଗ୍ରାମରେ ୭୭୦ଜଣ ଏବଂ ଚଡବସ୍ତ କାଳରୁଇ ଗ୍ରାମରେ ୪୫୦ଜଣ ଏହିପରି ୩୪୨୦ଜଣ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଆଜି ରାତିରେ ମଧ୍ୟ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ତେବେ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସି ଲୋକଙ୍କ ଧନ ଜୀବନ କ୍ଷତି ହେଉଥିବା ବେଳେ ଚାଷବାସ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ବାରମ୍ବାର ଆସୁଥିବା ବନ୍ୟା ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ହେଲେ ଚୁଡା, ଗୁଡ କିମ୍ବା ରନ୍ଧା ଖାଦ୍ୟ ଅଥବା ରିଲିଫ ଚାଉଳ ନୁହେଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ଏକ ମାତ୍ର ବିକଳ୍ପ।ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଛି। ଜୀବନ ଜୀବିକା ହରାଇ ବନ୍ୟା ପ୍ରଭାବିତ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପୂର୍ବ ସରକାର ମାନେ ଆଗ୍ରହ ପ୍ରକାଶ କରିନଥିଲେ। ବର୍ତ୍ତମାନ କେନ୍ଦ୍ର ଏବଂ ରାଜ୍ୟ ଉଭୟ ସ୍ଥାନରେ ବିଜେପି ସରକାର ଅଛନ୍ତି। ତେଣୁ ସରକାରଙ୍କ ଆଗ୍ରହ ଏବଂ ଇଛାଶକ୍ତି ରହିଲେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣ କହିଛନ୍ତି। ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାଘାଯତିନ ସ୍ମୃତି ପରିଷଦ, ଆର୍ମ ସଂଗଠନ ଓ ଯୁବ ବିକାଶ ପ୍ରଭୃତି ସଂଗଠନ ଅସ୍ତି ପଞ୍ଚାୟତର ବଢାପାଳ ଠାରୁ ଚୈମୁଖ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀର ଉଭୟ ପାର୍ଶ୍ୱରେ ଉଚ୍ଚା ନଦୀ ବନ୍ଧ ନିର୍ମାଣ ପାଇଁ ପ୍ରବଳ ଜନମତ ସୃଷ୍ଟି କରିବା ପାଇଁ ଲାଗିଛନ୍ତି। ତେବେ ସୁବର୍ଣ୍ଣରେଖା ନଦୀରେ ପ୍ରତିବର୍ଷ ଆସୁଥିବା ପ୍ରଳୟଙ୍କରୀ ବନ୍ୟାକୁ ରୋକି ଲୋକଙ୍କ ଧନ ଜୀବନ ରକ୍ଷା କରିବା ପାଇଁ ସରକାରଙ୍କୁ ଯଥାଶୀଘ୍ର ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ଚାରିପଟେ ବନ୍ୟାଜଳ, ଟେଣ୍ଟରେ ଗଜାନନ

**ଜଳେଶ୍ୱର,୨୭।୮(ସଂଚାର ବ୍ୟୁରୋ) :** ବନ୍ୟା ପାଣି ଭିତରେ ଗଣେଶ ପୂଜା। ତଳେ ବନ୍ୟା ପାଣି ଲହଡି ମାରୁଛି। ଟେଣ୍ଟ ଭିତରେ ବିରାଜମାନ କରିଛନ୍ତି ବିଘ୍ନ ନାଶକ ଗଣେଶ। ସୁବର୍ଣ୍ଣରେଖାରେ ବନ୍ୟା ଛଡାଇ ନେଇଛି ଗଣେଶ ପୂଜା ଖୁସି। ବିଘ୍ନବିନାଶକ ଗଣେଶଙ୍କ ପୂଜା ପାଇଁ ଚାରିଆଡେ ଖୁସିର ମୋହୋଲ ଥିବା ବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଦେଖିବାକୁ ମିଳିଛି ଭିନ୍ନ ଦୃଶ୍ୟ। ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଗ୍ରାମର ଗଣିପତି କ୍ଲବ ଆନୁକୂଲ୍ୟରେ ଗଣେଶ ପୂଜା ଅନୁଷ୍ଠିତ ହେଉଥିବା



ବେଳେ ବନ୍ୟା ପାଣିରେ ଦୁର୍ଦ୍ଦଶା ଭିତରେ ଚାଲିଛି ପୂଜା। ଡଙ୍ଗା ସାହାଯ୍ୟରେ ମୂର୍ତ୍ତି ଆଣିଥିବା ବେଳେ ଚାରିଆଡେ ବନ୍ୟା ପାଣି ଭର୍ତ୍ତି ହୋଇଥିବା ଯୋଗୁଂ ତଳକୁ ବି ଉହ୍ଲାଇ ପାରୁ ନାହାନ୍ତି। ଯାହାକୁ ନେଇ ପୂଜା କରିବାକୁ ବ୍ରାହ୍ମଣ ଆସି ପାରୁ ନାହାନ୍ତି। ସୁବର୍ଣ୍ଣରେଖାର ଷଷ୍ଠ ବନ୍ୟା ପୂଜା ଖୁସି ଛଡାଇ ନେଲା ବୋଲି କହିଛନ୍ତି କ୍ଲବର ସଦସ୍ୟ।

## ପାଣି ସ୍ରୋତରେ ଭାସିଗଲା କାର, ୪ ମୃତ

**ମାଲକାନଗିରି, ୨୭।୮(ସଂଚାର ବ୍ୟୁରୋ):** ମାଲକାନଗିରି ସୀମାନ୍ତ ଛତିଶଗଡ ବସ୍ତର ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ପାଣି ସ୍ରୋତରେ ଭାସିଯାଇ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି। ଡ୍ରାଇଭର ପହଁରି ପହଁରି ନିଜ ଜୀବନ ବଞ୍ଚାଇଥିବା ବେଳେ ଦୁଇ ଝିଅ ସମେତ ସ୍ୱାମୀ ଓ ସ୍ତ୍ରୀ ଚାରି ଜଣ ପ୍ରାଣ ହରାଇଛନ୍ତି। ମୃତକ ସମସ୍ତେ ତାମିଲନାଡୁର ବାସିନ୍ଦା ବୋଲି ଜଣାପଡିଛି।

ଦରଭା ପୋଲିସ କହିଛି ଯେ, ସମସ୍ତ ମୃତଦେହ ଉଦ୍ଧାର କରାଯାଇ ଡିମ୍ରାପାଲ ନିଆଯାଇଛି। ସମ୍ପର୍କୀୟ ମାନେ ସେଠାରେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ। ତାମିଲନାଡୁର ଏହି ପରିବାର ବସ୍ତର ଅଞ୍ଚଳ ବୁଲି ଆସିଥିବା ବେଳେ ମଙ୍ଗଳବାର ଦନ୍ତେୱାଡା ଜିଲ୍ଲାର ପ୍ରସିଦ୍ଧ ଦନ୍ତେଶ୍ୱରି ମନ୍ଦିରକୁ ଯାଇଥିଲେ। ହେଲେ ସେଠାରୁ ଫେରିବା ସମୟରେ ୩୦ ନମ୍ବର ଜାତୀୟ ରାଜପଥର ଦରଭା ନିକଟରେ କାର୍‌ଟି ପାଣି ସ୍ରୋତରେ ଭାସି ଯାଇଥିଲା । ସ୍ଥାନୀୟ ଲୋକେ ନିଜ ଆଖିରେ ଏ ଦୃଶ୍ୟ ଦେଖିଥିବା ବେଳେ ଏକ କାର୍ ଭାସି ଯାଉଛି ଆସ ବଞ୍ଚାଇବା ବୋଲି ଚିତ୍କାର କରୁଥିଲେ।

## ଚମ୍ପୁଆ ବ୍ଲକ ବିଜେଡି ସଭାପତି ଭାବେ ଗଣେଶଙ୍କ ନାମ ଘୋଷିତ

**ଚମ୍ପୁଆ, ୨୭।୮ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ପକ୍ଷରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାରେ ଦଳୀୟ ନେତାମାନେ ନିଦ୍ୱର୍ନ୍ଦ୍ୱରେ ମନୋନୀତ ହୋଇଛନ୍ତି। ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାଏକଙ୍କ ଅନୁମୋଦନ କ୍ରମେ ଏହି ନୂତନ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି କ୍ରମରେ ଚମ୍ପୁଆ ବ୍ଲକ ପାଇଁ ଗଣେଷ କୁମାର ଖିଲାର ଓ ଚମ୍ପୁଆ ଏନ୍‌ଏସିପାଇଁ ୧ନଂ ୱାର୍ଡ କାଉନସିଲର ଛତ୍ରପତି ନାଏକଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଜେନା ବିଧିବଧ ଭାବେ ଏହି ଘୋଷଣା କରିଛନ୍ତି। ସୂଚନା ଥାଉକି ଶ୍ରୀ ଖିଲାର ଦିର୍ଘ ବର୍ଷ ଧରି ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ନିକଟତମ ଆନୁଗତ୍ୟ ଭାବେ କାର୍ଯ୍ୟ କରି ଆସୁଅଛନ୍ତି। ସେହିପରି ଚମ୍ପୁଆ ଏନ୍‌ଏସି୧ ନଂ ୱାର୍ଡ ଗୋଧୂଳିର କାଉନସିଲର ଶ୍ରୀ ନାଏକ ଛାତ୍ର ଜୀବନରୁ ଜନସେବା ପ୍ରତି ରୁଚି ରଖିଥିବା ବେଳେ ଚଳିତ ଥର କାଉନସିଲର ଭାବେ ନିର୍ବାଚିତ ହୋଇ ଜନସେବା ଜାରି ରଖିଛନ୍ତି।

ତେବେ ଯୁବ ନେତା ଶ୍ରୀ ନାଏକ ନଗର ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ଚମ୍ପୁଆ ଏନଏସି ର ସମସ୍ତ ୱାର୍ଡରେ ଆନନ୍ଦର ଲହରୀ ଖେଳି ଯାଇଛି। ନବ ନିର୍ବାଚିତ ସଭାପତିଙ୍କୁ ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ନେତୃତ୍ୱରେ ଦଳ ଅଧିକ ସଂଗଠିତ ଓ ସଶକ୍ତ ହେବ ବୋଲି କହିଛନ୍ତି।

● ସିଏମ୍ କିଷାନ ସହାୟତା ରାଶି କିସ୍ତି ପ୍ରଦାନ

## ସମ୍ବଲପୁର ଜିଲ୍ଲାରୁ ଉପକୃତ ହେଲେ ୯୦୯୭୦ ଜଣ ହିତାଧିକାରୀ

**ସମ୍ବଲପୁର, ୨୭।୮ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୃଷି ଭିତିକ ଗଣ ପର୍ବ ନୂଆଁଖାଇ ଅବସରରେ ଓୟୁଏଟି ଭୁବନେଶ୍ୱର ଠାରେ କୃଷକ ମାନଙ୍କୁ ରବି ୨୦୨୫-୨୬ ର ସିଏମ କିଷାନ ସହାୟତା ରାଶି କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ତଥା ପୂର୍ବତନ ବିଧାୟକ ନାଉରି ନାୟକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇଏଏସ ପ୍ରୋବେସନର ସୁଭ୍ରା ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ସିଡିଏଓ ହେମନ୍ତ ଜେନାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, ଚାଷି ବୃନ୍ଦ ଯୋଗଦେଇ ଓୟୁଏଟି ଭୁବନେଶ୍ୱର ଠାରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ କିଷାନ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ ଆଭାସୀ ମାଧ୍ୟମରେ ଦେଖିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ, ରବିନାରାୟଣ ନାୟକ ଯୋଗଦେଇ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଶୁଭକାମନା କରିଥିଲେ। ନିଜ ଅଭିଭାଷଣରେ ଆଜିର ଏହି ଶୁଭଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପ୍ରାୟ ୫୧ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ଚାଷୀମାନଙ୍କୁ ସିଏମ କିଷାନ୍ ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି ସୂଚନା ଦେଇଥିଲେ। ଏହା ପରେ ନିଜ ଜିଲ୍ଲାର ଉନ୍ନତି କରିବାକୁ ହେଲେ ପ୍ରଥମେ ଚାଷକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ ଓ ଚାଷୀ ଭାଇଭଉଣୀଙ୍କୁ ସୁଦୃଢ଼ କରିବାକୁ ପଡ଼ିବ ବୋଲି କହିଥିଲେ। ଏହି ଅବସରରେ ନିଳଡୁଙ୍ଗୁରି ଫାର୍ମରେ ନୂଆ ଟର୍ମିନାଲ ମାର୍କେଟ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି ବୋଲି ମନ୍ତ୍ରୀ ସୂଚନା ଦେଇ କହିଥିଲେ ଏଥର ଆମେ ୨୦ ହଜାର ହେକ୍ଟର ଜମିକୁ ଜଳ ସେଚନ କରାଇବା ପାଇଁ ବ୍ୟବସ୍ଥା କରିଛୁ। ସେଥିପାଇଁ ୧୨ ରୁ ୧୫ ଟି ମେଗା ପ୍ରକଳ୍ପ ଅନୁମୋଦିତ ହୋଇଛି, ଯାହା ଚାଷକାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିବ।ଭାରତ ସରକାରଙ୍କ ଅଧୀନରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଆମ ଅଞ୍ଚଳରେ ନିର୍ମାଣ ହେବ ବୋଲି ଶ୍ରୀ ନାୟକ କହିଥିଲେ। ବିଗତ ଦିନ ଅପେକ୍ଷା ଏଥର ପ୍ରାୟ ୩ ହଜାର ଅଧିକା ଚାଷୀ ସିଏମ୍ କିସାନ ଯୋଜନାରେ ଆବେଦନ କରିଛନ୍ତି। ଆଗାମୀ ଦିନରେ ସମ୍ବଲପୁରରେ ୧୩୨ ଟି ମଣ୍ଡି ସହିତ ୩ ଟି ଷ୍ଟୋରେଜ ନିର୍ମିତ ହେବ ବୋଲି ସେ ସୁଚନା ଦେଇଥିଲେ। କେବଳ ଏତିକି ନୁହେଁ ଆଗାମୀ ଦିନରେ ମହାନଦୀରେ ଆଉ ୭ ଟି ବ୍ୟାରେଜ ଓ ଇଣ୍ଟର ରିଭର୍ କନେକ୍ସନ କରାଯିବାର ଅଛି ବୋଲି ମଧ୍ୟ କହିଥିଲେ। ସିଏମ କିଷାନ ଯୋଜନାରେ ବଞ୍ଚିତ ହୋଇଥିବା ଚାଷୀଙ୍କୁ ପରବର୍ତ୍ତୀ ସମୟରେ ଅନ୍ତର୍ଭୁକ୍ତ କରାଇବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଏହି ସବୁ ସରକାରୀ ଯୋଜନା ବିଷୟରେ ସବୁ ସ୍ତରରେ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉ ବୋଲି ମଧ୍ୟ କହିଥିଲେ।ଯାହା ଦ୍ୱାରା ଅଧିକରୁ ଅଧିକ ଚାଷୀ ମୁଖ୍ୟ ସ୍ରୋତରେ ଅନ୍ତର୍ଭୁକ୍ତ ହୋଇ ପାରିବେ, ଉତ୍ପାଦନ ବୃଦ୍ଧି ପାଇବ, ଆମ ରାଜ୍ୟ କୃଷି କ୍ଷେତ୍ରରେ ଉନ୍ନତି କରିପାରିବ ବୋଲି ମଧ୍ୟ କହିଥିଲେ। ମୁଖ୍ୟମନ୍ତ୍ରୀ ସିଏମ କିଷାନ ଯୋଜନା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଏକ କୃଷକ କଲ୍ୟାଣକାରୀ ପ୍ରଗତିଶୀଳ ତଥା କୃଷକଙ୍କୁ ମୁଖ୍ୟ ସ୍ରୋତରେ ସମ୍ମିଳିତ କରିବା ଭଳି ଯୋଜନା। କୃଷକର ବିକାଶ ଏବଂ ଦାରିଦ୍ର୍ୟ ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଓଡ଼ିଶା ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଆବଶ୍ୟକ ସମୟରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି କିଣିବା ତଥା ସେମାନଙ୍କର ଘରୋଇ ଆବଶ୍ୟକତା ପୂରଣ କରିବା ପାଇଁ ଯୋଗ୍ୟ କୃଷକମାନଙ୍କୁ ସମାନ ଦୁଇଟି କିସ୍ତିରେ ବର୍ଷକୁ ଟ ୪,୦୦୦ / -ଙ୍କା ର ସହାୟତା ପ୍ରଦାନ କରାଯାଉଛି।

## ଅନ୍ତୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଲେ ବିଡିଓ



**ବାଲିଆପାଳ, ୨୭।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗରିବ ଗୁରୁବା ତଥା ଭିନ୍ନକ୍ଷମ ମାନଙ୍କ ପାଇଁ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିଛନ୍ତି। ସେହି ସବୁ ଯୋଜନାର ସୁଫଳ କିପରି ଭାବରେ ହିତାଧିକାରୀମାନେ ପାଇ ପାରିବେ ସେଥିପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେପରି ଜଣେ ଯୋଗ୍ୟ ହିତାଧିକାରୀ ତାର ଅଧିକାରରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଅଧିକାରୀ ମାନେ ସଦାସର୍ବଦା ଚେଷ୍ଟିତ ଅଛନ୍ତି। ସେହିପରି ଏକ ଘଟଣାରେ ବାଲିଆପାଳ ବ୍ଲକ କଚୁଆପଡା ଗ୍ରାମର ସେକ ଜୟରୁଦ୍ଦିନଙ୍କ ଭିନ୍ନକ୍ଷମ ପୁଅ ସେକ ଇବ୍ରାହିମଙ୍କୁ ଅନ୍ତୋଦୟ ଯୋଜନାରେ ସରକାର ଏକ ପକ୍କା ଘର ଯୋଗାଇ ଦେଇଥିଲେ। ଯାହାକୁ ହିତାଧିକାରୀ ଜଣକ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିସାରିଥିଲେ। ମଙ୍ଗଳବାର ବିଡିଓ ରାଧା ରଞ୍ଜନ ଦାସ, ଏବିଡିଓ ଶରତ କୁମାର ମୁଦୁଲି, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଏଡିଓ ଅଞ୍ଜୁଶ୍ରୀ ନାୟକ ଏବଂ ବିପିଏ ସ୍ନେହାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ହିତାଧିକାରୀ ଜଣକ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ଯୋଗୁଁ ସରକାରଙ୍କ ତରଫରୁ ଦିଆଯାଉଥିବା ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ନୂଆଁଖାଇ: ନୂଆ ଫସଲ ଅମଳ କରି ଦିଅଁ ଦେବତାଙ୍କୁ ଅର୍ପଣ

**ବଲାଙ୍ଗିର, ୨୭।୮ (ସଂଚାର ବ୍ୟୁରୋ):** ଓଡ଼ିଶାର ଚାଲିଚଳଣି, ସଂସ୍କୃତି ଓ ପରମ୍ପରା ନିଆରା ଏବଂ ଦେଶର ଅନ୍ୟାନ ଅଞ୍ଚଳ ଠାରୁ ଭିନ୍ନ ଓ ସ୍ୱତନ୍ତ୍ର। କଥାରେ ଅଛି – ଓଡ଼ିଶାରେ ବାର ମାସରେ ତେର ପର୍ବ। ଦୁଃଖ ଓ ଯନ୍ତ୍ରଣା ରେ ପରିପୂର୍ଣ୍ଣ ମଣିଷ ଜୀବନକୁ ସରସ ଓ ସୁନ୍ଦର କରି ଥାଏ ବିଭିନ୍ନ ପର୍ବପର୍ବାଣି। ଓଡ଼ିଶାରେ ପାଳିତ ହେଉଥିବା ବିଭିନ୍ନ ପର୍ବ ପର୍ବାଣି ମଧ୍ୟରେ ନୂଆଖାଇ ପର୍ବ ସ୍ୱତନ୍ତ୍ର। ବିଶେଷ କରି ପଶ୍ଚିମ ଓଡ଼ିଶାରେ ଏହି ପର୍ବ କୁ ଆନନ୍ଦ ଓ ଉଦ୍ଦୀପନାର ସହ ପାଳନ କରା ଯାଇଥାଏ। ବିଦ୍ୟା ଦାତା ପ୍ରଭୁ ଗଣନାଥ ଗଣେଶଙ୍କ ପୂଜା ପର ଦିନ ଅର୍ଥାତ ଭାଦ୍ରବ ମାସ ପଞ୍ଚମୀ ତିଥିରେ ନୂଆଖାଇ ପର୍ବ ପାଳନ କରାଯାଏ। ଏହି ଦିନ ବର୍ଷର ପ୍ରଥମ ଅନ୍ନ ଇଷ୍ଟ ଦେବୀଙ୍କୁ ଅର୍ପଣ କରିବାର ବିଧି ରହିଛି। ଏହି ପର୍ବରେ ବସୁମତୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ପାଇଁ ବର୍ଷର ପ୍ରଥମ ଫସଲର ନୂଆ ଧାନ କେଣ୍ଡା ଓ ନୂଆ ଚୁଡାକୁ ଏକ ନୂଆ ହାଣ୍ଡିରେ ଭୋଗ କରାଯାଇ ଘରର ଇଷ୍ଟଦେବୀ ଓ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ।

ନୂଆଖାଇ ଦିନ ସମସ୍ତେ ଶୀଘ୍ର ଶଯ୍ୟା ତ୍ୟାଗ କରି ନିଜ ନିଜର ନିତ୍ୟକର୍ମ ସାରନ୍ତି। ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ପୂଜାପାଠରେ ବସନ୍ତି। ପିତୃପୁରୁଷଙ୍କୁ ପିଣ୍ଡ ଦାନ ପରେ ନୂଆ ଧାନ କେଣ୍ଡା ଓ ଚୂଡା, ପିଠାପଣା ଦେବଦେବୀଙ୍କୁ ସମର୍ପଣ କରନ୍ତି। ଧୂପ ଦୀପ ଦେଇ ପୂଜା କରନ୍ତି। ଚୂଡା, ଘିଅ, ମହୁ, କ୍ଷୀର, ଗୁଡ କଦଳୀରେ ପ୍ରସ୍ତୁତ ଭୋଗ ଦିଅଁଙ୍କ ନିକଟରେ ଲାଗି କରନ୍ତି। ନୂଆଖାଇ ଅବସରରେ ସାନ ମାନେ ବଡ ମାନଙ୍କୁ ନୂଆଖାଇ ଜୁହାର କରନ୍ତି। ତା ' ପରେ ବଡ ମାନେ ଘରେ ପ୍ରସ୍ତୁତ ପିଠାପଣା, ଖିରିପୁରୀ, ମିଠା, ଡାଲି, ତରକାରୀ, ଆଦି ପ୍ରସାଦ ରୂପେ ସେବନ କରି ଖୁସି ଅନୁଭବ କରନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗିର, ୨୭।୮ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ ର ନିର୍ଦ୍ଦେଶ କ୍ରମେ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଡ. ପବିତ୍ର ମୋହନ ସାମଲଙ୍କ ତତ୍ତ୍ୱାବଧାନରେ ପୁଇଁତାଲା ତହସିଲ କାର୍ଯ୍ୟାଳୟରେ ମାନ୍ୟବର ସର୍ବୋଚ୍ଚ ନିୟ୍ୟାଳୟଙ୍କର ବିଚାରକୁ କୃତିମ ବୁଦ୍ଧି ମାଧ୍ୟମରେ ଆଞ୍ଚଳିକ ଭାଷାରେ ଅନୁବାଦନ ଏବଂ ମାନ୍ୟବର ଉଚ୍ଚ ନିୟ୍ୟାଳୟ ଓଡ଼ିଶା ଠଉ ଜଙ୍କକ୍ଷରସ୍ଥ, ଇଉଜ ଜଙ୍କକ୍ଷରସ୍ଥ, ଗରୟସବସ୍ୱସକ୍ଷଭ ଜଙ୍କକ୍ଷର ୨୦୦୭, ଚଡଟ୍ଟଝୀ ଇମସ୍ୱ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ପବିତ୍ରାନନ୍ଦ ପ୍ରଧାନ ଯୋଗଦେଇ ମାନ୍ୟବର ସର୍ବୋଚ୍ଚ ନିୟ୍ୟାଳୟଙ୍କର ନିଷ୍ପତିକୁ କିଭଳି ଭାବରେ କୃତିମ ବୁଦ୍ଧି ମାଧ୍ୟମରେ ସହଜରେ ବୁଝିହେବ, ତତସହିତ ମାନ୍ୟବର ଉଚ୍ଚ ନିୟ୍ୟାଳୟ ଓଡ଼ିଶାଙ୍କର ଠଉ ଜଙ୍କକ୍ଷରସ୍ଥ, ଇଉଜ ଜଙ୍କକ୍ଷରସ୍ଥ ଉପରେ ଅବଗତ କରାଇ ଓ ଏହା ଦ୍ୱାରା ମାମଲାର ସମାଧାନ କରିବା ପାଇଁ ସଚେତନ କରାଇଥିଲେ। ଏଥି ସହିତ କର୍ମ କ୍ଷେତ୍ରରେ ମହିଳା ମାନଙ୍କ ଉପରେ ହଉଥିବା ଯୌନ ନିର୍ଯ୍ୟାତନା ଓ ଏହାର ପ୍ରତିକାର ସହିତ କର୍ମକ୍ଷେତ୍ରରେ ମହିଳା ମାନେ କିପରି ସୁରକ୍ଷିତ ରହିବେ ଆଲୋକପାତ କରିଥିଲେ। ଉକ୍ତ ଶିବିରରେ ପୁଇଁତାଲା ତହସିଲଦାର ଶ୍ରୀଯୁକ୍ତ ଗୌରବ କୁମାର ବାରଗେ ଯୋଗ ଦେଇ ଇଉଜ ଗରୟସବସ୍ୱସକ୍ଷଭ ଜଙ୍କକ୍ଷର ୨୦୦୭ର ଉପଯୋଗ କରିବା ପାଇଁ ସଚେତନାର ବାତା ଦେଇଥିଲେ। ଏଥିରେ ବଲାଙ୍ଗିର ଓକିଲ ସଂଘ ର ବରିଷ୍ଠ ଆଇନଜିବୀ ପ୍ରଶାନ୍ତ କୁମାର ଯୋଶୀ, ସୁନାଧର ପାଣିଗ୍ରାହୀ ଓ ସିବରାଜ ପତି ଯୋଗଦେଇ ବିକଳ୍ପ ପ୍ରକ୍ରିୟାର ଉପଯୋଗ କରି ମାମଲାର ସମାଧାନ କରିବା ପାଇଁ ସଚେତନ କରାଇଥିଲେ। ଉକ୍ତ ଶିବିରରେ ଆଡିସନାଲ. ତହସିଲଦାର ପୁଇଁତାଲା ଅଶୋକ କୁମାର ମିଶ୍ର ଉପସ୍ଥିତ ଥିଲେ।

## ପିଏମ୍ ଜନ ଧନ ଯୋଜନା: ବଞ୍ଚିତଙ୍କୁ ବ୍ୟାଙ୍କ ସେବା ପ୍ରଦାନର ୧୧ ବର୍ଷ ପୂର୍ତ୍ତି

**ନୂଆଦିଲ୍ଲୀ,୨୭।୮:** ଗୋଟିଏ ଦଶନ୍ଧି ପୂର୍ବରୁ ଅନେକ ଭାରତୀୟଙ୍କ ପାଇଁ ବ୍ୟାଙ୍କ ସେବା ଦିବାସ୍ୱପ୍ନ ପରି ଥିଲା। ବିଶେଷ କରି ଗ୍ରାମୀଣ ଏବଂ ବଞ୍ଚିତ ସମୁଦାୟର ଲୋକମାନେ ଏଥିରୁ ବଞ୍ଚିତ ହେଉଥିଲେ। ଆନୁଷ୍ଠାନିକ ଆର୍ଥିକ ସେବାର ସୁବିଧା ବିନା, ଲକ୍ଷ ଲକ୍ଷ ଲୋକ ଘରେ ନଗଦ ସଞ୍ଚୟ ଏବଂ ଅନୌପଚାରିକ ଋଣଦାତାଙ୍କଠାରୁ ଉଚ୍ଚ ସୁଧ ଋଣ ଉପରେ ନିର୍ଭର କରୁଥିଲେ, ଯାହା ସେମାନଙ୍କୁ ଦୁର୍ବଳତାର ଚକ୍ରରେ ଫସାଇ ଦେଇଥିଲା। ବ୍ୟାଙ୍କ ସେବା ନଥିବା ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେବା, ଅସୁରକ୍ଷିତଙ୍କୁ ସୁରକ୍ଷିତ କରିବା, ଆର୍ଥିକ ସେବାରୁ ବଞ୍ଚିତ ଲୋକଙ୍କୁ ପାଣ୍ଠି ଯୋଗାଇବା ଏବଂ ସେବାରୁ ବଞ୍ଚିତ ଏବଂ ଅବହେଳିତ ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇବାର ଲକ୍ଷ୍ୟ ନେଇ ୨୮ ଅଗଷ୍ଟ ୨୦୧୪ରେ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାର ଶୁଭାରମ୍ଭ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମତରେ, ପିଏମ ଜନଧନ ଯୋଜନା ଗରିବ ଲୋକଙ୍କ ପାଇଁ ଆର୍ଥିକ ସେବାର ଉପଲବ୍ଧତାକୁ ପରିବର୍ତ୍ତନ କରିଛି। ଏହା ବ୍ୟାଙ୍କ ସେବାରୁ ବଞ୍ଚିତ ଲୋକଙ୍କ ମଧ୍ୟରେ ଥିବା ଦୂରତାକୁ ସମାପ୍ତ କରିବା ସହ ସମ୍ମାନ, ଆତ୍ମନିର୍ଭରଶୀଳତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିଛି। ଏହି ଯୋଜନା ଅଧୀନରେ ୫୬.୧୬ କୋଟିରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ଯାହାର ମୋଟ ଜମାରାଶି ୨୦୨୫ ଅଗଷ୍ଟ ମଧ୍ୟଭାଗ ସୁଦ୍ଧା ୨.୬୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୫୬% ଜନଧନ ଖାତା ମହିଳାଙ୍କ ନାମରେ ରହିଛି, ଯାହା ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବାରେ ଯୋଜନାର ଭୂମିକାକୁ ଉଲ୍ଲେଖ କରେ।

ଜନ ଧନ ଯୋଜନାରେ କମ୍ କାଗଜପତ୍ର, ଶୂନ୍ୟ ଜମାରାଶି ଏବଂ ସହଜ କେୱାଇସି ସହିତ ବ୍ୟାଙ୍କ ଖାତା ଖୋଲାଯାଉଛି। ଜନ ଧନ ଖାତା ଖୋଲିବା ପାଇଁ ଏବେ ସୁଦ୍ଧା ୯୯,୭୫୩ଟି ଶିବିର ଆୟୋଜନ କରାଯାଇଛି। ଟଙ୍କା ଉଠାଣ ପାଇଁ ଡେବିଟ୍ କାର୍ଡ ସହିତ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଦୁର୍ଘଟଣା ବୀମା, କ୍ଷୁଦ୍ର ଋଣ, ଓଭରଡ୍ରାଫ୍ଟ, ପେନସନ ସୁବିଧା ମିଳିପାରୁଛି। ଔପଚାରିକ ଆଇନଗତ ଦସ୍ତାବିଜ ନଥିବା ବ୍ୟକ୍ତିବିଶେଷମାନେ ୧୨ ମାସର ଅବଧି ଥିବା ଛୋଟ ଖାତା ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ସୁବିଧା ଏହି ଯୋଜନାରେ ରହିଛି ଯାହାକୁ ପରବର୍ତ୍ତୀ ୧୨ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ବ୍ୟାଙ୍କ ଦ୍ୱାରା ନିଯୁକ୍ତ ଖୁଚୁରା ଏଜେଣ୍ଟ ବା ବ୍ୟାଙ୍କ ମିତ୍ରମାନେ ହିତାଧିକାରୀଙ୍କୁ ସବୁପ୍ରକାର ବ୍ୟାଙ୍କ ସେବା ଯୋଗାଇ ଦେଉଛନ୍ତି। ପିଏମଜେଡିୱାଇ ହିତାଧିକାରୀମାନେ ଡିବିଟି, ପିଏମ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା, ମୁଦ୍ରା ଯୋଜନା ପାଇଁ ଯୋଗ୍ୟତା ହାସଲ କରିପାରୁଛନ୍ତି। ଜନ ଧନ ବ୍ୟାଙ୍କ ଖାତାରେ ୩୨୭ଟି ସରକାରୀ ଯୋଜନାରେ ସିଧାସଳଖ ସହାୟତା ହସ୍ତାନ୍ତର (ଡିବିଟି) ସୁବିଧା ମିଳିପାରୁଛି, ଫଳରେ ବାଟମାରଣା ଏବଂ ଦଲାଲଙ୍କ ହସ୍ତକ୍ଷେପ ଦୂର ହୋଇପାରୁଛି।

୨୦୧୫ରେ ୧୪.୭୨ କୋଟି ଜନ ଧନ ଖାତା ଖୋଲାଯାଇଥିବା ବେଳେ ଅଗଷ୍ଟ ୨୦୨୫ରେ ଖାତା ସଂଖ୍ୟା ୫୬.୧୬ କୋଟିରେ ପହଞ୍ଚିଛି। ୬୭% ଖାତା ଗ୍ରାମୀଣ/ଅର୍ଦ୍ଧ ସହରାଞ୍ଚଳରେ ଖୋଲାଯାଇଥିବା ୩୩% ଜନଧନ ଖାତା ସହରାଞ୍ଚଳ/ମେଟ୍ରୋ ସହରରେ ଖୋଲାଯାଇଛି। ଜନଧନ ଖାତାଧାରୀଙ୍କ ମଧ୍ୟରେ ୫୬% ମହିଳା ରହିଛନ୍ତି। ଏହା ଆର୍ଥିକ ଅନ୍ତର୍ଭୂକ୍ତିକରଣରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁଛି। ଏହା ମଧ୍ୟ ବିଭିନ୍ନ ସାମାଜିକ ଯୋଜନାର ଲାଭ ମଧ୍ୟ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେଉଛି। ମାର୍ଚ୍ଚ ୨୦୧୫ରେ ଜନ ଧନ ଆକାଉଣ୍ଟଗୁଡ଼ିକରେ ୧୫,୬୭୦ କୋଟି ଟଙ୍କା ଜମା ରହିଥିବା ବେଳେ ବର୍ତ୍ତମାନ ଏହି ପରିମାଣ ୨,୬୭,୭୫୫ କୋଟିରେ ପହଞ୍ଚିଛି। ପିଏମଜେଡିୱାଇ ଖାତାଧାରକମାନଙ୍କୁ ବର୍ତ୍ତମାନ ସୁଦ୍ଧା ୩୮.୬୮ କୋଟି ରୂପେ ଡେବିଟ୍ କାର୍ଡ ଜାରି କରାଯାଇଛି।